ବର୍ଷ-୨୬, ସଂଖ୍ୟା-୧୬୭
ଭୁବନେଶ୍ୱର
୨୩, ଜୁନ ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 167
Bhubaneswar
23, June, 2026, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ୪୮ ଘଣ୍ଟାରେ ମୌସୁମୀ ଛୁଇଁବ ସାରା ଓଡ଼ିଶା

ଭୁବନେଶ୍ୱର,୨୨।୬(ମହାଭରତ): ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ମୌସୁମୀ ବାୟୁ ସାରା ଓଡ଼ିଶାକୁ ଛୁଇଁବାକୁ ଯାଉଥିବା ବେଳେ ରାଜ୍ୟରେ ବର୍ଷାର ମାହୋଲ ଆହୁରି ଜୋରଦାର ହେବ। ପାଣିପାଗ ବିଭାଗର ସୂଚନା ଅନୁସାରେ, ମୌସୁମୀର ଅଗ୍ରଗତି ପାଇଁ ସ୍ଥିତି ଅନୁକୂଳ ରହିଥିବାରୁ ଆସନ୍ତା ଦୁଇ ଦିନ ମଧ୍ୟରେ ସମଗ୍ର ରାଜ୍ୟ ମୌସୁମୀ ଅଧୀନକୁ ଆସିଯିବ।ରାଜ୍ୟ ଉପରେ ସକ୍ରିୟ ଟ୍ରଫ୍ ଲାଇନ ଓ କାଳବୈଶାଖୀର ପ୍ରଭାବରେ ଆଗାମୀ ୫ ଦିନ ଯାଏଁ ରାଜ୍ୟବ୍ୟାପୀ ବର୍ଷା ଜାରି ରହିବ। ସେଥିମଧ୍ୟରୁ ଆସନ୍ତା ୨ ଦିନ କିଛି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଜି ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ହୋଇଥିବା ବେଳେ, ଆଗାମୀ ୨୪ ଘଣ୍ଟାରେ କୋରାପୁଟ, ରାୟଗଡ଼ା, କନ୍ଧମାଳ, ବରଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ ପ୍ରବଳ ବର୍ଷା ନେଇ ସତର୍କତା ଜାରି ହୋଇଛି। ଏହାସହ ବଜ୍ରପାତ ଓ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ଝଟକା ପବନ ବହିବାର ଆଶଙ୍କା ରହିଛି।ସେହିପରି ଆସନ୍ତାକାଲି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତ ଓ ଝଟକା ପବନ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପଟେ ଅବଶିଷ୍ଟ ଜିଲ୍ଲାଗୁଡ଼ିକରେ ମଧ୍ୟ ବଜ୍ରପାତ ଓ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି।

# ୯୧୧ ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ପାଇଁ ମିଳିବ ପାଣ୍ଠି

ଭୁବନେଶ୍ୱର,୨୨।୬(ମହାଭରତ): ରାଜ୍ୟରେ ଆଗାମୀ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପ୍ରାକ୍-ପ୍ରସ୍ତୁତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ 'ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୨୬' ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡିଶା ଏକ ସମ୍ପୂର୍ଣ୍ଣ 'ଫୁଲ୍ ପ୍ରୁଫ୍' ବ୍ୟବସ୍ଥା ବିକଶିତ କରିଛି। ଏହି ଫୁଲ୍ ପ୍ରୁଫ୍ ବ୍ୟବସ୍ଥାକୁ ବଜାୟ ରଖିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ଚଳିତ ବର୍ଷ 'ଏଲ୍ ନିନୋ' ପ୍ରଭାବ ଯୋଗୁଁ କମ୍ ବୃଷ୍ଟିପାତ ହେବାର ଆଶଙ୍କା ଥିବାରୁ ଖରିଫ ଫସଲ ଯେପରି ପ୍ରଭାବିତ ନହେବ, ସେଥିପାଇଁ କୃଷି, ଜଳସେଚନ ଓ ଅନ୍ୟ ସମ୍ପୃକ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି ସମ୍ପୂର୍ଣ୍ଣ ସରକାର ଆଭିମୁଖ୍ୟରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୃଷି ବିଭାଗକୁ ସ୍ୱତନ୍ତ୍ର ସ୍ୱତନ୍ତ୍ର ଆକସ୍ମିକ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏକ ରାଜ୍ୟସ୍ତରୀୟ ମନିଟରିଂ ମେକାନିଜିମ୍ ଜରିଆରେ ବୃଷ୍ଟିପାତ, ଜଳସ୍ତର, କ୍ରପ-ପ୍ଲାନିଙ୍ଗ୍ ଏବଂ ସାର ଓ ବିହନ ଯୋଗାଣର ନିୟମିତ ତଦାରଖ କରାଯାଉଛି। ଚଳିତ ବର୍ଷ ମଧ୍ୟପ୍ରାଚ୍ୟରେ ଅଶାନ୍ତ ପରିବେଶ ଯୋଗୁଁ ବିଶ୍ୱବ୍ୟାପୀ ସାର ସଙ୍କଟ ଦେଖାଦେଇପାରେ, ତେଣୁ ୟୁରିଆ ଓ କମ୍ପ୍ଲେକ୍ସ ସାର ଯୋଗାଣ ଉପରେ ତୀକ୍ଷଣ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ପର୍ଯ୍ୟାପ୍ତ 'ନାନୋ ୟୁରିଆ' ମହଜୁଦ ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ବିଶେଷ କରି ସାରର କଳାବଜାରୀ ରୋକିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ 'ନିରକ୍ଷଣ ସମିତି' ଗଠନ କରାଯାଇଛି ।

ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଦକ୍ଷ ବିପର୍ଯ୍ୟୟ ପରିଚାଳନା ଉପରେ ଆଲୋକପାତ କରିଛନ୍ତି। ଓଡ଼ିଶାର ଏହି ସଫଳ 'ଜିରୋ କାଜୁଆଲ୍‌ଟି' (ଶୂନ୍ୟ ମୃତ୍ୟୁହାର) ନୀତି ଆଜି ବିଶ୍ୱବ୍ୟାପୀ ଆଦୃତ ହୋଇଛି। ନିକଟରେ ପୁରୀଠାରେ ଅନୁଷ୍ଠିତ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ବୈଷୟିକ ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ




ମଧ୍ୟ ରାଜ୍ୟର ଏହି ଦୀର୍ଘକାଳୀନ ବିପର୍ଯ୍ୟୟ ପ୍ରଶମନ ଓ ନିରାକରଣ ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଛନ୍ତି ବୋଲି ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

ଗତ ଅକ୍ଟୋବର ମାସରେ ଓଡ଼ିଶା ଉପକୂଳ ଅତିକ୍ରମ କରିଥିବା ସାମୁଦ୍ରିକ ବାତ୍ୟା 'ମୋନ୍ଥା' ଏବଂ ପୂର୍ବର 'ଦାନା' ବାତ୍ୟା ସମୟରେ ରାଜ୍ୟର ଦକ୍ଷ ପରିଚାଳନା ଦେଖିବାକୁ ମିଳିଥିଲା। 'ମୋନ୍ଥା' ଦ୍ୱାରା ରାଜ୍ୟର ୧୧ଟି ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ସରକାରଙ୍କ ସମୟୋଚିତ ପଦକ୍ଷେପ ଯୋଗୁଁ ସମ୍ବେଦନଶୀଳ ଅଞ୍ଚଳରୁ ପ୍ରାୟ ୩୮ ହଜାର ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଯୁଦ୍ଧକାଳୀନ ଉଦ୍ଧାର କାର୍ଯ୍ୟରେ ୩୩ଟି ଓଡ୍ରାଫ୍ (ଡଓଜଇର), ୫ଟି ଏନଡିଆରଏଫ୍ ଏବଂ ୧୨୩ଟି ଅଗ୍ନିଶମ ବାହିନୀ ନିୟୋଜିତ ହୋଇ ରେକର୍ଡ ସମୟ ମଧ୍ୟରେ ସ୍ଥିତି ସ୍ୱାଭାବିକ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ଚାଷୀ ଭାଇମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆମ ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଚାଷୀମାନଙ୍କୁ ସହାୟତା ଦେବା ପାଇଁ ରାଜ୍ୟ ସରକାର 'ଅଦିନିଆ ବର୍ଷା'କୁ ଏକ 'ରାଜ୍ୟ-ନିର୍ଦ୍ଦିଷ୍ଟ ବିପର୍ଯ୍ୟୟ' ଭାବେ ଘୋଷଣା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଭିତ୍ତିଭୂମି ପ୍ରସ୍ତୁତି କ୍ରମରେ ରାଜ୍ୟରେ ଥିବା ୯୧୧ଟି ବହୁମୁଖୀ ଆଶ୍ରୟସ୍ଥଳୀର ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ ଆଶ୍ରୟସ୍ଥଳୀ ପିଛା ୬ ଲକ୍ଷ ଟଙ୍କା ଲେଖାଏଁ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି, ଯେଉଁଠାରେ ପାନୀୟ ଜଳ, ଆଲୋକ ଓ ରନ୍ଧାଖାଦ୍ୟର ବ୍ୟବସ୍ଥା ପ୍ରାକ୍-ପ୍ରସ୍ତୁତି ସମୟରେ ହିଁ ସୁନିଶ୍ଚିତ କରାଯିବ। ଜାତୀୟ ସ୍ତରର କମନ ଆଲର୍ଟିଂ ପ୍ରୋଟୋକଲ (ଉଇଚ) ମାଧ୍ୟମରେ ଝଗଝ ପ୍ରେରଣ ବ୍ୟବସ୍ଥା, ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଏବଂ ୧୧୨ ହେଲ୍ପଲାଇନ ସମ୍ପୂର୍ଣ୍ଣ ସକ୍ରିୟ ରହିଛି। ବିପର୍ଯ୍ୟୟ ସମୟରେ ଗୁଜବ ରୋକିବା ପାଇଁ ଟେଲିଭିଜନ ସହିତ ସୋସିଆଲ ମିଡିଆ ମାଧ୍ୟମରେ ମୋବାଇଲ୍‌ରେ ଲୋକଙ୍କୁ ସଠିକ୍ ଓ ନିର୍ଭୁଲ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ବିଶେଷ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନର ୨୦ଟି ଓଡ୍ରାଫ୍ (ଡଓଜଇର) ଟିମ୍ ଏବଂ ୩୪୭ଟି ଅଗ୍ନିଶମ କେନ୍ଦ୍ର ଅତ୍ୟାଧୁନିକ ସରଞ୍ଜାମ ସହ ପ୍ରସ୍ତୁତ ଥିବାବେଳେ, ରାଜ୍ୟରେ ଆଉ ୧୦ଟି ନୂତନ ଓଡ୍ରାଫ୍ ବାହିନୀ ଗଠନ ପ୍ରକ୍ରିୟା ଜାରି ରହିଛି। ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ସ୍ୱତନ୍ତ୍ରତାକୁ ବଜାୟ ରଖିବା ପାଇଁ ସରକାର ଓ ଜନସାଧାରଣଙ୍କ ମିଳିତ ପ୍ରୟାସ ଏକାନ୍ତ ଆବଶ୍ୟକ ଏବଂ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ଓଡ଼ିଶାବାସୀଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବେ। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ଦର୍ଶାଇଥିଲେ ଯେ ଓଡ଼ିଶା କିଭଳି ବିଗତ ଦିନରେ ପ୍ରାକୃତିକ ସଂକଟଗୁଡ଼ିକର ସଫଳତାର ସହ ମୁକାବିଲା କରି ସାରା ବିଶ୍ୱରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛି। ବିଶେଷ କରି ସରକାରଙ୍କ ସୁଚିନ୍ତିତ ପ୍ରାକ୍-ପ୍ରସ୍ତୁତି ଏବଂ ସମୟୋଚିତ ଉଦ୍ଧାର କାର୍ଯ୍ୟ ଯୋଗୁଁ ରାଜ୍ୟ 'ଜିରୋ କାଜୁଆଲ୍‌ଟି' ବା ଶୂନ୍ୟ ମୃତ୍ୟୁହାର ନୀତିକୁ ସଫଳତାର ସହ ପାଳନ କରିବାରେ ସମର୍ଥ ହୋଇଛି। ରାଜ୍ୟର ବିପର୍ଯ୍ୟୟ ପରିଚାଳନା ପାଇଁ ଆବଶ୍ୟକୀୟ ଆର୍ଥିକ ଅନୁଦାନ ଓ ଭିତ୍ତିଭୂମିର ସମୀକ୍ଷା କରିବା ସହ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି ର ସଠିକ୍ ବିନିଯୋଗ ଉପରେ ଶ୍ରୀ ପୂଜାରୀ ଆଲୋକପାତ କରିଥିଲେ। ସେ ସୂଚନା ଦେଇଥିଲେ ଯେ ବିଗତ ବନ୍ୟା ଓ ବାତ୍ୟା ସମୟରେ ଉତ୍ତର ଓଡ଼ିଶା ଏବଂ ଆକସ୍ମିକ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକୁ କୋଟି କୋଟି ଟଙ୍କାର ତୁରନ୍ତ ରିଲିଫ୍ ଓ ସାଧାରଣ ସମ୍ପତ୍ତିର ସାମୟିକ ମରାମତି ସହାୟତା ଯୋଗାଇ ଦିଆଯାଇଛି ବୋଲି କହିଥିଲେ ।ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଉପସ୍ଥିତ ବିଧାୟକବୃନ୍ଦ ଏବଂ ସାଂସଦଗଣ ନିଜ ନିଜ ନିର୍ବାଚନ ମଣ୍ଡଳୀର ବାସ୍ତବ କ୍ଷେତ୍ରସ୍ତରୀୟ ସ୍ଥିତିକୁ ଆଧାର କରି ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜନପ୍ରତିନିଧିମାନଙ୍କ ସମସ୍ତ ମୂଲ୍ୟବାନ ପରାମର୍ଶକୁ ସ୍ୱାଗତ କରିବା ସହ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଯୋଜନାରେ ଏହାକୁ ଉପଯୁକ୍ତ ସ୍ଥାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ, ସାଂସଦ, ବିଧାୟକ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨୭୦ କୋଟି ବ୍ୟୟରେ 'କବଚ' ବ୍ୟବସ୍ଥା

ଭୁବନେଶ୍ୱର,୨୨।୬(ମହାଭାରତ): ସ୍ୱଦେଶୀ ଜ୍ଞାନକୌଶଳ ମାଧ୍ୟମରେ ରେଳ ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଭାରତୀୟ ରେଳବାଇ ପୂର୍ବତଟ ରେଳପଥର ୬୩୧ ରୁଟ୍ କିଲୋମିଟରରେ ୨୭୦ କୋଟି ବ୍ୟୟରେ 'କବଚ୍' ବ୍ୟବସ୍ଥାର ସ୍ଥାପନ ପାଇଁ ମଞ୍ଜୁରୀ ପ୍ରଦାନ କରିଛି। ଏହି ପ୍ରକଳ୍ପ ଅଧୀନରେ ପୂର୍ବତଟ ରେଳପଥର ଛଅଟି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନ ଯେପରିକି, ବାଘୁଆପାଳ-ବୁଢ଼ାପଙ୍କ, ହରିଦାସପୁର-ପାରାଦୀପ, ଖୋର୍ଦ୍ଧା ରୋଡ୍ -ବଲାଙ୍ଗୀର, ନୌପଡା - ଗୁଣୁପୁର, ଲାଞ୍ଜିଗଡ଼ ରୋଡ୍-ଜୁନାଗଡ଼ ଏବଂ ବୋବିଲି-ସାଲୁରୁ ଅନ୍ତର୍ଭୁକ୍ତ ହୋଇଛି।

ଏହି ଅନୁମୋଦିତ କାର୍ଯ୍ୟ ଭାରତୀୟ ରେଳପଥର ସମଗ୍ର ରେଳ ନେଟୱର୍କରେ ଏଲ୍ ?ଟିଇ ଆଧାରିତ ଯୋଗାଯୋଗ ବ୍ୟବସ୍ଥା ସହିତ କବଚ ସ୍ଥାପନର ବୃହତ୍ କାର୍ଯ୍ୟକ୍ରମର ଏକ ଅଂଶ ଅଟେ।'କବଚ୍' ହେଉଛି ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ପ୍ରଣାଳୀ, ଯାହାକି ସିଗନାଲ୍ ଅତିକ୍ରମଣ ଜନିତ ବିପଦ, ଅତ୍ୟଧିକ ବେଗ ଏବଂ ଟ୍ରେନ୍ ମୁହାଁମୁହିଁ ଧକ୍କାକୁ ରୋକି ସୁରକ୍ଷା ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ବ୍ୟବସ୍ଥା ନିରନ୍ତର ଭାବେ ଟ୍ରେନ୍ ?ର ଗତିବିଧି ଉପରେ ନଜର ରଖେ ଏବଂ ଆବଶ୍ୟକ ସ୍ଥଳେ ସ୍ୱୟଂଚାଳିତ ଭାବେ ବ୍ରେକ୍ ପ୍ରୟୋଗ କରିଥାଏ, ଯାହାଦ୍ୱାରା ପରିଚାଳନାଗତ ସୁରକ୍ଷାରେ ଉଲ୍ଲେଖନୀୟ ସୁଧାର ଆସିଥାଏ।

ଏହି ରୁଟ୍‌ଗୁଡ଼ିକରେ କବଚ ସ୍ଥାପନ ଦ୍ୱାରା ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ଏବଂ ଧକ୍କା ନିବାରଣ କ୍ଷମତା ଯୋଗାଇ ଟ୍ରେନ୍ ପରିଚାଳନାରେ ଉଚ୍ଚସ୍ତରୀୟ ସୁରକ୍ଷା ହାସଲ କରିବାରେ ସହାୟକ ହେବ। ଏହା ସହିତ, କବଚ ଘନ କୁହୁଡ଼ି ଭଳି ପ୍ରତିକୂଳ ପାଣିପାଗ ପରିସ୍ଥିତିରେ ମଧ୍ୟ ଅଧିକ ସୁରକ୍ଷିତ ଓ ନିର୍ଭରଯୋଗ୍ୟ ଟ୍ରେନ୍ ଚଳାଚଳକୁ ସୁନିଶ୍ଚିତ କରିବ, ଯାହା ଦ୍ୱାରା ସେବାର ନିର୍ଭରଯୋଗ୍ୟତା ଏବଂ ସମୟାନୁବର୍ତ୍ତିତାରେ ଉନ୍ନତି ଆସିବ। ଏହି ପ୍ରକଳ୍ପ ଦ୍ୱାରା ପୂର୍ବତଟ ରେଳପଥ ଅଧୀନରେ ଥିବା ଓଡ଼ିଶା ଏବଂ ପଡ଼ୋଶୀ ଅଞ୍ଚଳର ପ୍ରମୁଖ ସେକ୍ସନ ଗୁଡ଼ିକରେ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ୍ ପରିଚାଳନା ଉଭୟକୁ ଉପକୃତ ଲାଭ ମିଳିବ ବୋଲି ଆଶା କରାଯାଉଛି। ଏହା ଉଚ୍ଚ-ଘନତା ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ରୁଟ୍ ଗୁଡ଼ିକରେ କବଚ୍ ?ର ପରିସରକୁ ସମ୍ପ୍ରସାରିତ କରିବା ପାଇଁ ଭାରତୀୟ ରେଳବାଇର ଚାଲିଥିବା ମିଶନ୍ ?କୁ ଅଧିକ ମଜବୁତ କରିବ।

## ତାମିଲନାଡୁ ଗ୍ୟାସ୍ ଘଟଣାରେ ୫ ଓଡିଆ ମୃତ

ଭୁବନେଶ୍ୱର,୨୨।୬(ମହାଭାରତ): ଗତକାଲି (ରବିବାର) ତାମିଲନାଡୁର ଥିରୁଭାଲ୍ଲୁର ସ୍ଥିତ ସେଣ୍ଟ ପିଟର୍ସ ପାଉଲ୍ ସିଫୁଡ୍‌ସ ଏକ୍ସପୋର୍ଟସ୍ ପ୍ରା ଲିଃରେ ବିଷାକ୍ତ ଆମୋନିଆ ଗ୍ୟାସ୍ ଲିକ୍ ହୋଇ ୧୦ରୁ ଊର୍ଦ୍ଧ୍ୱ ମୃତାହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ଓଡିଶାର ଥିବା ବେଳେ ଅନ୍ୟମାନେ ଆସାମ ଓ ଝାଡଖଣ୍ଡ ରାଜ୍ୟର ଅଟନ୍ତି। ଆଜି ମୃତ ଓଡିଆ ଶ୍ରମିକଙ୍କୁ ଚିହ୍ନଟ କରାଯାଇଛି। ସମସ୍ତ ମୃତ ଶ୍ରମିକ ମହିଳା ଓ କେନ୍ଦୁଝର ଜିଲ୍ଲାର ବୋଲି ଜଣାଯାଇଛି।

ତାମିଲନାଡୁର କାନ୍ନିଗାପେର ଅଞ୍ଚଳରେ ଘଟିଥିବା ଆମୋନିଆ ଗ୍ୟାସ ଦୁର୍ଘଟଣାରେ ଓଡ଼ିଶାର ୫ ଜଣ ଶ୍ରମିକଙ୍କ ଦୁଃଖଦ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସଂପର୍କୀୟଙ୍କୁ ୪ ଲକ୍ଷଟଙ୍କାର କ୍ଷତିପୂରଣ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅର୍ଥ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ପ୍ରଦାନ କରାଯିବ। ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରମ ବିଭାଗ ଓ ତାମିଲନାଡୁ ପ୍ରଶାସନ ସହ ନିରନ୍ତର ସମନ୍ୱୟ ରଖାଯାଉଛି ।ମୃତ ଶ୍ରମିକମାନଙ୍କ ପରିଚୟ ସୁନିଶ୍ଚିତ କରାଯାଇଛି ଏବଂ ମୃତଦେହଗୁଡ଼ିକର ବ୍ୟବଚ୍ଛେଦ ପ୍ରକ୍ରିୟା ଶେଷ ହେବା ପରେ ସମ୍ମାନର ସହିତ ସେମାନଙ୍କ ଗାଁକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି । ଆହତ ଶ୍ରମିକମାନଙ୍କ ଚିକିତ୍ସା ଉପରେ ସରକାର ନଜର ରଖିଛନ୍ତି ଏବଂ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି । ପୀଡ଼ିତ ପରିବାରମାନଙ୍କୁ ସରକାରୀ ସହାୟତା ଏବଂ ନିୟମାନୁସାରେ କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ନିଆଯାଇଛି ।

### ପୀଡ଼ିତ ପରିବାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା



ସୂଚନାନୁସାରେ, ତେଲକୋଇର ଅନ୍ୟ ଗାଁ ଓ ବାଂଶପାଳ ବ୍ଲକ୍‌ର ବିଭିନ୍ନ ଗାଁରୁ ମଧ୍ୟ ସେଠାରେ ଶ୍ରମିକ ଭାବେ ନିୟୋଜିତ ହୋଇଛନ୍ତି। ସମର୍ଥିତ ସୂତ୍ରରୁ ମୃତକଙ୍କ ସମ୍ପର୍କରେ ମିଳିଥିବା ସୂଚନାରେ, ମୃତକମାନେ ହେଲେ, ବାଂଶପାଳ ବ୍ଲକ୍ ତଳ ଚମ୍ପେଇ ଗାଁର ଚମ୍ପାବତୀ ଜୁଆଙ୍ଗ, କୋଡିପଶା ଗାଁର ଫୁଲମଣି ଜୁଆଙ୍ଗ, ତେଲକୋଇ ବ୍ଲକ୍ ରାଇସୁଆଁ ଅଞ୍ଚଳ ପାଟକୁଳି ପଞ୍ଚାୟତର ଟାଙ୍ଗିରି ଗାଁର ଶିବାନୀ ଜୁଆଙ୍ଗ ଓ ଗୀତା ଜୁଆଙ୍ଗ। ତେଲକୋଇ ବ୍ଲକ୍ ତାଳପଦା ଅଞ୍ଚଳର ରଙ୍ଗମାଟିଆ ଗାଁର ଗୁମାଣୀ ଜୁଆଙ୍ଗ।ରଙ୍ଗମାଟିଆ ଗାଁରୁ କେବଳ ୧୦ଜଣ ପୁଅ ଓ ୮ ଜଣ ଉକ୍ତ ଚିଙ୍ଗୁଡି କାରଖାନାରେ କାମ କରିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୪ ଜଣ ଚିକିତ୍ସିତ ହେଉଥିବା ଜଣାଯାଇଛି। ଏମାନେ ପ୍ରାୟ ୮ ମାସ ପୂର୍ବେ ସେହି ସଂସ୍ଥାରେ ନିଯୁକ୍ତି ପାଇଥିଲେ। ସେମାନଙ୍କୁ ମାସକୁ ୭ରୁ ୮ହଜାର ଟଙ୍କା ଦରମା ସହ ରହିବା ଓ ଖାଇବା ସୁବିଧା ମିଳୁଥିଲା। ଏଥିରୁ ସେମାନେ ଘରକୁ ୨ରୁ ୩ ହଜାର ଟଙ୍କା ପଠାଉଥିଲେ। ଗୁମାଣୀଙ୍କ ପିତା କହିଛନ୍ତି, ତାଙ୍କ ଝିଅ ହିଁ ପରିବାରର ଏକ ବଡ ରୋଜଗାରିଆ ସଦସ୍ୟ। ତାଙ୍କ ନିକଟରେ ବର୍ତ୍ତମାନ ଶୁଦ୍ଧିକ୍ରିୟା କରିବାକୁ ଅର୍ଥର ଅଭାବ ରହିଛି।

## ସୁଧୁରିଲା ବ୍ରିଟିଶ ଅମଳର ତ୍ରୁଟି

### ୨୬ ଜିଲ୍ଲାର ୬୪ ସ୍ଥାନର ଇଂରାଜୀ ବନାନରେ ସଂଶୋଧନ

ଭୁବନେଶ୍ୱର,୨୨।୬(ମହାଭାରତ): ସାଧାରଣ ଲୋକଙ୍କ ମତାମତ, ପ୍ରତିଭା ରାୟ କମିଟିଙ୍କ ସୁପାରିଶ ଓ କ୍ୟାବିନେଟ୍ ଅନୁମୋଦନ ପରେ ବ୍ରିଟିଶ ଅମଳର ବନାନଗତ ତ୍ରୁଟିକୁ ସଂଶୋଧନ କରିବା ନିମନ୍ତେ ଆଜି ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। ରାଜ୍ୟର ୨୬ଟି ଜିଲ୍ଲାର ୬୪ଟି ସ୍ଥାନର ବିକୃତ ଇଂରାଜୀ ବନାନକୁ ବଦଳାଇ ପ୍ରକୃତ ଓଡିଆ ଉଚ୍ଚାରଣ ଅନୁରୂପ କରାଯାଇଛି।

ସରକାରୀ ରେକର୍ଡରେ ଔପନିବେଶିକ ସମୟର ବିକୃତ ଇଂରାଜୀ ବନାନ ପରିବର୍ତ୍ତ ଓଡିଆ ଭାଷାର କଥନ ଶୈଳୀ ଓ ଶବ୍ଦକୁ ଆଧାର କରି ଏହି ବନାନ ସଂଶୋଧନ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଭାଗ ପକ୍ଷରୁ ଏହି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ଯାହାକି ଓଡିଶା ଗେଜେଟରେ ପ୍ରକାଶ ପାଇବା ଦିନଠୁ ହିଁ ନୂଆ ସଂଶୋଧିତ ବନାନ କାର୍ଯ୍ୟକାରୀ ହେବ ବୋଲି ଉଲ୍ଲେଖ ରହିଛି।ଏହି ବିଜ୍ଞପ୍ତି ଅନୁସାରେ ରାଜ୍ୟର ୨୬ଟି ଜିଲ୍ଲାର ୬୪ଟି ପ୍ରମୁଖ ସ୍ଥାନର ଇଂରାଜୀ ଉଚ୍ଚାରଣରେ ସଂଶୋଧନ ହୋଇଛି। ସରକାରୀସ୍ତରରେ ବ୍ୟବହାର କରାଯାଉଥିବା ଜିଲ୍ଲା, ସବଡିଭିଜନ, ତହସିଲ, ବ୍ଲକ ଓ ସହରାଂଚଳ ସ୍ଥାନୀୟ ସଂସ୍ଥାଗୁଡିକର ପୁରୁଣା ଇଂରାଜୀ ବନାନ ସ୍ଥାନରେ ଏହି ସଂଶୋଧିତ ନୂଆ ବନାନକୁ କାର୍ଯ୍ୟକାରୀ କରାଯିବ। ଏହି ପରିବର୍ତ୍ତନ କେବଳ ଇଂରାଜୀ ବନାନର ସଂଶୋଧନ ପାଇଁ କରାଯାଇଛି, ଏହାଦ୍ୱାରା ସମ୍ପୃକ୍ତ ପ୍ରଶାସନିକ ଏକକଗୁଡିକର ମୂଳ ଓଡିଆ ନାମ କିମ୍ବା ସୀମାରେ କୌଣସି ପ୍ରକାରର ପରିବର୍ତ୍ତନ ହେବ ନାହିଁ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହି ନୂତନ ନିର୍ଦ୍ଦେଶନାମା ଅନୁଯାୟୀ ଓଡିଶାର ବିଭିନ୍ନ ପ୍ରମୁଖ ସ୍ଥାନର ପରିବର୍ତ୍ତିତ ନାମ ଏଣିକି ଇଂରାଜୀ ଉଚ୍ଚାରଣରେ ଅନୁଗୋଳ ପରିବର୍ତ୍ତ ଅନୁଗୁଳ, ଖୋରଧା ନୁହେଁ ଖୋର୍ଦ୍ଧା, ଦେଓଗର ପରିବର୍ତ୍ତ ଦେବଗଡ, କେନ୍ଦ୍ରାପରା ବଦଳରେ କେନ୍ଦ୍ରାପଡା ଭାବେ ସଠିକ୍ ଓଡିଆ ଉଚ୍ଚାରଣ ସହ ସମ୍ପୂର୍ଣ୍ଣ ସମାନତା ରକ୍ଷା କରି ଏହି ସମସ୍ତ ଇଂରାଜୀ ବନାନକୁ ଚୂଡାନ୍ତ ରୂପ ଦିଆଯାଇଛି। ଏହି ନିର୍ଦ୍ଦେଶନାମାର ନକଲକୁ ରାଜ୍ୟର ସମସ୍ତ ବିଭାଗ, ଆରଡିସି, ଜିଲ୍ଲାପାଳ, ତହସିଲଦାର ଓ ସମସ୍ତ ସରକାରୀ ସଂସ୍ଥାକୁ ଜରୁରୀ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି।

## କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ, ୧୪ଜଣଙ୍କ ମୃତ୍ୟୁ

ଲକ୍ଷ୍ନୌ ,୨୨।୬(ମହାଭାରତ): ଉତ୍ତର ପ୍ରଦେଶ ଲକ୍ଷ୍ନୌ ଆଲିଗଞ୍ଜ ଅଞ୍ଚଳରେ ଆଜି ଏକ କୋଚିଂ ସେଣ୍ଟରରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୧୪ ଜଣଙ୍କର ମୃତ୍ୟୁ ହୋଇଯାଇଛି। ଉଶା ମେହଟା ମାର୍ଗରେ ଥିବା ଏକ ୩ ମହଲା ବିଶିଷ୍ଟ କୋଠାରେ କୋଚିଂ ସେଣ୍ଟର୍ ସହ ଏକ ପେଟ୍ ସପ୍ ଏବଂ ଏକ ଆନିମେସନ୍ ସେଣ୍ଟର୍ ଚାଲିଥିଲା। ଅପରାହ୍ନ ପ୍ରାୟ ୩ଟା ସମୟରେ ହଠାତ କୋଠାରେ ନିଆଁ ଲାଗି ଯାଇଥିଲା ଏବଂ ଆଖି ପିଛୁଳାକେ କଳା ଧୂଆଁ ଆକାଶକୁ ଉଠିବା ସହ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଥିଲା। ଖବର ପାଇ ଅଗ୍ନି ନିର୍ବାପକ ଦଳ, ପୁଲିସ, ଏନ୍‌ଡିଆରଏଫ୍, ଏସଡିଆରଏଫ୍ ଏବଂ ସିଭିଲ ଡିଫେନ୍ସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଅପରେସନ୍ ଆରମ୍ଭ କରିଥିଲେ। ନିଆଁକୁ ନିୟନ୍ତ୍ରଣ କରିବା ଏତେ ସହଜ ହୋଇଥିଲା।

ଅଗ୍ନିକାଣ୍ଡ ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଅଗ୍ନିଶମ ବାହିନୀର ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଖବର ପାଇବା ପରେ ଅଧିକାରୀମାନଙ୍କୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ସହିତ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁର୍ଘଟଣା ପରେ ଆଲିଗଡଗସ୍ତ ବାତିଲ କରିଛନ୍ତି ମୁଖ୍ୟମନ୍ତ୍ରୀ।




ତେବେ ବହୁ କସରତ କରିବାପରେ ଅଗ୍ନି ନିର୍ବାପକ ଦଳ ନିଆଁକୁ ନିୟନ୍ତ୍ରଣ କରିଥିଲେ ଏବଂ ନିକଟସ୍ଥ ଏକ ଘର ଦେଇଏହି କୋଠାକୁ ଷ୍ଟ୍ରେଚର୍ ନିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉକ୍ତ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ଶୋକ ସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ପ୍ରଭାବିତ ପରିବାରରେ ପହଞ୍ଚିବାପାଇଁ ଏବଂ ସମସ୍ତ ସହଯୋଗ ପ୍ରଦାନ କରିବାପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷେ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ କହିଛନ୍ତି, ଅଗ୍ନିକାଣ୍ଡରେ ୧୪ ଜଣଙ୍କର ମୃତ୍ୟୁ ହୋଇଛି। ଅଧିକାଂଶ ମୃତକ କମ୍ ବୟସ୍କ ବୋଲି ଜଣାପଡିଛି। ଆହୁରି କିଛି ଲୋକ ମଧ୍ୟ ଏହି କୋଠାରେ ଫସି ରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଉକ୍ତ ଘଟଣାରେ ଶୋକ ପ୍ରକାଶ କରିଛନ୍ତି। ଉଭୟ ମୃତକ ଏବଂ ଆହତଙ୍କ ପାଇଁ ପ୍ରଧାନମନ୍ତ୍ରୀ ସହାୟତା ରାଶି ଘୋଷଣା କରିଛନ୍ତି। ମୃତକଙ୍କ ପରିବାର ସଦସ୍ୟଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ଏବଂ ଆହତଙ୍କ ପରିବାର ସଦସ୍ୟଙ୍କୁ ୫ ହଜାର ଟଙ୍କାର କ୍ଷତିପୂରଣ ମିଳିବ ବୋଲି ପ୍ରଧାନମନ୍ତ୍ରୀଙ୍କ ଅଫିସ୍ ପକ୍ଷରୁ ଘୋଷଣା କରାଯାଇଛି।

## ଆଇନଜୀବୀ ମାନଙ୍କ ସହାୟତା ପରିମାଣ ବୃଦ୍ଧି

ଭୁବନେଶ୍ୱର,୨୨।୬(ମହାଭାରତ): ରାଜ୍ୟରେ କାର୍ଯ୍ୟରତ ଆଇନଜୀବୀ ମାନଙ୍କ ସହାୟତା ପାଇଁ ଥିବା ରାଜ୍ୟ କଲ୍ୟାଣ ପାଣ୍ଠିରୁ ଆଇନଜୀବୀ ମାନଙ୍କୁ ଅବସର କିମ୍ବା ଦେହାନ୍ତ କ୍ଷେତ୍ରରେ ତାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଇନଜୀବୀ ମାନଙ୍କ ପାଇଁ ଏହି ସହାୟତା ରାଶିର ପରିମାଣ ୪୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ରାଜ୍ୟର ବିଭିନ୍ନ କୋର୍ଟରେ କାର୍ଯ୍ୟରତ ହଜାର ହଜାର ଆଇନଜୀବୀ ମାନେ ଉପକୃତ ହୋଇପାରିବେ। ସୂଚନାଯୋଗ୍ୟ ଯେ, ଶେଷଥର ପାଇଁ ଆଇନଜୀବୀ ମାନଙ୍କର ଏହି ସହାୟତା ରାଶି ୨୦୨୧ ମସିହାରେ ବୃଦ୍ଧି ପାଇଥିଲା। ଏହି ସହାୟତା ରାଶି ବୃଦ୍ଧିଦ୍ୱାରା ୫ ବର୍ଷ ବା ଏଥିରୁ କମ୍ ସମୟ ପାଇଁ କାର୍ଯ୍ୟରତ ଆଇନଜୀବୀ ମାନଙ୍କୁ କେବଳ ଦେହାନ୍ତ କ୍ଷେତ୍ରରେ ପରିବାରର ନିକଟତମ ଆତ୍ମୀୟଙ୍କୁ ୧,୦୫,୦୦୦ ଟଙ୍କା ସହାୟତା ଦିଆଯିବ। ଏହାପରେ ପ୍ରତ୍ୟେକ ଅଧିକ ବର୍ଷର ଅଭିଜ୍ଞତା ପାଇଁ ସହାୟତା ରାଶି ପରିମାଣ ବୃଦ୍ଧି ପାଇବ। ଅବସର ଓ ଦେହାନ୍ତ କ୍ଷେତ୍ରରେ ଏହି ସହାୟତା ମିଳିବ। ୩୦ ବର୍ଷ କାର୍ଯ୍ୟରତ ଥିଲେ, ଅବସର କ୍ଷେତ୍ରରେ ସମ୍ପୃକ୍ତ ଆଇନଜୀବୀଙ୍କୁ କିମ୍ବା ଦେହାନ୍ତ କ୍ଷେତ୍ରରେ ତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ୬,୩୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ଏହା ସର୍ବାଧିକ ସହାୟତା ପରିମାଣ।

# ମାଣ୍ଡିଆ ରସାବଳି



**ଆବଶ୍ୟକ ସାମଗ୍ରୀ:** ରାବିଡି ପାଇଁ ନିଅନ୍ତୁ ଗୋଟିଏ ଲିଟର କ୍ଷୀର, ମାଣ୍ଡିଆ ୩ ଚାମଚ, ସୁଜି ଗୋଟେ ଚାମଚ, ଚିନି ଗୋଟେ ଚାମଚ, ତିନୋଟି ଗୁଜୁରାତ

**ପ୍ରସ୍ତୁତି ପ୍ରଣାଳୀ:** ମାଣ୍ଡିଆ, ସୁଜି, ଚିନିକୁ ପକାଇ ମିଶାନ୍ତୁ । ଏବେ ଏଥିରେ ପାଣି ଦେଇ ଗୋଳାନ୍ତୁ । ଏବେ ସେଥିରେ ଗୁଜୁରାତି ୩ଟି ଗୁଣ୍ଡ କରି ପକାଇ ଦିଅନ୍ତୁ । ଏବେ ଏଥିରେ ଟିକେ ଲୁଣ ପକାଇ ମିଶାନ୍ତୁ ।

ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ଏବେ ଏଥିରେ ଦୁଇ ଚାମଚ ତେଲ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଛୋଟ ଛୋଟ ପିଠା ଭଳି ପ୍ୟାନରେ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଗୋଟେ ପ୍ଲେଟ ଉପରେ କାଢି ଦିଅନ୍ତୁ। ଏହା ଉପରେ ରାବିଡିକୁ ଢାଳି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମାଣ୍ଡିଆ ରସାବଳି ।

ଖବର

# ବଲିଉଡ କପୁର ପରିବାରରେ ବାଜିବ ସାହାନାଇ, ହାତକୁ ଦି'





ବଲିଉଡ କପୁର ପରିବାରରେ ବାଜିବ ସାହାନାଇ । ହାତକୁ ଦି' ହାତ ହେବାକୁ ଯାଉଛନ୍ତି ବୋନି କପୁରଙ୍କ ଝିଅ ଅଂଶୁଲା କପୁର ଓ ରୋହନ ଠାକ୍କର । ଗତକାଲିଠୁ ଏହି ଦମ୍ପତି ପରିବାରର ନିକଟତର ସଦସ୍ୟ ଏବଂ ବନ୍ଧୁମାନଙ୍କ ଉପସ୍ଥିତିରେ ସେମାନଙ୍କର ବିବାହ ପୂର୍ବ ଉତ୍ସବ ଆରମ୍ଭ କରିଛନ୍ତି । ଅର୍ଜୁନ କପୁର, ସନାୟା କପୁର ଏବଂ ଜାହ୍ନବୀ କପୁରଙ୍କ ସମେତ ପରିବାରର ଅନେକ ସଦସ୍ୟ ଏହି ସେରମନି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଇଭେଣ୍ଟର ଫଟୋ ସେୟାର କରି ସନାୟା ଲେଖିଛନ୍ତି, "ଆମେ ତୁମକୁ ଭଲ ପାଉଛୁ ଅଂଶୁଲା ଓ ରୋହନ," ଯେତେବେଳେ ମହୀପ୍ ତାଙ୍କ ପୋଷ୍ଟର କ୍ୟାପସନ ଦେଇଛନ୍ତି, "ବିବାହ ସେରମନି ଆରମ୍ଭ । ଜୟ ମାତା ଦି, ଅଂଶୁଲା ଏବଂ ରୋହନ ।" ଫଟୋଗୁଡ଼ିକରେ, ଅଂଶୁଲା ଗୋଲେ୍‌ଡନ ଓ ମଲ୍‌ଟି କଲର୍ ଏମ୍ବ୍ରୋଡେରୀ ଲେହେଙ୍ଗା ଲୁକରେ ନଜର ଆସିଛନ୍ତି । ରୋହନ ପାରମ୍ପରିକ ଲୁକ୍ ସହ ଏକ ମେରୁନ୍ ଶେରୱାନୀରେ ଦେଖିବାକୁ ମିଳିଛି । ଜାହ୍ନବୀ କପୁର ଏବଂ ଖୁସି କପୁରଙ୍କୁ ମଧ୍ୟ ପାରମ୍ପରିକ ପୋଷାକରେ ଦେଖିବାକୁ ମିଳିଛି । ଜାହ୍ନବୀ ଏକ ଗୋଲାପୀ ସିଲ୍କ ଶାଢ଼ିରେ ନଜର ଆସିଥିବା ବେଳେ ଖୁସି ଗୋଲାପୀ ଲେହେଙ୍ଗାରେ ନଜର ଆସିଛନ୍ତି । ଏଥିସହ ଏହି ସମାରୋହରେ ଅର୍ଜୁନ କପୁର, ଶନାୟା କପୁର, ଜାହ୍ନବୀ କପୁର, ଖୁସି କପୁର, ମହୀପ କପୁର, ସଞ୍ଜୟ କପୁର ଏବଂ ପରିବାରର ଅନ୍ୟାନ୍ୟ ସଦସ୍ୟ ଏବଂ ବନ୍ଧୁମାନେ ମଧ୍ୟ ଉପସ୍ଥିତ ଥିଲେ । ଅଂଶୁଲା କପୁର ଓ ରୋହନ ଠାକ୍କରଙ୍କ ସହ ୬ ଜୁଲାଇ, ୨୦୨୬ରେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି । ସେମାନଙ୍କ ଘରେ ବିବାହ ପୂର୍ବ ରୀତିନୀତି ଏବଂ ପୂଜା ଆରମ୍ଭ ହୋଇସାରିଛି । ବିବାହ ପ୍ରସ୍ତୁତି ସମୟରେ ସମ୍ପୂର୍ଣ୍ଣ କପୁର ପରିବାରକୁ ଏକାଠି ଦେଖିବାକୁ ମିଳିଥିଲା । ଅଂଶୁଲା କପୁର ଏବଂ ରୋହନ ଠାକ୍କରଙ୍କ ପୂଜା ସମୟରେ ଆଳତି କରାଯାଇଥିଲା, ଯେଉଁଠାରେ କପୁର ପରିବାର ଉପସ୍ଥିତ ଥିଲେ । ଅଂଶୁଲାଙ୍କ ଭାଇ ଅର୍ଜୁନ କପୁରଙ୍କୁ ଲାଲ ପାରମ୍ପରିକ ପୋଷାକରେ ଭାଇ ଭାବରେ କର୍ତ୍ତବ୍ୟ ପାଳନ କରୁଥିବାର ଦେଖାଯାଇଥିଲା ।

ରିପୋର୍ଟ ଅନୁସାରେ ଅଂଶୁଲା କପୁର ଏବଂ ରୋହନ ଠାକ୍କର ଅକ୍ଟୋବର ୨୦୨୫ ରେ ନିର୍ବନ୍ଧ କରିଥିଲେ । ସେମାନେ ପ୍ରଥମ ଥର ପାଇଁ ୨୦୨୨ରେ ଏକ ଡେଟିଂ ଆପ୍ ମାଧ୍ୟମରେ ସାକ୍ଷାତ କରିଥିଲେ ।

# ହନୁମାନଙ୍କ ପୂଜାର୍ଚ୍ଚନା



ପ୍ରଭୁ ଶ୍ରୀରାମଙ୍କ ଭକ୍ତ ହନୁମାନ ନିଜ ଭକ୍ତମାନଙ୍କ ଦୁଃଖ ଦୁର୍ଦ୍ଦଶା ସହି ପାରନ୍ତି ନାହିଁ। କାରଣ ହନୁମାନ ଖୁବ୍ ଦୟାଳୁ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ନିଷ୍ଠାର ସହ ହନୁମାନଙ୍କ ପୂଜା କଲେ ସେ ପ୍ରସନ୍ନ ହୋଇଥାନ୍ତି। ତେବେ ଆସନ୍ତୁ ଜାଣିବା କେଉଁ ସମୟରେ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଏ। ଶାସ୍ତ୍ର ବର୍ଣ୍ଣନା ଅନୁସାରେ ପ୍ରଭୁ ହନୁମାନ ଦିନସାରା ଭଗବାନ ଶ୍ରୀରାମଙ୍କ ସେବାରେ ଲାଗିଥାନ୍ତି। ତେଣୁ ରାତି କିମ୍ବା ସଂଧ୍ୟାରେ ପ୍ରଭୁ ଶ୍ରୀରାମ ବିଶ୍ରାମ ନେବା ସମୟରେ ହନୁମାନ ତାଙ୍କ ସେବା କରି ନ ଥାନ୍ତି। ଏହି ସମୟରେ ସେ ନିଜ ଭକ୍ତଙ୍କର ଡ଼ାକ ସହଜରେ ଶୁଣି ଥାଆନ୍ତି। ତେଣୁ ସଂଧ୍ୟା ଅଥବା ରାତିରେ ଶ୍ରଦ୍ଧାର ସହ ହନୁମାନଙ୍କ ପୂଜାର୍ଚ୍ଚନା କଲେ ଭକ୍ତ ସମସ୍ତ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ। ଶାନ୍ତ ପରିବେଶରେ ଏକାଗ୍ରତାର ସହ ସଂଧ୍ୟାରେ ପ୍ରଭୁଙ୍କୁ ପୂଜା କଲେ ଆଶୀର୍ବାଦ ମିଳିବା ସହ ଜୀବନରେ ଥିବା ବାଧାବିଘ୍ନ ଦୂର ହୋଇଥାଏ। ହନୁମାନଙ୍କ ପୂଜାର୍ଚ୍ଚନା ସହ ହନୁମାନ ଚାଳିଶା ପାଠ କଲେ ହନୁମାନ ପ୍ରସନ୍ନ ହୋଇଥାନ୍ତି ଓ ଶ୍ରଦ୍ଧାଳୁଙ୍କୁ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ।

# ଦେବୀ ଦୁର୍ଗାଙ୍କ ଅସ୍ତ୍ରର ଅର୍ଥ

ଦେବୀ ଦୁର୍ଗା ସବୁଠାରୁ ଶକ୍ତିଶାଳୀ । ତାଙ୍କୁ ପୃଥିବୀର ସମସ୍ତ ରାକ୍ଷାସ ମାନଙ୍କୁ ହଟାଇବା ପାଇଁ ଅନେକ ଇଶ୍ୱରଙ୍କ ମିଳିତ ଶକ୍ତି ପ୍ରଦାନ କରାଯାଇଛି। ଦେବୀଙ୍କର ଦଶଟି ବାହୁ ତାଙ୍କ ଭକ୍ତଙ୍କ ସୁରକ୍ଷାକୁ ସୂଚିତ କରେ, ଯାହା ଆକାଶରୁ ପୃଥିବୀ ଯାଏଁ । ବାସ୍ତବରେ, ଦେବୀଙ୍କର ଶକ୍ତି ତାଙ୍କ ଦଶ ହାତରେ ଅସ୍ତ୍ର ଭାବରେ ଚିତ୍ରିତ ହୋଇଛି । ଅସ୍ତ୍ରଶସ୍ତ୍ରର ପ୍ରତୀକ ଏବଂ ଅର୍ଥ ଜାଣନ୍ତୁ -ତ୍ରିଶୂଳ- ଭଗବାନ ଶିବଙ୍କ ଦ୍ୱାରା ଉପହାର ପ୍ରାପ୍ତ ତ୍ରିଶୂଳ ରେ ତିନୋଟି ତୀକ୍ଷ୍ଣ ଧାର ଅଛି ଯାହା ତିନୋଟି ଗୁଣର ପ୍ରତୀକ ଅଟେ - ତନମାସ (ଶାନ୍ତି, ନିଷ୍କ୍ରିୟତା), ସତ୍ୟ (ପରିତ୍ରାଣ, ସକରାତ୍ମକତା ଏବଂ ଶୁଦ୍ଧତା) ଏବଂ ରାଜା (ଶାନ୍ତି, ହାଇପରାକ୍ଟିଭିଟି ଏବଂ ଇଚ୍ଛା) ଯ ଶଙ୍ଖ- ଶଙ୍ଖ ଶବ୍ଦ ଓମ୍' ନାମକ ଶୁଦ୍ଧ ଏବଂ ପବିତ୍ର ଧ୍ୱନିର ପ୍ରତୀକ ଅଟେ ଯେଉଁଠାରୁ ବ୍ରହ୍ମାଣ୍ଡର ସମସ୍ତ ସୃଷ୍ଟି ହୋଇଥିଲା । ଏହାକୁ ଭଗବାନ ବରୁଣ ଉପହାର ଦେଇଥିଲେ। ସୁଦର୍ଶନ ଚକ୍ର -ଚକ୍ର ହେଉଛି ଭଗବାନ ବିଷ୍ଣୁଙ୍କ ଏକ ଉପହାର ଯାହାର ପ୍ରତୀକ ଅଟେ ଯେ ଜଗତ ଦୁର୍ଗାଙ୍କ ଦ୍ୱାରା ନିୟନ୍ତ୍ରିତ, ଯିଏ ସୃଷ୍ଟିର କେନ୍ଦ୍ର ଅଟେ ଏବଂ ବ୍ରହ୍ମାଣ୍ଡ ତାଙ୍କ ଚାରିପାଖରେ ଘୂରି ବୁଲୁଛି । ଏହା ମଧ୍ୟ ଧାର୍ମିକତା କିମ୍ବା ଧର୍ମର ପ୍ରତୀକ ଅଟେ ଯେହେତୁ ଏହା ଦେବୀଙ୍କ ଆଙ୍ଗୁଠିରେ ଘୂର୍ଣ୍ଣନ କରେ । ଏହି ଅସ୍ତ୍ର ସମସ୍ତ ମନ୍ଦକୁ ନଷ୍ଟ କରିବା ଏବଂ ଧାର୍ମିକମାନଙ୍କୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ହୁଏ ।ପଦ୍ମ- ପଦ୍ମ ହେଉଛି ଭଗବାନ ବ୍ରହ୍ମାଙ୍କର ପ୍ରତୀକ ଯାହା ଜ୍ଞାନର ପ୍ରତିନିଧିତ୍ୱ କରେ। ଅନ୍ଧକାର ସମୟରେ ମନରେ ଆଧ୍ୟାତ୍ମିକ ଚେତନାର ଜାଗରଣର ପ୍ରତୀକ ଅଟେ। ଧନୁ ଏବଂ ତୀର- ଧନୁ ଏବଂ ତୀରକୁ ଭଗବାନ ବାୟୁ ଏବଂ ଭଗବାନ ସୂର୍ଯ୍ୟଙ୍କ ଦ୍ୱାରା ଉପହାର ଦିଆଯାଇଛି । ଧନୁ ସମ୍ଭାବ୍ୟ ଶକ୍ତିକୁ ପ୍ରତିନିଧିତ୍ୱ କରେ ଯେତେବେଳେ ତୀରଟି ଗତିଜ ଶକ୍ତି ପାଇଁ ଥାଏ ଯଏହା ମଧ୍ୟ ପ୍ରତୀକ କରେ ଯେ ଦେବୀ ଦୁର୍ଗା ହିଁ ବ୍ରହ୍ମାଣ୍ଡର ସମସ୍ତ ଶକ୍ତି ଉତ୍ସକୁ ନିୟନ୍ତ୍ରଣ କରନ୍ତିଯ ବଜ୍ର- ଭଗବାନ ଇନ୍ଦ୍ରଙ୍କ ଉପହାର ଆତ୍ମା, ନିଷ୍ଠା ଏବଂ ସର୍ବୋଚ୍ଚ ଶକ୍ତିର ପ୍ରତୀକ ଅଟେ । ଦେବୀ ଦୁର୍ଗା ତାଙ୍କ ଭକ୍ତଙ୍କୁ ଅବିସ୍ମରଣୀୟ ଆତ୍ମବିଶ୍ୱାସ ଏବଂ ଇଚ୍ଛାରେ ଶକ୍ତି ପ୍ରଦାନ କରନ୍ତି । ଖଣ୍ଡା-ଭଗବାନ ଗଣେଶଙ୍କ ଦ୍ୱାରା ଦିଆଯାଇଥିବା ଖଣ୍ଡା ଜ୍ଞାନ ଏବଂ ବୁଦ୍ଧିର ପ୍ରତୀକ ଅଟେ ।ଏହା ବୁଦ୍ଧିର ତୀକ୍ଷ୍ଣତାକୁ ଏବଂ ଖଡ୍ଗର ଉଜ୍ଜ୍ୱଳ ଶକ୍ତି ଜ୍ଞାନକୁ ପ୍ରତିପାଦିତ କରେ ।



# ଘରେ ସୁଖ ସମୃଦ୍ଧି ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଏହି ଉପାୟ ଅବଲମ୍ବନ କରିବାକୁ କହିଥିଲେ ଶ୍ରୀକୃଷ୍ଣ



ଭଗବାନ ଶ୍ରୀକୃଷ୍ଣ ରଣଭୂମୀରେ ଅର୍ଜ୍ଜୁନଙ୍କୁ ଅସ୍ତ୍ର ଉଠାଇବାକୁ କେବଳ ପ୍ରେରିତ କରିନଥିଲେ। ଏହି ଛଳରେ ସେ ଯେଉଁ ଅମୂଲ୍ୟ ଉପଦେଶମାନେ ଦେଇଥିଲେ ଭଗବତ ଗୀତା ଭାବେ ଆଜି ବି ସମଗ୍ର ମନବ ସମାଜକୁ ଦିଗଦର୍ଶନ ଦେଇଆସୁଛି। ଜୀବନରେ ସୁଖ, ଦୁଃଖ, ବିପଦ ଆଦି ସମ୍ପର୍କରେ ଗୀତା ରୂପକ ମାଳାରେ ସେ ଶ୍ଲୋକର ଯେଉଁ ମୋତି ଗୁନ୍ଥିଥିଲେ ତାହା ପ୍ରତିଟି ମାନବର ପଥ ପ୍ରଦର୍ଶନ ନିମନ୍ତେ ଅର୍ପିତ ହୋଇଛି। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଶ୍ଲୋକରେ ଯେଉଁ ସନ୍ଦେଶ ଦେଇଥିଲେ ତାକୁ ଧର୍ମରାଜ ଯୁଦ୍ଧିଷ୍ଠିର ଜୀବନର ସୂତ୍ରରେ ରୂପାନ୍ତରିତ କରିଥିଲେ। ଉତ୍ତମ ମାନର ଜୀବନଧାରଣ ନିମନ୍ତେ ଯୁଦ୍ଧିଷ୍ଠିରଙ୍କୁ ଗୃହରେ ସର୍ବଦା ୫ଟି ଜିନିଷ ସାଇତି ରଖିବାକୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ ।ଯେଉଁଗୁଡିକ ଜୀବନକୁ ସୁଖୀ ଓ ସମୃଦ୍ଧ କରିବାକୁ ଯଥେଷ୍ଟ ।ଏଥିରେ ଭଗବାନ କୃଷ୍ଣ ଜଳକୁ ସର୍ବାଧିକ ମହତ୍ୱ ଦେଇଥିବା ବେଳେ ଚନ୍ଦନ, ଗୋ ଘୃତ, ମହୁ ଓ ବୀଣା ରଖିବାକୁ କହିଥିଲେ ।ଭଗବାନ ଶ୍ରୀକୃଷ୍ଣ ଯୁଦ୍ଧିଷ୍ଠିରଙ୍କୁ ତାଙ୍କ ରାଜ୍ୟରେ ସମୁଚିତ ଜଳର ବ୍ୟବସ୍ଥା କରିବାକୁ କହିଥିଲେ। ଯେପରି ରାଜ୍ୟର ପ୍ରଜା ଜଳ କଷ୍ଟ ଜନିତ ସମସ୍ୟାରେ ନ ପଡନ୍ତି। ବିଭିନ୍ନ ହିନ୍ଦୁ ଧର୍ମଗ୍ର÷ରେ ଜଳର ମହିମାମୟ ବର୍ଣ୍ଣନା ବି ମିଳେ। ଘରେ ଶୁଦ୍ଧ ଜଳର ଉପସ୍ଥିତି ପରିବେଶକୁ ସକାରତ୍ମକ ରଖିଥାଏ। ଶ୍ରୀକୃଷ୍ଣ ଘରେ ଚନ୍ଦନ ରଖିବା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ ।ଏଥିଲାଗି ତାଙ୍କୁ ସାପମାନଙ୍କର ଉଦାହରଣ ବି ଦେଇଥିଲେ। ଚନ୍ଦନ ଗଛରେ ସାପ ଗୁଡେଇ ହୋଇ ରହନ୍ତିୟ ହେଲେ ଚନ୍ଦନର ଗୁଣ ଉପରେ ସାପମାନଙ୍କ ବିଷ ତତ୍ୱ ନଥାଏ। ସେହିପରି ଘରେ ଉତ୍କୃଷ୍ଟ ଚନ୍ଦନର ଉପସ୍ଥିତି ଘରର ସମସ୍ତ ନକରାତ୍ମକତା ନାଶ କରି ଖରାପ ଶକ୍ତିଙ୍କ କବଳରୁ ଘରକୁ ରକ୍ଷା କରିଥାଏ ।ଗ୍ରାହ୍ୟସ୍ଥଙ୍କ ଘରେ ଗୋ ଘୃତ ରଖିବା ଅପରିହାର୍ଯ୍ୟ ବୋଲି ଯୁଦ୍ଧିଷ୍ଠିରଙ୍କୁ ଶ୍ରୀକୃଷ୍ଣ କହିଥିଲେୟ ଏମିତିରେ ଶ୍ରୀକୃଷ୍ଣଙ୍କ ବାଲ୍ୟ ଜୀବନ ଗୋ ଗୋଷ୍ଠରେ ବିତିଥିଲା ।ଗୋ ସେବାକୁ ମାନବର ପରମଧର୍ମ ବୋଲି ଶ୍ରୀକୃଷ୍ଣ ନିଜ ଉକ୍ତିରେ ବି କହିଛନ୍ତି। ଏଥିରେ ଗୋ ଘୃତର ଘରେ ଅବସ୍ଥାନ ସମସ୍ତ ନକରାତ୍ମକତାର ନାଶକୁ ବୁଝାଏ। ପୂଜା ସ୍ଥାନରେ ଗୋ ଘୃତର ଦୀପଟିଏ ପ୍ରଜ୍ୱଳନ ଘରର ସୁଖ ସମୃଦ୍ଧିକୁ ଆମନ୍ତ୍ରଣ କରିଥାଏ ।ସେହିପରି ମହୁକୁ ଅତ୍ୟନ୍ତ ପବିତ୍ର ପ୍ରାକୃତିକ ଖାଦ୍ୟ ପଦାର୍ଥ ବୋଲି କହିଛନ୍ତି ଶ୍ରୀକୃଷ୍ଣୟ ମହୁ ଯୋଗୁ ଗୃହର ବାତାବରଣ ବିଶୁଦ୍ଧ ରହିବା ସହ ସକରାତ୍ମକତା ସୃଷ୍ଟି ଲାଗି ଏଥିରେ ଅପୂର୍ବ ଶକ୍ତି ରହିଛି। ଏଣୁ ଘରେ ଘୃତ ଭଳି ମହୁକୁ ସ୍ଥାନ ଦେବା ସହ ଏହାର ନିତ୍ୟ ବ୍ୟବହାର ଉପରେ ବି ଗୁରୁତ୍ୱ ଦେଇଥିଲେ। ଏହା ଛଡା ବାଦ୍ୟ ଯନ୍ତ୍ର ବୀଣାର ଘରେ ଉପସ୍ଥିତିକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କହିଛନ୍ତି। ବୀଣା ବାଗଦେବୀ ସରସ୍ୱତୀଙ୍କ ପ୍ରୀୟ ବାଦ୍ୟୟ ଏଣୁ ବୀଣା ଥିବା ସ୍ଥାନକୁ ସରସ୍ୱତୀଙ୍କ ଆଗମନ ହୋଇଥାଏ। ଫଳରେ ଗୃହରେ ଭଗବତୀଙ୍କ ନିବାଶ ଯୋଗୁ ଲୋକଙ୍କ ବୁଦ୍ଧିର ବି ବିକାଶ ହୋଇଥାଏ। ଏଣୁ ଘରେ ବୀଣାଟିଏ ବି ରଖିବାକୁ ଯୁଦ୍ଧିଷ୍ଠିରଙ୍କୁ ପରାମର୍ଶ ଦେଇଥିଲେ ଶ୍ରୀକୃଷ୍ଣ।

# ଗ୍ଲୋଇଂ ଓ ଆଟ୍ରାକ୍ଟିଭ ଫେସ୍ ପାଇଁ ...

*କ୍ଷୀର କେବଳ ସ୍ୱାସ୍ଥ୍ୟ ଭଲ ହୋଇନଥାଏ ବରଂ ଏହା ଆମ ତ୍ୱଚା ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ଯଦି ଆପଣ କ୍ଷୀରକୁ ରାତି ସାରା ତ୍ୱଚାରେ ଲଗାଇ ରଖିବେ,ତେବେ ଆପଣଙ୍କୁ କୌଣସି ମହଙ୍ଗା କ୍ରିମ୍ କିମ୍ବା ଲୋସନର ଆବଶ୍ୟକତା ପଡ଼ିବ ନାହିଁ। କଞ୍ଚା କ୍ଷୀର ଦିନରେ ଯେତିକି ଲାଭଦାୟକ ହୋଇନଥାଏ ରାତିରେ ତ୍ୱଚାରେ ଲଗାଇବା ସେତିକି ଲାଭଦାୟକ ହୋଇଥାଏ। ଏଥିରେ ଲାକ୍ଟିକ୍ ଏସିଡ ଥାଏ ଯାହା ରାତି ସାରା ଆପଣଙ୍କ ତ୍ୱଚାକୁ ରିପେୟାର କରିବାର କାମ କରିଥାଏ। ଏହା ଦ୍ୱାରା ତ୍ୱଚା ଉପରେ ବୟସର ପ୍ରଭାବକୁ କମ୍ କରିବାରେ ସାହାଯ୍ୟ ମିଳିଥାଏ। ଆସନ୍ତୁ ଜାଣିବା ରାତିରେ ତ୍ୱଚାରେ କଞ୍ଚା କ୍ଷୀର ଲଗାଇବାର ବିଧି*

*ଭ କଞ୍ଚା କ୍ଷୀରରେ ଲାକ୍ଟିକ୍ ଏସିଡ ଥାଏ। କ୍ଷୀରରେ ଥିବା ଏହି ତତ୍ତ୍ୱ ଆପଣଙ୍କ ତ୍ୱଚାରେ ଥିବା ଡେଡ ସ୍କିନକୁ ଏକ୍ସଫୋଲିଏଟ୍ କରିବାରେ ସାହାଯ୍ୟ କରିଥାଏ। ରାତିରେ କଞ୍ଚା କ୍ଷୀର ଲଗାଇ ଶୋଇଲେ ସକାଳେ ତ୍ୱଚା ସଫା ହୋଇଯାଇଥାଏ। କ୍ଷୀରରେ ଥିବା ଲାକ୍ଟିକ୍ ଏସିଡ ମାର୍କେଟରେ ମିଳୁଥିବା ସ୍କ୍ରବଠୁ ବହୁତ ଗୁଣକାରୀ।*

*ଭ କଞ୍ଚା କ୍ଷୀର ଆପଣଙ୍କୁ ସୁନ୍ଦର ଚମକଦାର ତ୍ୱଚା ଦେଇଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ କରି ସ୍କିନକୁ ଡ୍ରାଏନେସରୁ ରକ୍ଷା କରିଥାଏ। ଯଦି ଆପଣ ରାତି ସାରା ତ୍ୱଚାରେ କ୍ଷୀର ଲଗାଇବେ,ତେବେ ଅନ୍ୟ ଦିନ ଆପଣଙ୍କ ତ୍ୱଚାରେ ଚମକ ଆସିବ। ଏହାକୁ ଆପଣ ଫେସ୍ ମାସ୍କ ଭାବେ ମଧ୍ୟ ବ୍ୟବହାର କରି ପାରିବେ।*



*ଭ କଞ୍ଚା କ୍ଷୀରରେ ଅନେକ ପୋଷକ ତତ୍ତ୍ୱ ରହିଥାଏ। ଏଥିରେ ଲାକ୍ଟୋଜ, ପ୍ରୋଟିନ୍ ,କ୍ୟାଲସିୟମ୍, ଭିଟାମିନ୍ ଏ,ବି-୧୨,ଡି ଏବଂ ଜିଙ୍କ ସାମିଲ ରହିଛି। ଶୋଇବା ବେଳେ ସ୍କିନରେ ସର୍କୁଲେସନ ବଢ଼ିଯାଇଥାଏ,ଯାହା ଦ୍ୱାରା କ୍ଷୀରରେ ଥିବା ସମସ୍ତ ପୋଷକ ତତ୍ତ୍ୱ ଭଲ ଭାବେ ସ୍କିନରେ ମିଶିଥାଏ। ଫଳରେ ସ୍କିନ୍ ମଇଶ୍ଚରାଇଜ ହୋଇଥାଏ।*

*ଭ ତ୍ୱଚାରେ କଞ୍ଚା କ୍ଷୀର ଲଗାଇ ଶୋଇବା ଦ୍ୱାରା ତ୍ୱଚା ତେଲିଆ ହୋଇନଥାଏ,ଯାହା ଦ୍ୱାରା ବ୍ରଣ ସମସ୍ୟା ହୋଇନଥାଏ। ଯଦି ଆପଣ ଏଥିରେ ଅଳ୍ପ ଲୁଣ ମିଶାଇ ତ୍ୱଚାରେ ଲଗାଇବେ ତେବେ ଆପଣଙ୍କ ବ୍ରଣ ସମସ୍ୟା ଦୂର ହୋଇଯିବ।*

# 'ରାଇରଙ୍ଗପୁର ପୋଲିସ ଜିଲ୍ଲା'ର ଶୁଭ ଉଦଘାଟିତ

**ଭୁବନେଶ୍ୱର,୨୨।୬ (ମହାଭାରତ):** ଓଡ଼ିଶାର ପୋଲିସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ଜନମୁଖୀ ଓ କାର୍ଯ୍ୟକ୍ଷମ କରିବା ଦିଗରେ ଏକ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଛି। ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆନୁଷ୍ଠାନିକ ଭାବେ"ରାଇରଙ୍ଗପୁର ପୋଲିସ ଜିଲ୍ଲା"ର ଉଦଘାଟନ କରିଛନ୍ତି। ଏହି ଗୌରବମୟ ଅବସରରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ , ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ରାଇରଙ୍ଗପୁର ବିଧାୟକ ଜୋଲେନ ନାଏକ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଏବଂ ସାରସକଣା ବିଧାୟକ ଭଦବ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଗୃହ



ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ, ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ପୂର୍ବାଞ୍ଚଳ ରେଞ୍ଜ ଡି.ଆଇ.ଜି. ପିନାକ ମିଶ୍ର, ମୟୂରଭଞ୍ଜ ଏସ୍.ପି. ବରୁଣ ଗୁଣ୍ଟୁପାଲି, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାଏ, ବାରିପଦା ଉପ-ଜିଲ୍ଲାପାଳ ଶ୍ରୀମତୀ କସ୍ତୁରୀ ପଣ୍ଡା ଏବଂ ରାଇରଙ୍ଗପୁର ଏସ୍.ପି. ସୁରେଶ କୁମାର ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ଅଗଷ୍ଟ ୨୦୨୫ରେ ପୂର୍ବତନ ମୟୂରଭଞ୍ଜ ପୋଲିସ ଜିଲ୍ଲାର ପୁନର୍ଗଠନ କରାଯାଇ ରାଇରଙ୍ଗପୁର ପୋଲିସ ଜିଲ୍ଲା ସୃଷ୍ଟି କରାଯାଇଥିଲା। ଆଜିର ଉଦ୍ଘାଟନ ପରେ ଏହି ପୋଲିସ ଜିଲ୍ଲା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଛି। ନୂତନ ପୋଲିସ ଜିଲ୍ଲା ଅଧୀନରେ ୨ଟି ପୋଲିସ ଉପଖଣ୍ଡ ଓ ୧୪ଟି ଥାନା ରହିଛି, ଯାହା ଦ୍ୱାରା ଜନସାଧାରଣଙ୍କୁ ଅଧିକ ଦ୍ରୁତ, ସହଜ ଓ ଗୁଣାତ୍ମକ ପୋଲିସ ସେବା ପ୍ରଦାନ ସମ୍ଭବ ହେବ। ରାଇରଙ୍ଗପୁର ପୋଲିସ ଜିଲ୍ଲାର ଶୁଭାରମ୍ଭ ଓଡ଼ିଶା ପୋଲିସର ଜନସେବା, ଜନସୁରକ୍ଷା ଓ ଉତ୍ତମ ଶାସନ ପ୍ରତି ଅତୁଟ ପ୍ରତିବଦ୍ଧତାର ଆଉ ଏକ ମାଇଲଖୁଣ୍ଟ। ଏହା ଦ୍ୱାରା ଅଞ୍ଚଳରେ ଆଇନ-ଶୃଙ୍ଖଳା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବା ସହ ଅପରାଧ ନିୟନ୍ତ୍ରଣ, ତ୍ୱରିତ ପୋଲିସ ପ୍ରତିକ୍ରିୟା ଏବଂ ଲୋକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ନୂତନ ଦିଗ ପ୍ରଦାନ କରିବ। ଓଡ଼ିଶା ପୋଲିସ ସର୍ବଦା "ଜନସେବା ଓ ଜନସୁରକ୍ଷା"କୁ ସର୍ବୋଚ୍ଚ ପ୍ରାଥମିକତା ଦେଇଆସିଛି। ରାଇରଙ୍ଗପୁର ପୋଲିସ ଜିଲ୍ଲାର ଶୁଭାରମ୍ଭ ଏହି ଲକ୍ଷ୍ୟକୁ ଆହୁରି ସୁଦୃଢ଼ କରିବା ସହ ଲୋକମାନଙ୍କ ମଧ୍ୟରେ ପୋଲିସ ପ୍ରତି ବିଶ୍ୱାସ ଓ ଆସ୍ଥାକୁ ଅଧିକ ସୁଦୃଢ଼ କରିବ।

# ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ପୁନଃବଣ୍ଟନ ଓ ଗଣଶିକ୍ଷାମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିକ୍ଷୋଭ

**ଭୁବନେଶ୍ୱର,୨୨।୬ (ମହାଭାରତ):** ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶହଶହ କୋଟି ଟଙ୍କା ଖର୍ଚ୍ଚ କରି ବାହାର ରାଜ୍ୟରେ ପିଲାଙ୍କ ବହି ଛପାଇ, ବହିରେ ହଜାର ହଜାର ଭୁଲ୍ ମୁଦ୍ରଣ ଓ ଭୁଲ୍ ବହିକୁ ପୁନଃ ମୁଦ୍ରଣ ନକରି ପିଲାଙ୍କୁ ଓ ଶିକ୍ଷକଙ୍କୁ ନିଜେ ସଂଶୋଧନ କରି ପାଠ ପଢ଼ିବାକୁ ଓ ପଢ଼େଇବାକୁ କହିବା, ଗୋଟିଏ ଦାୟିତ୍ୱହୀନ ଅପାରଗ ଶିକ୍ଷାମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିକେଏମ୍ୟୁ ରାଜ୍ୟ ସମ୍ପାଦକ ସୁର ଜେନାଙ୍କ ନେତୃତ୍ୱରେ ଭୁବନେଶ୍ୱରଠାରେ ରାସ୍ତାରୋକୋ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଭଗବତୀ ଭବନଠାରୁ ଶତାଧିକ ବିକେଏମ୍ୟୁ କର୍ମୀ ହାତରେ ପ୍ଲାକାର୍ଡ, ବ୍ୟାନର ସହ ବିଭିନ୍ନ ସ୍ଲୋଗାନ ଦେଇ ରାଜମହଲ ଛକଠାରେ ପହଞ୍ଚି ରାସ୍ତାରୋକୋ ଓ ବିକ୍ଷୋଭ କରିଥିଲେ । ଉପସ୍ଥିତ ଜନସାଧାରଣ ଓ ବିକ୍ଷୋଭକାରୀଙ୍କୁ ଉଦ୍ବୋଧନ ଦେଇ ବିକେଏମ୍ୟୁ ରାଜ୍ୟ ସମ୍ପାଦକ ସୁର ଜେନା କହିଲେ - ଆମ ରାଜ୍ୟରେ ସରକାରୀ ପ୍ରେସ୍ ଥିବାବେଳେ ଶହଶହ କୋଟି ଟଙ୍କା ଖର୍ଚ୍ଚ କରି ବାହାର ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୁଦ୍ରଣ କରି ଦୁଇ ହଜାରରୁ ଊର୍ଦ୍ଧ୍ୱ ଶବ୍ଦ, ଭାଷା ଓ ଚିତ୍ର ଭୁଲ ମୁଦ୍ରଣ କରି ପିଲାଙ୍କୁ ଓ ଶିକ୍ଷକଙ୍କୁ ନିଜେ ସଂଶୋଧନ କରି ପଢ଼ିବା ଓ ପଢ଼ାଇବା କହି ସରକାର ନିଜ ଦାୟିତ୍ୱରୁ ଖସିଯିବା ସହ ପିଲା, ଅଭିଭାବକ ସହ ସମଗ୍ର ଶିକ୍ଷକ ସମାଜ ଓ ରାଜ୍ୟ ଚିନ୍ତାରେ ଥିବାବେଳେ ମୁଖ୍ୟମନ୍ତ୍ରୀ ଓ ପ୍ରଶାସନ ମଉଜରେ ବ୍ୟସ୍ତ ଅଛନ୍ତି । ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏହି ଭୁଲ୍ ବହିକୁ କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷା ଅଧିକାରୀଙ୍କୁ ନିଦ୍ରେଦଶ ଦେବା ତାଲିବାନୀ ଶିକ୍ଷା ବ୍ୟବସ୍ଥା ସହ ତୁଳନା କରି ତୀବ୍ର ସମାଲୋଚନା କରିଥିଲେ । ଓଡ଼ିଶାର ଐତିହ୍ୟ, ଇତିହାସ, ପରମ୍ପରାକୁ ବିଶ୍ୱ ଦରବାରରୁ ବହୁ ଗୁଣି, ବୁଦ୍ଧିଜୀବୀ, ଜ୍ଞାନୀ ଗବେଷକ ଗବେଷଣା ପାଇଁ ଆମ ରାଜ୍ୟକୁ ଆସୁଥିବାବେଳେ ରାଜ୍ୟ ସରକାରଙ୍କ ଏଭଳି ମୁଦ୍ରଣ ରାଜ୍ୟର ସମ୍ମାନକୁ କ୍ଷୁର୍ଣ୍ଣ କରିଛି। ତୁରନ୍ତ ରାଜ୍ୟ ସରକାର ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ବୋର୍ଡରେ ଶିକ୍ଷିତ, ଜ୍ଞାନି ଓ ବୁଦ୍ଧିଜୀବୀମାନଙ୍କୁ ନେବା, ତ୍ରୁଟିଥିବା ବହିକୁ ବାତିଲ୍ କରି ନୂତନ ବହି ମୁଦ୍ରଣ କରି ପିଲାଙ୍କୁ ବାଣ୍ଟିବା, ଦାୟୀ ବ୍ୟକ୍ତିବିଶେଷଙ୍କୁ ଦଣ୍ଡଦେବା ସହ ଖର୍ଚ୍ଚ ହୋଇଥିବା ଶହଶହ କୋଟି ଟଙ୍କାକୁ ସେମାନଙ୍କଠାରୁ ଭରଣା କରି, ଏଭଳି ଜଣେ ଦାୟିତ୍ୱହୀନ ଦୁର୍ବଳ ସମ୍ପନ୍ନ ଶିକ୍ଷା ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରିବା, କୋମଳମତି ପିଲାଙ୍କ ଭବିଷ୍ୟତ ସହ ନଖେଳିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ବିକ୍ଷୋଭ ଓ ରାସ୍ତାରୋକୋରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ, ବିକେଏମ୍ୟୁ ରାଜ୍ୟ ସହ ସମ୍ପାଦକ ଶଙ୍କର୍ଷଣ ବାରିକ, ଜୋନ୍ ସମ୍ପାଦକ କୈଳାସ ପୁହାଣ, ସର୍ବେଶ୍ୱର ମାର୍ଥା, ଶରତ ସ୍ୱାଇଁ, ଅଭୟ ବାରିକ, ରଘୁନାଥ ନାୟକ, ଅଶୋକ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ହାଇଟେକ୍ ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟର ଅଗ୍ରଗତି ସମୀକ୍ଷା

**ଭୁବନେଶ୍ୱର,୨୨।୬ (ମହାଭାରତ):** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧକ୍ଷତାରେ ସୁବର୍ଣ୍ଣପୁର ଜିଲ୍ଲାରେ ଚାଲିଥିବା ହାଇଟେକ୍ ସର୍ଭେ ଏବଂ ବନ୍ଦୋବସ୍ତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୂର୍ବ ସମୀକ୍ଷା ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତିଗୁଡ଼ିକର କାର୍ଯ୍ୟାନ୍ୱୟନ ସ୍ଥିତି ଏବଂ ଜିଲ୍ଲାରେ ହାଇଟେକ୍ ସର୍ଭେ କାର୍ଯ୍ୟର ବର୍ତ୍ତମାନ ସ୍ଥିତିର ସମୀକ୍ଷା କରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀ ହାଇଟେକ୍ ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରିବା ନିମନ୍ତେ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିୟମିତ ତଦାରଖ, ପରସ୍ପର ସମନ୍ୱୟ ଏବଂ କ୍ଷେତ୍ରସ୍ତରରେ ଦ୍ରୁତ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରି ଆଗାମୀ ଦିନରେ ସୁବର୍ଣ୍ଣପୁର ଜିଲ୍ଲାକୁ ହାଇଟେକ୍ ସର୍ଭେ କ୍ଷେତ୍ରରେ ସମଗ୍ର ରାଜ୍ୟରେ ଏକ ଆଦର୍ଶ ଜିଲ୍ଲା ଭାବେ ଉପସ୍ଥାପିତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆହ୍ୱାନ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ଅନ୍ତିମ ପ୍ରକାଶନ ସମ୍ପନ୍ନ ହୋଇଥିବା ୯୩ଟି ଗ୍ରାମର ଖତିଆନ୍ (ଆରଓଆର) ଭୂଲେଖ ପୋର୍ଟାଲରେ ଅପଲୋଡ୍ କରାଯାଇ ସମ୍ପୃକ୍ତ ଜମିମାଲିକମାନଙ୍କ ମଧ୍ୟରେ ଉକ୍ତ ଜମିପଟ୍ଟା ବଂଟନ କରାଯାଇଛି। ଏହାସହିତ, ଅନ୍ତିମ ପ୍ରକାଶନ ପରେ ୟୁଏଲପିଆଇଏନ୍ ସୃଷ୍ଟି ପାଇଁ ବାକି ଥିବା ୬୯ଟି ଗ୍ରାମ ମଧ୍ୟରୁ ୧୦ଟି ଗ୍ରାମରୟୁଏଲପିଆଇଏନ୍ ସୃଷ୍ଟି କାର୍ଯ୍ୟ ସମ୍ପନ୍ନ ହୋଇଛି। ତହସିଲ ସ୍ତରରେ ଖତିଆନ୍ ପୁନଃ ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଅବଶିଷ୍ଟ ଗ୍ରାମଗୁଡ଼ିକର ୟୁଏଲପିଆଇଏନ୍ ସୃଷ୍ଟି କରାଯାଇ ଭୂଲେଖ ପୋର୍ଟାଲରେ ଅପଲୋଡ୍ କରାଯିବ ଏବଂ ଜମିମାଲିକମାନଙ୍କୁ ପଟ୍ଟା ବଂଟନ କରାଯିବ। ଜିଲ୍ଲାରେ ହାଇଟେକ୍ ସର୍ଭେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଛି ଯେ, ଆଇଆଇସି ଟେକ୍ନୋଲୋଜିଜ୍ ସହିତ ସ୍ୱାକ୍ଷରିତ ବୁଝାମଣାପତ୍ର ଅନୁଯାୟୀ ଜୁନ୍ ୮ ତାରିଖରୁ ଆବଶ୍ୟକୀୟ ମାନବସମ୍ବଳ ନିୟୋଜିତ କରାଯାଇଛି ଏବଂ ଜୁନ୍ ୧୫ ତାରିଖରୁ ତହସିଲ ସ୍ତରରେ କାର୍ଯ୍ୟ ଆରମ୍ଭ ହୋଇଛି। ବର୍ତମାନ ସୋନପୁର, ବୀରମହାରାଜପୁର ଓ ଉଲୁଣ୍ଡା ତହସିଲରେ ସର୍ଭେ ଇଞ୍ଜିନିୟର ଏବଂ ଡାଟା ଏଂଟ୍ରି କର୍ମଚାରୀମାନେ କାର୍ଯ୍ୟରତ ଅଛନ୍ତି। କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ୨୨ ଜୁନ୍ ଠାରୁ ଅବଶିଷ୍ଟ ତିନୋଟି ତହସିଲରେ ଅତିରିକ୍ତ ମାନବସମ୍ବଳ ନିୟୋଜିତ କରାଯିବ। ସୁବର୍ଣ୍ଣପୁର ଜିଲ୍ଲାରେ ମୋଟ ୯୫୪ଟି ଗ୍ରାମକୁ ହାଇଟେକ୍ ସର୍ଭେ ଓ ବନ୍ଦୋବସ୍ତ ପାଇଁ ସୂଚିତ କରାଯାଇଥିବା ବେଳେ ୬୦୮ଟି ଗ୍ରାମରେ ଅନ୍ତିମ ଜମିପଟ୍ଟା ଓ ମାନଚିତ୍ର ପ୍ରକାଶନ ସମ୍ପନ୍ନ ହୋଇଛି।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ସାକ୍ଷାତ କଲା ବିଜେଡି ପ୍ରତିନିଧି ମଣ୍ଡଳୀ

**ଭୁବନେଶ୍ୱର,୨୨।୬ (ମହାଭାରତ):** ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ପାରଦର୍ଶିତାମୂଳକ ଓ ଜନବିଶ୍ୱାସୀ କରିବା ଉଦ୍ଦେଶ୍ୟରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ନିର୍ବାଚନ କମିଶନରଙ୍କୁ ପ୍ରଦାନ କରିଛନ୍ତି । ପ୍ରତିନିଧି ମଣ୍ଡଳୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ସେଗୁଡିକ ହେଲା, ପ୍ରଥମତଃ, ବୁଥ୍ ସ୍ତରୀୟ ଅଧିକାରୀଙ୍କ ଆପ୍ ମାଧ୍ୟମରେ ଗଣନା ଫର୍ମର ଡିଜିଟାଲ ନଥିକରଣ ସମ୍ପୂର୍ଣ୍ଣ ହେବା ପରେ ସମ୍ପୃକ୍ତ ଭୋଟରଙ୍କୁ ତୁରନ୍ତ ଏକ ସ୍ୱୀକୃତି ବାର୍ତ୍ତା ପଠାଯିବାକୁ ବିଜେଡି ଅନୁରୋଧ କରିଥିଲା । ଏହା ଦ୍ୱାରା ଭୋଟରମାନେ ନିଜ ଫର୍ମ ସଫଳତାର ସହ ଗ୍ରହଣ ଏବଂ ନଥିଭୁକ୍ତ ହୋଇଥିବାର



ନିଶ୍ଚିତତା ପାଇପାରିବେ, ଯାହା ସମଗ୍ର ପ୍ରକ୍ରିୟାର ସ୍ୱଚ୍ଛତା ଓ ଜନବିଶ୍ୱାସକୁ ଆହୁରି ସୁଦୃଢ଼ କରିବ। ଦ୍ୱିତୀୟତଃ, ଭୋଟର ତାଲିକା ସଂଶୋଧନ ସମୟରେ ଦାବି ଓ ଆପତ୍ତି ପର୍ଯ୍ୟାୟରେ ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଏବଂ ରାସନ କାର୍ଡକୁ ଅତିରିକ୍ତ ସୂଚକ ଦଲିଲ ଭାବେ ଗ୍ରହଣ କରିବାକୁ ନିର୍ବାଚନ କର୍ତ୍ତୃପକ୍ଷଙ୍କୁ ବିଚାର କରିବା ପାଇଁ ପ୍ରତିନିଧି ଦଳ ଅନୁରୋଧ କରିଥିଲା । ଏହା ଦ୍ୱାରା ଅଧିକ ସଂଖ୍ୟକ ଯୋଗ୍ୟ ଭୋଟର ନିଜର ପରିଚୟ ଓ ଯୋଗ୍ୟତା ସ୍ଥାପନ କରି ନିର୍ବାଚନୀ ଅଧିକାରର ସୁବିଧାଜନକ ପ୍ରୟୋଗ କରିପାରିବେ। ତୃତୀୟତଃ, ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମୟରେ ନିରବଚ୍ଛିନ୍ନ ଯୋଗାଯୋଗ, ତ୍ୱରିତ ସମସ୍ୟା ସମାଧାନ ଏବଂ ସୁଚାରୁ ସମନ୍ୱୟ ସୁନିଶ୍ଚିତ କରିବା ଲକ୍ଷ୍ୟରେ ନିର୍ବାଚନ ଅଧିକାରୀ ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଉପଯୁକ୍ତ ସ୍ତରରେ ସ୍ୱତନ୍ତ୍ର ହ୍ୱାଟସ୍ଆପ୍ ଗୋଷ୍ଠୀ ଗଠନ କରିବାକୁ ବିଜେଡି ପ୍ରସ୍ତାବ ଦେଇଥିଲା । ବିଜେଡି ପ୍ରତିନିଧି ଦଳ ମତ ପ୍ରକାଶ କରିଥିଲେ ଯେ, ଏହି ପଦକ୍ଷେପଗୁଡ଼ିକ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାକୁ ଅଧିକ ସୁଦୃଢ଼ କରିବା ସହିତ ଭୋଟରମାନଙ୍କ ସୁବିଧା ବୃଦ୍ଧି କରିବ ଏବଂ ଏହା ଅଧିକ ଦକ୍ଷ, ଅନ୍ତର୍ଭୁକ୍ତିମୂଳକ ଓ ସଫଳ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଗଠନରେ ସହାୟକ ହେବ। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ଉପସଭାପତି ଶ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଶ୍ରୀ ଅଶୋକ ପଣ୍ଡା, ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ଶ୍ରୀ ସୁଶାନ୍ତ ରାଉତ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ସାଧାରଣ ସମ୍ପାଦକ ଶ୍ରୀ ବିଜୟ ନାୟକ, ମିଡିଆ ସେଲ ସଂଯୋଜକ ଓ ମୁଖପାତ୍ର ଡ. ଲେନିନ ମହାନ୍ତି ଏବଂ ବରିଷ୍ଠ ନେତା ଶ୍ରୀ ରବି ସାମଲ ସାମିଲ ଥିଲେ ।

# ଓଡ଼ିଶାରେ ନାରୀଙ୍କ ପ୍ରତି ଅତ୍ୟାଚାରର ପ୍ରତିବାଦରେ କଂଗ୍ରେସର ଅନଶନ

**ଭୁବନେଶ୍ୱର,୨୨।୬ (ମହାଭାରତ):** ଓଡ଼ିଶାରେ ମହିଳା ଅତ୍ୟାଚାର, ଦୁଷ୍କର୍ମ ଓ ହତ୍ୟା ବୃଦ୍ଧିକୁ ଅଣଦେଖା କରୁଥିବା ଭାରତର ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ବିରୋଧ କରି ଶନିବାର ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଂଟିନ ଛକ ଠାରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଅନଶନ କରାଯାଇଥିଲା । ପ୍ରଦେଶ ମହିଳା କଂଗ୍ରେସ ନେତ୍ରୀ, ମହିଳା କଂଗ୍ରେସ ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା ସଭାପତି ଓ କର୍ମୀଙ୍କୁ ମିଶାଇ ୨୦୦୦ ରୁ ଉର୍ଦ୍ଧ୍ୱ ମହିଳା ଆଜି ଏହି ଅନଶନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ, ରାଜ୍ୟର ନାରୀଙ୍କ ପ୍ରତି ଅତ୍ୟାଚାର ସୀମା ଲଙ୍ଘନ କରି ଯାଇଛି, ଯାହା ତ ନାରୀଙ୍କ ଉପରେ ଅତ୍ୟାଚାର ହେଉଛି ଆଜି ନାରୀଙ୍କୁ ସର୍ବସମ୍ମୁଖରେ ବିବସ୍ତ୍ର କରି ଦିଆଯାଇଛି, ରାୟଗଡା



କଲ୍ୟାଣସିଂପୁର କାନ୍ଦୁଲଗୁଡା ଗ୍ରାମରେ ଯେଉଁ ଘଟଣା ଘଟିଛି ତାହା ଦେଖିଲେ ନିଜ ମଣିଷପଣିଆକୁ ଧିକ୍କାର ଆସୁଛି । ସରକାର ଯଦି ବିରୋଧୀଙ୍କ କଥା ଶୁଣି ନାରୀ ସୁରକ୍ଷା ପାଇଁ ହାଉସ କମିଟି ଗଠନ କରିଥାନ୍ତେ ତେବେ ଆଜି ନାରୀଙ୍କୁ ଏତେ ଅତ୍ୟାଚାରିତ ଓ ଅସମ୍ମାନିତ ହେବାକୁ ପଡି ନ ଥାନ୍ତା । ଉଭୟ ମୋଦି ଓ ମୋହନ ସରକାର ନାରୀ ଜାତିକୁ ଅପମାନିତ ଓ ଲାଂଛିତ କରୁଛନ୍ତି । ଡବଲ ଇଞ୍ଜିନ ସରକାରର ନାରୀ ଜାତି ପ୍ରତି ସମ୍ମାନ ଓ ଶ୍ରଦ୍ଧା ନାହିଁ । ନାରୀଙ୍କୁ ସୁରକ୍ଷା ଓ ରୋଜଗାର ଦେବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିବା ପରେ ଏବେ ଓଡ଼ିଶାରେ ମହିଳାମାନଙ୍କ ପ୍ରତାରିତ କରାଯାଉଛି । ମୋଦି ଓଡ଼ିଶା ଆସୁଛନ୍ତି ଯାଉଛନ୍ତି କିନ୍ତୁ ଓଡ଼ିଶାର ମହିଳାଙ୍କ ଦୁଃଖ, ଦୁର୍ଦ୍ଦଶା ଓ ଦୟନୀୟ ପରିସ୍ଥିତିକୁ ବୁଝିବାକୁ ମୋଦିଙ୍କ ପାଖରେ ସମୟ ନାହିଁ । ମହିଳା କଂଗ୍ରେସ ମୋଦିଙ୍କର ଗସ୍ତକୁ ନେଇ ଆଜି ଯେଉଁ ଅନଶନ କରିଛନ୍ତି ତାହାର ବାର୍ତ୍ତା ଓଡ଼ିଶାର ଘରେ ଘରେ ପହଂଚବା ଦରକାର । ଉଭୟ ମୋଦି ସରକାର ଓ ମୋହନ ସରକାର ମହିଳା ବିରୋଧି। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତି ଆହ୍ୱାନ ଦେଇଥିଲେ ଯେ ଗ୍ରାମ ଠାରୁ ସହର ପର୍ଯ୍ୟନ୍ତ ସମସ୍ତ ମହିଳା କଂଗ୍ରେସ କର୍ମୀ ଅତ୍ୟାଚାରିତା ମହିଳାମାନଙ୍କ ଲଢ଼େଇରେ ସାମିଲ ହୁଅନ୍ତୁ । ରାୟଗଡାରେ ମହିଳାମାନଙ୍କୁ ଅସଦାଚରଣ, ଗୋପାଳପୁର ସମୁଦ୍ର କୂଳରେ ମହିଳାଙ୍କୁ ଗଣଦୁଷ୍କର୍ମ, ଭାପୁର ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ, କେନ୍ଦୁଝରର ଆଦିବାସୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା, ବ୍ରହ୍ମଗିରିରେ ନାବାଳିକାକୁ ଦୁଷ୍କର୍ମ, ଚାନ୍ଦବାଲିରେ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ପ୍ରଭୃତି ଲୋମ ଟାଙ୍କୁରା ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ମୋହନ ସରକାର ସଂପୁର୍ଣ୍ଣ ନିଷ୍କ୍ରିୟ ହୋଇବସିଛନ୍ତି।

# ଛାତ୍ରଛାତ୍ରୀଙ୍କ କର୍ମାଭିମୁଖୀ ଆଲୋଚନାଚକ୍ର

**ଭୁବନେଶ୍ୱର,୨୨।୬ (ମହାଭାରତ):** ଶିକ୍ଷା ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ ଭେଟେରିନାରୀ ସାଇନସେସ୍ ଆଣ୍ଡ ଆନିମଲ ହଜବାଂଡ୍ରି (ଆଭିଏସ୍ଏଏଚ୍)ରେ ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ ବିଭାଗ ପକ୍ଷରୁ ପ୍ରାଣୀ ଚିକିତ୍ସା ସ୍ନାତକ ଛାତ୍ରଛାତ୍ରୀଙ୍କ ନିମନ୍ତେ ଭାରତର କୁକ୍କୁଟ ଏବଂ ଡ଼ାଇରୀ ଶିଳ୍ପରେ ନିଜକୁ ନିୟୋଜିତ କରିବା ନେଇ ରହିଥିବା ବିଭିନ୍ନ ସୁବିଧାସୁଯୋଗ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ବିଶେଷଜ୍ଞ ଭାବେ ମହାରାଷ୍ଟ୍ରର ପୁନେସ୍ଥିତ ଗ୍ରୀନମାଇକ୍ରୋର ସିଇଓ ଡ଼ଃ ପ୍ରଦୀପ ପି. ଲିଙ୍ଗେ ପିପିଟି ମାଧ୍ୟମରେ ବି.ଭି.ଏସ.ସି ଆଣ୍ଡ ଏ.ଏଚର ସ୍ନାତକ ଡାକ୍ତର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାଇଭେଟ ପ୍ରାକ୍ଟିସ, ଉଦ୍ୟୋଗ ସ୍ଥାପନ, ସରକାରୀ ଚାକିରୀ, ବ୍ୟବସାୟିକ ଭିତିରେ କୁକ୍କୁଟ ଓ ଡ଼ାଇରୀ ଫାର୍ମ ପ୍ରତିଷ୍ଠା, ଦୁଗ୍ଧ ଓ ଦୁଗ୍ଧ ଜାତୀୟ ଏବଂ କୁକ୍କୁଟ ଓ କୁକ୍କୁଟ ଜାତୀୟ ଦ୍ରବ୍ୟର ପ୍ରସ୍ତୁତି ସହିତ ନିରପେକ୍ଷ ବିତରଣ



ଆଦି ଦିଗରେ ଆତ୍ମନିର୍ଭରଶୀଳ ହେବା ପାଇଁ ରହିଥିବା ସୁବିଧାସୁଯୋଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆଭିଏସ୍ଏଏଚ୍ ର ଡିନ ପ୍ରଫେସର ( ଡ଼ଃ) ସୁଶାନ୍ତ କୁମାର ଦାସ ସଭାପତିତ୍ୱ କରି ଏହି ଆଲୋଚନାଚକ୍ର ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କୁକ୍କୁଟ ଉତ୍ପାଦନ ବିଭାଗର ମୁଖ୍ୟ ତଥା ପ୍ରଫେସର (ଡ଼ଃ) ନବ କିଶୋର ପ୍ରହରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉଭୟ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ମଧ୍ୟରେ ପାରସ୍ପରିକ ମତ ବିନିମୟ ହୋଇଥିଲା। ସର୍ବଶେଷରେ ଅଣୁ ଜୀବତତ୍ତ୍ୱ ବିଭାଗର ସହକାରୀ ଅଧ୍ୟାପକ ଡ଼ଃ ବୀର କିଶୋର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡିଶାରେ ବୃଦ୍ଧିଶୀଳ କର୍କଟ ଭାର ଆରମ୍ଭିକ ଚିହ୍ନଟ

**ଭୁବନେଶ୍ୱର,୨୨।୬ (ମହାଭାରତ):** ଓଡିଶାରେ କର୍କଟ ରୋଗରେ ବୃଦ୍ଧି ପରିଲିଖିତ ହୋଇଛି, ଯାହାଫଳରେ ବଢୁଥିବା ଘଟଣା ଏବଂ ଡେରିରେ ଚିହ୍ନଟ କାରଣରୁ ପରିବାର ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଚାପ ବଢିଚାଲିଛି । ମୁଖ, ସ୍ତନ, ଗର୍ଭାଶୟ ଗ୍ରୀବା, ଜଠରାନ୍ତ୍ର (ଜିଆଇ) କର୍କଟ ଏବଂ ଫୁସଫୁସ କର୍କଟ ପ୍ରମୁଖ ବିପଦ ଭାବେ ଉଭା ହୋଇଛି, ଯାହାପାଇଁ ସମୟୋପଯୁକ୍ତ ଯାଞ୍ଚ, ପ୍ରାରମ୍ଭିକ ଚିହ୍ନଟ ଏବଂ ନିରବିଚ୍ଛିନ୍ନ, ପ୍ରମାଣାଧାରିତ ଚିକିତ୍ସାର ଆବଶ୍ୟକତା ବଢି ଚାଲିଛି ।

ଓଡିଶା ସରକାର ଦୀର୍ଘ ସମୟ ଧରି ସାର୍ବଜନୀନ ସ୍ୱାସ୍ଥ୍ୟ ସେବାକୁ ପ୍ରାଥମିକତା ଦେଇଆସୁଛନ୍ତି । ଡାକ୍ତରଖାନା ଭିତ୍ତିକ ଚିକିତ୍ସା ସେବାର ସମ୍ପ୍ରସାରଣ ଏବଂ ଅସହାୟ ପରିବାରଗୁଡ଼ିକୁ ସ୍ୱାସ୍ଥ୍ୟଗତ ବ୍ୟୟଭାରରୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ କର୍କଟ ପରି ପ୍ରମୁଖ ଚିକିତ୍ସା ସେବାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଯୋଜନାରେ ଅନ୍ତର୍ଭୁକ୍ତ ଥିବା ପରିବାରମାନେ ପ୍ରତିବର୍ଷ ?୫ ଲକ୍ଷ ପର୍ଯ୍ୟନ୍ତ ବୀମା ପାଆନ୍ତି, ଏବଂ ମହିଳା ଲାଭାର୍ଥୀମାନଙ୍କ ପାଇଁ ପ୍ରାରମ୍ଭିକ ସୀମା ଶେଷ ହେବା ପରେ ଅତିରିକ୍ତ ?୫ ଲକ୍ଷର ବ୍ୟବସ୍ଥା ରହିଛି । ପ୍ରଥମେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ-ଜେଏୱାଇ) ପ୍ୟାକେଜ୍ ? ସହିତ ସମନ୍ୱିତ ଥିବା ଏହି ବ୍ୟବସ୍ଥାକୁ, ଓଡିଶା ସମ୍ପ୍ରତି ରାଜ୍ୟ-ନିର୍ଦ୍ଦିଷ୍ଟ କର୍କଟ ପ୍ୟାକେଜ୍ ? ପ୍ରବର୍ତ୍ତନ କରିଛି ଯେଉଁଥିରେ ଅନେକ ଅଭିନବ ଚିକିତ୍ସା ପଦ୍ଧତିକୁ ଅନ୍ତର୍ଭୁକ୍ତ କରାଯାଇଛି।

# ଆଇଆଇଟି ଏବଂ ସିଏସଆଇଆର-ସିବିଆରଆଇ ମଧ୍ୟରେ ବୁଝାମଣା

**ଭୁବନେଶ୍ୱର,୨୨।୬ (ମହାଭାରତ):** ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଏବଂ ସିଏସଆଇଆର-କେନ୍ଦ୍ରୀୟ ନିର୍ମାଣ ଗବେଷଣା ପ୍ରତିଷ୍ଠାନ (ସିଏସଆଇଆର-ସିବିଆରଆଇ), ରୁର୍କି ମଧ୍ୟରେ ନିର୍ମାଣ ବିଜ୍ଞାନ, ସିଭିଲ୍ ଇଞ୍ଜିନିୟରିଂ, ସ୍ଥାୟୀ ଭିତ୍ତିଭୂମି ଏବଂ ସମ୍ପର୍କିତ ବିଷୟଗୁଡ଼ିକରେ ସହଯୋଗାତ୍ମକ ଗବେଷଣା, ଶୈକ୍ଷିକ ବିନିମୟ ଓ ନବସୃଜନକୁ ପ୍ରୋତ୍ସାହନ ଦେବା ପାଇଁ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର କରାଯାଇଛି। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ଏବଂ ସିଏସଆଇଆର-ସିବିଆରଆଇର ନିର୍ଦ୍ଦେଶକ ପ୍ରଫେସର ଆର୍. ପ୍ରଦୀପ କୁମାରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ପ୍ରଫେସର ଭି. ପାଣ୍ଡୁ ରଙ୍ଗା, ଡିନ୍-ଇନ୍-ଚାର୍ଜ (ପ୍ରାୟୋଜିତ ଗବେଷଣା ଏବଂ ଔଦ୍ୟୋଗିକ ପରାମର୍ଶ); ପ୍ରଫେସର ସୁମନ୍ତ ହାଲଦାର, ମୁଖ୍ୟ, ସ୍କୁଲ ଅଫ୍ ଇନଫ୍ରାଷ୍ଟ୍ରକ୍ଚର; ଡ଼. ଡି. ପି. କାନୁନଗୋ, ମୁଖ୍ୟ, ଜିଓଟେକ୍ନିକାଲ୍ ଇଞ୍ଜିନିୟରିଂ ଏବଂ ଜିଓହାଜାର୍ଡସ୍ ଗ୍ରୁପ୍, ସିଏସଆଇଆର-ସିବିଆରଆଇ, ରୁର୍କି; ଡ଼. ଏସ୍. କେ. ପାଣିଗ୍ରାହୀ, ମୁଖ୍ୟ, ପ୍ରଯୁକ୍ତି ଓ ବ୍ୟବସାୟ ବିକାଶ ଗ୍ରୁପ୍, ସିଏସଆଇଆର-ସିବିଆରଆଇ, ରୁର୍କି; ଏବଂ ଡ଼. କିଶୋର କୁଲକର୍ଣ୍ଣୀ, ବୈଜ୍ଞାନିକ 'ଇ', ସିଏସଆଇଆର-ସିବିଆରଆଇ, ରୁର୍କି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସହଭାଗିତାର ଲକ୍ଷ୍ୟ ହେଉଛି ଉଭୟ ସଂସ୍ଥାର ଦକ୍ଷତା ଓ ସମ୍ପଦକୁ ଉପଯୋଗ କରି ଷ୍ଟ୍ରକ୍ଚରାଲ୍ ଇଞ୍ଜିନିୟରିଂ, ଜିଓଟେକ୍ନିକାଲ୍ ଇଞ୍ଜିନିୟରିଂ, ଇଞ୍ଜିନିୟରିଂ ଭୂବିଜ୍ଞାନ, ସ୍ଥାପତ୍ୟ ଏବଂ ଯୋଜନା, ପରିବେଶ ଇଞ୍ଜିନିୟରିଂ, ବିପର୍ଯ୍ୟୟ ପ୍ରଶମନ ଏବଂ ସ୍ଥାୟୀ ନିର୍ମାଣ ପ୍ରଯୁକ୍ତି ଭଳି କ୍ଷେତ୍ରରେ ଗବେଷଣାକୁ ଅଗ୍ରସର କରିବା ଓ ଦକ୍ଷ ମାନବ ସମ୍ପଦ ଗଠନ କରିବା। ଏହି ଏମଓୟୁ ଅନୁଯାୟୀ, ଆଇଆଇଟି ଭୁବନେଶ୍ୱର ଏବଂ ସିଏସଆଇଆର-ସିବିଆରଆଇ ମିଳିତ ଗବେଷଣା କାର୍ଯ୍ୟକଳାପ ଗ୍ରହଣ କରିବେ, ସମ୍ମିଳନୀ ଓ ସେମିନାର ଆୟୋଜନ କରିବେ, ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ପାଇଁ ଇଣ୍ଟର୍ନଶିପ୍ ସୁବିଧା ପ୍ରଦାନ କରିବେ, ଏବଂ ଛାତ୍ର ପ୍ରକଳ୍ପ ଓ ଗବେଷଣା କାର୍ଯ୍ୟର ମିଳିତ ମାର୍ଗଦର୍ଶନକୁ ପ୍ରୋତ୍ସାହନ ଦେବେ। ଏହି ଚୁକ୍ତି ମାଧ୍ୟମରେ ଗବେଷଣା ସୁବିଧା, ପରୀକ୍ଷାଗାର ଭିତ୍ତିଭୂମି, ସଫ୍ଟୱେର ସମ୍ପଦ ଏବଂ ପୁସ୍ତକାଳୟ ସେବାର ଆଦାନ-ପ୍ରଦାନ ମଧ୍ୟ ସମ୍ଭବ ହେବ, ଯାହା ଶୈକ୍ଷିକ ଏବଂ ଗବେଷଣାମୂଳକ ସହଭାଗିତାକୁ ସୁଦୃଢ଼ କରିବ। ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର କହିଥିଲେ ଯେ, ଏହି ସହଯୋଗ ଛାତ୍ରଛାତ୍ରୀ, ଗବେଷକ ଓ ଅଧ୍ୟାପକମାନଙ୍କ ପାଇଁ ଜାତୀୟ ଗୁରୁତ୍ୱର ଚ୍ୟାଲେଞ୍ଜଗୁଡ଼ିକ ଉପରେ କାମ କରିବାର ନୂତନ ସୁଯୋଗ ସୃଷ୍ଟି କରିବ ଏବଂ ଦୃଢ଼ ଓ ସ୍ଥାୟୀ ଭିତ୍ତିଭୂମି ଗଠନରେ ଅବଦାନ ରଖିବ। ସିଏସଆଇଆର-ସିବିଆରଆଇର ନିର୍ଦ୍ଦେଶକ ପ୍ରଫେସର ଆର୍. ପ୍ରଦୀପ କୁମାର କହିଥିଲେ ଯେ, ଏହି ସହଭାଗିତା ଉଭୟ ସଂସ୍ଥାର ଶକ୍ତିକୁ ଏକତ୍ର କରି ନିର୍ମାଣ ବିଜ୍ଞାନ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଉଚ୍ଚମାନର ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ଦେବ।

# ଅଲିମ୍ପିକ୍ ଦିବସ ପାଳନ କରି ୟୁ କ୍ୟାନ୍ ଡୁ ଦିସର ଶୁଭାରମ୍ଭ

**ଭୁବନେଶ୍ୱର,୨୨।୬ (ମହାଭାରତ):** ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ପୁଣି ଥରେ ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଏବଂ ରିଲାଏନ୍ସ ଫାଉଣ୍ଡେସନ ସହିତ ମିଶି ଏହାର ଲେଟସ୍ ମୁଭ୍ ପଦକ୍ଷେପକୁ ଭାରତରେ ଆଣିବାକୁ ଯାଉଛି - ଆଇଓସିର ବର୍ଷସାରା କ୍ରୀଡା ଅଂଶଗ୍ରହଣ ଅଭିଯାନ, ଯାହା ଅଲିମ୍ପିକ୍ ଆନ୍ଦୋଳନର ଶକ୍ତି ଏବଂ ପ୍ରେରଣା ମାଧ୍ୟମରେ ଯୁବକମାନଙ୍କୁ ସକ୍ରିୟ ହେବାକୁ ଉତ୍ସାହିତ ଏବଂ ସମର୍ଥନ କରିବାକୁ ଲକ୍ଷ୍ୟ ରଖିଛି। ଅଲିମ୍ପିକ୍ ଭାଲ୍ୟୁ ଏଜୁକେସନ୍ ପ୍ରୋଗ୍ରାମ୍ (ଓଭିଇପି) ମାଧ୍ୟମରେ ଚାଲିଥିବା ସହଯୋଗର ଏକ ଅଂଶ ଭାବରେ ଏବଂ ପୂର୍ବ ଦୁଇ ବର୍ଷର ସଫଳ ଅଭିଯାନକୁ ଅନୁସରଣ କରି, ଯାହା ୨୦ ନିୟୁତ ଯୁବକଙ୍କୁ ଗତି କରିବାକୁ ସକ୍ଷମ କରିଛି, ଆପଣ ଏହା କରିପାରିବେ! ଲେଟସ୍ ମୁଭ୍ ଅଲିମ୍ପିକ୍ ଦିବସ (୨୩ ଜୁନ୍) ରେ ସମଗ୍ର ଭାରତରେ ଅନେକ କ୍ରୀଡ଼ା କାର୍ଯ୍ୟକଳାପ ଏବଂ ଡିଜିଟାଲ୍ ବିଷୟବସ୍ତୁ ସହିତ ଆରମ୍ଭ ହୁଏ, ଯାହା ଯୁବକମାନଙ୍କୁ ଗତି ଆରମ୍ଭ କରିବାକୁ ଏବଂ କ୍ରୀଡ଼ାର ସମସ୍ତ ଲାଭ ଉପଭୋଗ କରିବାକୁ ପ୍ରସ୍ତୁତ ଅନୁଭବ କରିବାରେ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଛି। ଅଭିନବ ବିନ୍ଦ୍ରା ଫାଉଣ୍ଡେସନ, ଆଇଓସି ଏବଂ ଆଂଚଳିକ ସରକାରଙ୍କ ସହଯୋଗରେ ଯୁବକମାନଙ୍କୁ ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ କରିବା ପାଇଁ ପାଂଚଟି ଅଂଚଳ ଯଥା ଓଡ଼ିଶା, ଆସାମ ଏବଂ ଚଣ୍ଡିଗଡ଼ ଏବଂ ପ୍ରଥମ ଥର ପାଇଁ ତେଲେଙ୍ଗାନା ଏବଂ ମେଘାଳୟକୁ ଅନ୍ତର୍ଭୁକ୍ତ କରୁଛି।

# କୃଷି ବିକାଶ ଅର୍ଥନୀତି

ପୃଥିବୀର ଅନ୍ୟ କୌଣସି ଦେଶରେ ଏଭଳି ଯୋଜନା ଦେଖିବାକୁ ମିଳିବନି। ଏଥିପାଇଁ ଆଇଏମଏଫ ଭାରତକୁ ପ୍ରଶଂସା କରିଛି ଏବଂ ମହାମାରୀ ସ□ ଦେଶର ଅତି ଉତ୍କଟ ଦାରିଦ୍ର୍ୟ ହାର ବଢ଼ି ନାହିଁ ବୋଲି କହିଛି। ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନା ଯୋଗୁ ଏହା ସମ୍ଭବ ହୋଇପାରିଛି। ୟୁକ୍ରେନ-ଋଷିଆ ଯୁଦ୍ଧ ପରେ ଭାରତରୁ ଚାଉଳ ଓ ଗହମ ରପ୍ତାନୀ ବୃଦ୍ଧି ପାଇଛି। ଯେଉଁମାନେ ୟୁକ୍ରେନରୁ ଗହମ କିଣୁଥିଲେ ସେମାନେ ଏବେ ଭାରତରୁ ଗହମ ନେବାକୁ ଆଗଭର ହେଉଛନ୍ତି। ଇଜିପ୍ଟ ଭାରତକୁ ଗହମ ଯୋଗାଣକାରୀ ରାଷ୍ଟ୍ରର ମାନ୍ୟତା ପ୍ରଦାନ କରିଛି। ତେବେ କେବଳ ଚାଉଳ ବା ଗହମ ଉତ୍ପାଦନରେ ସ୍ୱାବଲମ୍ବୀ ହେଲେ ହେବ ନାହିଁ, ଅନ୍ୟ ବହୁ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ଆମକୁ ସ୍ୱାବଲମ୍ବୀ ହେବାକୁ ପଡ଼ିବ। କିନ୍ତୁ ପାକିସ୍ତାନ ଓ ଶ୍ରୀଲଙ୍କା ପରିସ୍ଥିତି ସହ ତୁଳନା କରି ଆମେ ଯଦି ଆତ୍ମସନ୍ତୋଷ ଲାଭ କରିବା ତେବେ ଏହାଠାରୁ ଅଧିକ ବିଡ଼ମ୍ବନାର ବିଷୟ ଆଉ କିଛି ନହୋଇପାରେ। ଶ୍ରୀଲଙ୍କା ତୁଳନାରେ ଭାରତର କୃଷି ବିକାଶ ଯଥେଷ୍ଟ ଆଗରେ ରହିଛି। ଭାରତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛି। ତେବେ ଭାରତରେ ଯଦିଓ ଖାଦ୍ୟ ସାମଗ୍ରୀର ଅଭାବ ନାହିଁ କିନ୍ତୁ ଦରବୃଦ୍ଧି ଅସହ୍ୟ ହେଲାଣି। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଏହାର ମୁଖ୍ୟ କାରଣ। ପରିବହନ ଖର୍ଚ୍ଚ ବୃଦ୍ଧି ହେତୁ ସବୁ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନ ଖର୍ଚ୍ଚ ବୃଦ୍ଧି ପାଇବା ହେତୁ ଏଭଳି ହୋଇଛି। ଅନେକ ସମୟରେ ମାତ୍ରାଧିକ ରପ୍ତାନୀ ମଧ୍ୟ ଦରବୃଦ୍ଧିର କାରଣ ହୋଇଥାଏ। ତେବେ ଏହା ଦ୍ୱାରା କୃଷକମାନେ ଭଲ ରୋଜଗାର କରିବାର ସୁଯୋଗ ପାଇଥାନ୍ତି। ତା ଅର୍ଥ ନୁହେଁ ଯେ, ଦେଶରେ ଏହାର ଦରବୃଦ୍ଧି ପାଇବ। ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଏବଂ ଦରବୃଦ୍ଧିକୁ ରୋକିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଏହାକୁ ସରକାର ଅଣଦେଖା କରିପାରିବେ ନାହିଁ। ସମ୍ପ୍ରତି ଆଳୁ, ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଗରିବ ଲୋକଙ୍କ ପାଇଁ ବିଶେଷ କରି ଘରୋଇ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଆମେ ବର୍ଷକରେ ୪୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ରପ୍ତାନୀ କରି ବାହାଦୁରୀ ମାରୁଛୁ। କିନ୍ତୁ ଏହା ସହିତ ଆମଦାନୀ ମଧ୍ୟ ବଢୁଛି। ତେଣୁ ୨୦୨୧-୨୨ରେ ଦେଶର ବାଣିଜ୍ୟିକ ନିଅ□ ବା ଟ୍ରେଡ ଡେଫିସିଟ ରେକର୍ଡ ସ୍ତରରେ ପହଞ୍ଚିଛି। ଏପଟେ ଦର ବୃଦ୍ଧିର ବୋଝ ସାଧାରଣ ଲୋକଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇଛି। ଆମେ କୃଷି ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛୁ ବୋଲି ଗର୍ବ କରିବାର କିଛି କାରଣ ନାହିଁ। ୟୁକ୍ରେନ ଭଳି ଏକ ଛୋଟ ଦେଶ ଉପରେ ଆମେ ଖାଇବା ତେଲ ପାଇଁ ନିର୍ଭର କରୁଛୁ। ଖାଇବା ତେଲ ଉତ୍ପାଦନରେ ଆମେ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ହୋଇପାରିବା। କିନ୍ତୁ ଯୋଜନା ଓ ପ୍ରୋତ୍ସାହନର ଅଭାବ ଯୋଗୁ ଏହା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇପାରିନି। ସେହିପରି ଓଡ଼ିଶା ମଧ୍ୟ ଏକ କୃଷିପ୍ରଧାନ ରାଜ୍ୟ ହୋଇଥିଲେ ମଧ୍ୟ ଓଡ଼ିଶାବାସୀ ଅଧିକାଂଶ ଖାଦ୍ୟ ସାମଗ୍ରୀ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରୁଛି। ମାଛ, ଲେମ୍ବୁ, ଅଣ୍ଡାଠାରୁ ଆରମ୍ଭ କରି ଆଳୁ ପିଆଜ ପର୍ଯ୍ୟନ୍ତ ସବୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ପାଇଁ ଆମକୁ ଅନ୍ୟ ରାଜ୍ୟର ଦୟା ଉପରେ ନିର୍ଭର କରିବାକୁ ପଡୁଛି। ସେଠାରେ ପ୍ରାକୃତିକ ବିପର୍ଯ୍ୟୟ ହେତୁ ଉତ୍ପାଦନ କମିଲେ ଆମକୁ ଏହାର ପରିଣତି ଭୋଗିବାକୁ ପଡୁଛି। କିଛି ବର୍ଷ ତଳେ ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ଛାଡ଼ିଲେନି। ଫଳରେ ଏଠାରେ ଆଳୁ ଅଭାବ ସହିତ ଦର ବୃଦ୍ଧି ହେଲା। ସେତେବେଳେ ରାଜ୍ୟ ସରକାର ଆଳୁ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରାଇବାକୁ ଏକ ମିଶନ ଆରମ୍ଭ କଲେ। କିନ୍ତୁ ଏହି ଆଳୁ ମିଶନ ଶତ ପ୍ରତିଶତ ବିଫଳତାରେ ପର୍ଯ୍ୟବେସିତ ହେଲା। ଦୃଢ଼ ଇଚ୍ଛାଶକ୍ତିର ଅଭାବ ଏବଂ ପ୍ରଶାସନିକ ନିଷ୍କ୍ରିୟତା ଏହାର ମୁଖ୍ୟ କାରଣ।

# ମାନବ କୈନ୍ଦ୍ରିକ ଜଗତୀକରଣ ଜରୁରୀ

“

ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ୍ୟ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି।

॥ ବାଦଲ ଭୂୟାଁ ॥

ଗ୍ଲୋବାଲ ସାଉଥ ମେଧାବୃତ୍ତି ଆରମ୍ଭ କରିବ ଭାରତ : ସମଗ୍ର ବିଶ୍ୱରେ ଶିକ୍ଷା କ୍ଷେତ୍ରରେ ଭାରତ ଏକ ଆଦର୍ଶଣୀୟ ରାଷ୍ଟ୍ର ଭାବେ ଆଜି ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଛି। ଗତ ତିନି ବର୍ଷ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ପାଇଁ ବେଶ ଆହ୍ୱାନପୂର୍ଣ୍ଣ ଥିଲା। କିନ୍ତୁ ନୂଆବର୍ଷ ନୂଆ ଆଶା ନେଇ ଆସିଛି। ଆମେ ସଭିଏଁ ଗ୍ଲୋବାଲଇଜେଶନକୁ ସମର୍ଥନ କରୁ। ଭାରତ ସର୍ବଦା ବିଶ୍ୱକୁ ଏକ ପରିବାର ରୂପରେ ଦେଖିଥାଏ। ଆମେ ଏପରି ଏକ ଜଗତୀକରଣ ଚାହୁଁ ଯେଉଁଠି ଜଳବାୟୁ କିମ୍ବା ଋଣ ସଙ୍କଟ ସୃଷ୍ଟି ହେଉ ନଥିବ, ଯାହା ମାନବକୈନ୍ଦ୍ରିକ ହୋଇଥିବ। ଯେଉଁଠି ଟିକାକରଣରେ ଅସମାନତା ନଥିବ ଏବଂ ଯେଉଁଠି ମାନବିକତା ଏବଂ ସମୃଦ୍ଧିର ସ୍ଥାନ ଥିବ ବୋଲି ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ସୂଚନାଥାଉକି ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ୧୨୦ରୁ ଅଧିକ ବିକାଶଶୀଳ ଦେଶ ଭାଗ ନେଇଛନ୍ତି। ଏହା ଗ୍ଲୋବାଲ ସାଉଥର ସବୁଠାରୁ ବଡ଼ ଧରଣର ଭର୍ଚୁଆଲ ସମିଟ। ପ୍ରଧାନମନ୍ତ୍ରୀ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦ ସମେତ ଅନ୍ତର୍ଜାତୀୟ ସଙ୍ଗଠନ ଗୁଡ଼ିକରେ ତତ୍କାଳ ଏକ ମୌଳିକ ସୁଧାରର ଆବଶ୍ୟକତା ରହିଛି। ଭାରତ ଏକ ଗ୍ଲୋବାଲ ସାଉଥ ସେଣ୍ଟର ଅଫ ଏକ୍ସିଲେନ୍ସ ସ୍ଥାପନ କରିବ। ନୂଆ ପ୍ରୋଜେକ୍ଟ ଆରୋଗ୍ୟ ମୈତ୍ରୀ ବାବଦରେ ମୋଦି ପ୍ରକାଶ କରିଥିଲେ। ଏହାଦ୍ୱାରା ଭାରତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶ ଗୁଡ଼ିକୁ ମେଡ଼ିକାଲ ସୁବିଧା ଉପଲବ୍ଧ କରାଇପାରିବ ବୋଲି ସେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଯୁଦ୍ଧ, ଆତଙ୍କବାଦ ସମେତ ବିଭିନ୍ନ ବୈଶ୍ୱିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ବିଶ୍ୱ ସଙ୍କଟରେ ପଡ଼ିଛି। ଆଉ କେତେ ଦିନ ଏହି ଅସ୍ଥିରତା ଜାରି ରହିବ ତାହା କହିବା କଷ୍ଟକର ବୋଲି କହିଥିଲେ। ଏଥିସହ ଇନ୍ଧନ ସଙ୍କଟ, ଖାଦ୍ୟାଭାବ, ମୁଦ୍ରାସ୍ଫୀତି, କରୋନା ମହାମାରୀ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଆଦି ଉପରେ ଚିନ୍ତା ବ୍ୟକ୍ତ କରିଥିଲେ। ଭଏସ ଅଫ ଗ୍ଲୋବାଲ ସାଉଥ ସମିଟରେ ବାର୍ବାଡ଼ାସ, କୋଷ୍ଟାରିକା, କମନୱେଲଥ ଦେଶ ବାହାମାସ, କ୍ୟୁବା, ଗାମ୍ବିଆ, ହଣ୍ଡୁରାସ, ଲାଓ ପିପୁଲସ ଡେମୋକ୍ରାଟିକ ରିପବ୍ଲିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ. ସେଣ୍ଟ ଭିନସେଣ୍ଟ ଏବଂ ଦି ଗ୍ରେନାଡାଇନସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ।

ଭାରତର ଶିକ୍ଷା ବ୍ୟବସ୍ଥା ପ୍ରଶଂସନୀୟ କାରଣ କେନ୍ଦ୍ରଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱ ନେବା ପରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଆହୁରି ବାସ୍ତବାଭିମୁଖୀ ଓ ଶିକ୍ଷାଭିମୁଖୀ କରିପାରିଛନ୍ତି। ଗାମ୍ବିଆର ଶିକ୍ଷା ମନ୍ତ୍ରୀ ପ୍ରଫେସର ପାଏରୀ ଗୋମେଜ ଶିକ୍ଷା ପ୍ରଯୁକ୍ତିବିଦ୍ୟା ଓ ଦକ୍ଷତା ବିକାଶ ଦିଗରେ ଭାରତୀୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। କ୍ଷେମ ବର୍ଗରେ ଭାରତ ସହ ଭାଗିଦାରୀ ହେବା ପାଇଁ ସେ ଇଚ୍ଛା ପ୍ରକାଶ କରିବା ସହ ବୈଷୟିକ, ଧନ୍ଦାମୂଳକ, ଶିକ୍ଷା ପ୍ରଶିକ୍ଷଣକୁ ତାଙ୍କ ଦେଶ ଗୁରୁତ୍ୱ ଦେଇ ଏହାକୁ ବିକଶିତ କରିବା ପାଇଁ ସେ ଭାରତର ସହଯୋଗ ଲୋଡ଼ିଥିଲେ। ନ୍ୟାସନାଲ ଏଜୁକେସନାଲ ହବ ଏବଂ ନ୍ୟାସନାଲ ଟେକ୍ନୋଲୋଜି ପାର୍କ ସ୍ଥାପନ କରିବା ପାଇଁ ସେ ଭାରତ ଠାରୁ ସହଯୋଗ ଆଶା କରିଥିଲେ। ବିକାଶ ଏଜେଣ୍ଡା ପୂରଣ ପାଇଁ ଭାରତର ସହଯୋଗ ଲୋଡ଼ା। ସ୍ଥାୟୀ ବିକାଶ ଏଜେଣ୍ଡାକୁ ପୂରଣ କରିବା ପାଇଁ ଭାରତର ସହଯୋଗ ଲୋଡ଼ା ବୋଲି ସୋଲୋମାନ ଆଇଲ୍ୟାଣ୍ଡର ଶିକ୍ଷାମନ୍ତ୍ରୀ ଲେନଲୀ ତାନଗାଣ୍ଡା କହିଛନ୍ତି। ଭାରତର ଷ୍ଟଡି ଏବଂ ଟ୍ରେନିଂ ବ୍ୟବସ୍ଥା ଏକ ସଫଳ ମଡ଼େଲ ବୋଲି ସେ ପ୍ରକାଶ କରିଥିଲେ।

ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ୍ୟ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି। ଡିଜିଟାଲ ଏଜୁକେଶନ ରିସୋର୍ସ ମଧ୍ୟ କରାଯାଇଛି। ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଶିକ୍ଷାନୁଷ୍ଠାନଗୁଡ଼ିକର ଡିଜିଟାଲାଇଜେସନ କରାଯାଇଥିବା ଗ୍ଲେନିସ କହିଛନ୍ତି। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା। ଉରୁଗୁଏ ଶିକ୍ଷାମନ୍ତ୍ରୀ ପାବଲୋ ଦା ସିଲଭେରା କହିଛନ୍ତି ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା। ନିଜ ଦେଶର ସମାଜ ଏବଂ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାକୁ ନିରନ୍ତର ବିକଶିତ କରିବା। ପରାଧୀନ ମାନସିକତା ବଦଳାଇବା। ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା। ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା। ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଗୁଣାତ୍ମକ, ସୁଲଭ ଏବଂ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡ଼ିତ ଏବଂ ୨୦୩୦ ସାମଗ୍ରିକ ବିକାଶ ସହ ସମ୍ପୃକ୍ତ। ଏହା ଆମ ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବେ ବିକଶିତ କରିବ, ଯାହା ଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ।

ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଛି। ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଭାବେ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଦିବ୍ୟାଙ୍ଗ ଶିଶୁଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବା ସହ ଶିକ୍ଷକଙ୍କ ଦକ୍ଷତା ବିକାଶ ଏବଂ ଟ୍ରେନିଂ ଉପରେ ମଧ୍ୟ ପଦକ୍ଷେପ ନିଆଯାଇଛି। ସ୍କୁଲ ଯାଉଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ଉନ୍ନତ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ପାଠ୍ୟକ୍ରମକୁ ପୁନଃ ଡିଜାଇନ କରାଯାଇ ଏହାକୁ ଛାତ୍ରଛାତ୍ରୀ କେନ୍ଦ୍ରୀୟ କରିବା ସହ ମାତୃଭାଷାରେ ଶିକ୍ଷା ଆହରଣ ଓ ଶିକ୍ଷାଦାନକୁ ବିଶେଷ ମହତ୍ତ୍ୱ ଦିଆଯାଇଛି। ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସଂସ୍କାର ଅଣାଯାଇଛି। ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଲ୍ଟି ଏଣ୍ଟ୍ରି ଏକଜିଟ ସହ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁନିଶ୍ଚିତ କରାଯାଇଛି। ସ୍କୁଲ, ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷାର ଏକୀକରଣ କରିବା ପାଇଁ ଟେକ୍ନୋଲୋଜି ଭିତ୍ତିଭୂମି ଯଥା ନ୍ୟାସନାଲ ଲେବଲ ଷ୍ଟୁଡେଣ୍ଟ ରେଜିଷ୍ଟ୍ରି, ଏକାଡ଼େମିକ ବ୍ୟାଙ୍କ ଅଫ କ୍ରେଡିଟ ଆଣ୍ଡ ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଇ-ବିଦ୍ୟା ପାଇଁ ୨୬୦ ଟିଭି ଚ୍ୟାନେଲ। ସ୍କିଲ ଲ୍ୟାବ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୋଗୀକରଣ କରାଯାଇ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଯୋଡ଼ାଯାଉଛି। ନିଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କୁ ଶିଳ୍ପ କ୍ଷେତ୍ରରେ ଇଣ୍ଟର୍ଣ୍ଣସିପ ଏବଂ ଆପ୍ରେଣ୍ଟିସିପ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ପ୍ରାଧାନ୍ୟ ଦିଆଯାଇଛି। ପିଏମ ଇବିଦ୍ୟା ପଦକ୍ଷେପ ସ୍ୱରୂପ ଦୀକ୍ଷା, ଇ-ପାଠଶାଳା, ସ୍ୱୟଂ ପ୍ରଭା ଟିଭି ଏବଂ ୨୬୦ରୁ ଅଧିକ ଟିଭି ଚ୍ୟାନେଲର ବ୍ୟବସ୍ଥା କରାଯାଇଛି।

ଶିକ୍ଷାର ଅନ୍ତର୍ଜାତୀୟକରଣକୁ ଗୁରୁତ୍ୱ : ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ। ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ। ଭାରତରେ ଥିବା ଶିକ୍ଷାନୁଷ୍ଠାନ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ସହ ମିଶି ଛାତ୍ରଛାତ୍ରୀଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆଇଆଇଟି ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦେଶରେ ନିଜ କ୍ୟାମ୍ପସ ଆରମ୍ଭ କରିବା ପାଇଁ ଯାଉଛନ୍ତି। ଏହାବ୍ୟତୀତ ଭାରତରେ ବୈଦେଶିକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇଛି।

୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

# ଭକ୍ତି କରୁଛୁ, ତଥାପି ଦୁଃଖ ଯାଉନାହିଁ..

॥ ବିପିନ ବିହାରୀ ରାଉତ ॥

ସଂସାରର ରୀତି ଏହିପରି ଯେ କେହି ଏଠାରେ ଦୁଃଖକଷ୍ଟ ଚାହାନ୍ତି ନାହିଁ କି ତାକୁ ଗ୍ରହଣ କରିପାରନ୍ତି ନାହିଁ। ଯଦି କେହି ଘୋର ସନ୍ତାପରେ ଅଛନ୍ତି ଏବଂ ସେଥିରୁ ମୁକୁଳିପାରୁ ନାହାନ୍ତି ତାହେଲେ ଭଗବାନଙ୍କର ଅସ୍ତିତ୍ୱ ନେଇ ମନରେ ପ୍ରଶ୍ନ ଛିଡ଼ା କରିଦିଅନ୍ତି। ଏହାପରେ ନାସ୍ତିକ ବା ଯୁକ୍ତିବାଦୀମାନଙ୍କ ସହିତ ସଙ୍ଗ ହୋଇଗଲେ ମନ ଆହୁରି ଗୋଳମାଳିଆ ହୋଇଉଠେ। ବିଶ୍ୱାସରୂପକ ବୃକ୍ଷଟି ମନ ଭିତରୁ ଉପୁଡ଼ିଯାଏ। ସମସ୍ତଙ୍କ ପରି ସାଇଭକ୍ତମାନଙ୍କ ପ୍ରତି ମଧ୍ୟ ଏହା ପ୍ରଯୁଜ୍ୟ। ଏହା ସତ୍ୟ ଯେ ଅଧିକାଂଶ ସାଇଭକ୍ତ ସମର୍ଥ ସଦ୍‌ଗୁରୁ ଶିରିଡ଼ି ସାଇବାବାଙ୍କର ପ୍ରତ୍ୟକ୍ଷ କୃପା ବା ଅନୁଭୂତି ଲାଭ କରିଛନ୍ତି। ଏହା ନ ହୋଇଥିଲେ ସେମାନେ କେବେ ବି ଏହି ମାର୍ଗରେ ଆସିନଥାନ୍ତେ କି ଶିରିଡ଼ି ସାଇବାବାଙ୍କର ପୂଜା କରୁନଥାନ୍ତେ। ତଥାପି ଯଦି ଏହିପରି କେହି ଭକ୍ତ ଥିବେ ଏବଂ ସାଇବାବାଙ୍କର କୃପା ବା ଅନୁଭୂତି ଲାଭ ନକରି ମଧ୍ୟ ତାଙ୍କର ପୂଜା ଓ ଭକ୍ତି କରୁଥିବେ ତାହେଲେ ତାଙ୍କୁ ଧନ୍ୟବାଦ ଦେବାକୁ ହେବ। ସେହିପରି ବ୍ୟକ୍ତି ପ୍ରକୃତରେ ଭାଗ୍ୟବାନ। ସାଇଭକ୍ତମାନେ ଏହି ଦୃଷ୍ଟିରୁ ଭାଗ୍ୟବାନ ଯେ ବାବାଙ୍କର ଅନୁଭୂତି ଲାଭ କରିବା ପରେ ସେମାନଙ୍କର ବିଶ୍ୱାସ ଦୃଢ଼ ହୋଇଥାଏ। ଏହାପରେ ଏହାକୁ ଜାରି ରଖି ଉତ୍ତରୋତ୍ତର ବୃଦ୍ଧି କରିବା ହେଉଛି ଭକ୍ତର ଦାୟିତ୍ୱ। ଶିରିଡ଼ି ସାଇବାବାଙ୍କ ପରି ସଦ୍‌ଗୁରୁଙ୍କର ବିଶେଷତ୍ୱ ହେଉଛି ସେମାନେ ପ୍ରଥମେ କୌଣସି ନା କୌଣସି ଉପାୟରେ ଅନୁଭୂତି ପ୍ରଦାନ କରି ଭକ୍ତର ହୃଦୟରେ ବିଶ୍ୱାସରୂପକ ବୀଜ ରୋପଣ କରିଦିଅନ୍ତି। ଏହାପରେ ତାର ବିବେକ ଜାଗ୍ରତ କରି ଅଜ୍ଞାନତା ଦୂର କରନ୍ତି। ଏହି ସ୍ତରରେ ପହଞ୍ଚିଲା ପରେ ଭକ୍ତର ଧୈର୍ଯ୍ୟଶକ୍ତି ବୃଦ୍ଧି ପାଏ। ରାଗ, ଅହଂକାର ଆଦି ଦୂର ହୋଇଯାଏ। ଏହାପରେ ସ୍ତର ସ୍ତର ଦେଇ ଉନ୍ନତି ପଥରେ ସେ ଯାତ୍ରା କରେ। କିନ୍ତୁ ସବୁ ଭକ୍ତ ଏହିପରି ଉପରକୁ ଉପରକୁ ଯିବାକୁ ସମର୍ଥ ହୋଇପାରନ୍ତି ନାହିଁ। ଅନେକ ଅଧାବାଟରେ ଧୈର୍ଯ୍ୟ ହରାଇ ବସନ୍ତି ଓ ବାଟ ହୁଡ଼ିଯାଆନ୍ତି। ଫଳରେ ସେମାନଙ୍କର ଉନ୍ନତି ପଥ ରୁଦ୍ଧ ହୋଇଯାଏ।

ଏହିପରି ଭକ୍ତମାନେ ମନରେ ନାନାଦି ଅଭିମାନ ପୋଷଣ କରନ୍ତି। ଆମେ ଭଗବାନଙ୍କର ଏତେ ପୂଜା ପାଠ କରୁଛୁ, ବ୍ରତ ଉପାସନା କରୁଅଛୁ, ତଥାପି ଦୁଃଖ ତ ଦୂରହେଉନାହିଁ। ଏହିକଥାକୁ ମନରେ ଧରି ସେମାନେ ଭଗବାନଙ୍କ ନିକଟରୁ ଅର୍ଥାତ୍ ଭକ୍ତି ମାର୍ଗରୁ ହୁଡ଼ି ଯାଆନ୍ତି।

ସୁତରାଂ ବାବାଙ୍କ କୃପାରୁ ଏହିପରି ବ୍ୟକ୍ତିମାନଙ୍କ ଭିତରେ ପ୍ରେରଣା ଜାତ କରି ସଂସାରର ପ୍ରକୃତ ବାସ୍ତବତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା ଅଭିପ୍ରାୟରେ ଅନେକ ସାଇଲୀଳା ସମ୍ପର୍କିତ ଓ ଶିରିଡ଼ି ସାଇଙ୍କ ଦିବ୍ୟ ମହିମାର ଗାଥା ଶୁଣିବାକୁ ଓ ପଢ଼ିବାକୁ ମିଳିଥାଏ। ଥରେ ଭାବି ଦେଖନ୍ତୁ ପ୍ରହ୍ଲାଦ କେତେ ବଡ଼ ଭକ୍ତ ନଥିଲେ ! ସବୁକିଛି ହାତ ପାଆନ୍ତାରେ ଥିଲା। ତଥାପି ତାଙ୍କୁ ଏତେ କଷ୍ଟ ଓ ପୀଡ଼ା ଯାତନା ଭୋଗିବାକୁ ପଡ଼ିଲା କାହିଁକି ? ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ତେବେ ଭକ୍ତର ସଂଜ୍ଞା କ’ଣ ? ସାଇ ସତ୍‌ଚରିତରେ ବାବା କହିଛନ୍ତି ଯିଏ ଅନ୍ୟକୁ କଷ୍ଟ ଦିଏ, ସେ ମୋତେ କଷ୍ଟ ଦିଏ ଏବଂ ଏହାର ବିପରୀତ ଯିଏ କଷ୍ଟ ସହ୍ୟ କରେ ସେ ମୋର ଅତ୍ୟନ୍ତ ପ୍ରିୟ। ଆଜି ଆଉ ଜଣେ ଭକ୍ତଙ୍କର କଥା ଆଲୋଚନା କରିବା। ଏହି ଭକ୍ତଜଣକ ହେଲେ ମୀରାବାଈ। ତାଙ୍କ ସମ୍ପର୍କରେ ଅନେକ ଶୁଣିଥିବେ ଓ ପଢ଼ିଥିବେ। ପ୍ରହ୍ଲାଦଙ୍କ ଭଳି ଏହା ବହୁଶହ ବର୍ଷ ତଳର ପୁରୁଣା ଘଟଣା ନୁହେଁ ଯେ କାଳ୍ପନିକ ମନେ ହେବ। ମାତ୍ର ପାଞ୍ଚଶହ ବର୍ଷ ତଳର ଘଟଣା। ମୀରାବାଈଙ୍କର କଥା ଇତିହାସରେ ମଧ୍ୟ ଉଲ୍ଲେଖ ହୋଇଛି। ସେ ରାଜ ପରିବାରର ସଦସ୍ୟ ଥିଲେ। ଭଗବାନଙ୍କୁ ପାଇବା ପାଇଁ କ’ଣ ତ୍ୟାଗ ନକଲେ। ହେଲେ ଏହି ମହତ୍ କାର୍ଯ୍ୟରେ ତାଙ୍କର ଘର ପରିବାର ଲୋକେ ସହାୟତା କରିବା ପରିବର୍ତ୍ତେ ତାଙ୍କୁ ବିରୋଧ କଲେ କାହିଁକି ? ଖାଲି ବିରୋଧ ତ କଲେ ନାହିଁ ବିଷ ପିଆଇ ମାରିଦେବାକୁ ପ୍ରୟାସ କଲେ କାହିଁକି ? ଏହା ଗୋଟିଏ ଜଟିଳ ପ୍ରଶ୍ନ। ଏହିପରି ଅନେକ ପ୍ରଶ୍ନର ଉତ୍ତର ଖୋଜି ପାଠକମାନଙ୍କୁ ପରଶିବା ପାଇଁ ସ୍ୱୟଂ ବାବାଙ୍କର ପ୍ରେରଣାରେ ବର୍ଷ ବର୍ଷ ଧରି ଅନେକ ଶିରିଡ଼ି ସାଇଙ୍କର ମହିମା ସମ୍ପର୍କିତ ପତ୍ରପତ୍ରିକା ଓ ପୁସ୍ତକ ହୋଇ ଆସୁଛି। ବାବାଙ୍କ ଇଚ୍ଛା ତାଙ୍କର ଭକ୍ତମାନେ ଏଥିରେ ପ୍ରକାଶ ପାଉଥିବା ତାଙ୍କର ଲୀଳା ଓ କଥାମାନ ପାଠ କରି ଭକ୍ତିଭାବରେ ରୋମାଞ୍ଚିତ ହୁଅନ୍ତୁ ଏବଂ ସଦାସର୍ବଦା ଈଶ୍ୱରଙ୍କର ସ୍ମରଣ ଓ ସାନ୍ନିଧ୍ୟରେ ରହନ୍ତୁ। ଏବେ ବାବା ସଶରୀରରେ ନାହାନ୍ତି ବୋଲି କେହି ଅନୁଭବ କରୁଥିଲେ ତାକୁ ଏହି କଥାସବୁ ଜୀବନ୍ତ ଚେତନାର ଅନୁଭୂତି ଆଣିଦେବ। ତଥାପି ଯଦି କାହା ପାଇଁ ଏହା ରୁଚିକର ନହେଲା, ତାହେଲେ କ’ଣ କରାଯିବ ? ଜୀବନସାରା ଆଉ ଦୁଃଖ କି କ୍ଳେଶର ଚିହ୍ନ ରହିବ ନାହିଁ ଜଣେ ସାଇଭକ୍ତ ଗୋଟିଏ କୌତୁହଳପ୍ରଦ କାହାଣୀ ବର୍ଣ୍ଣନା କରୁଥିଲେ। ଅଞ୍ଚଳର ଏକ ଦମ୍ପତି ବହୁ ପୂଜା, ବ୍ରତ, ଉପାସନା ଆଦି କଲେ ପୁତ୍ର ସନ୍ତାନଟିଏ ପ୍ରାପ୍ତି ଲକ୍ଷ୍ୟରେ। ଏମିତି କୌଣସି ଦେବାଦେବୀଙ୍କର ପୂଜା ନାହିଁ ସେମାନେ କରିନାହାନ୍ତି। ଶେଷରେ କାହାଠାରୁ ଶୁଣି ଶିରିଡ଼ି ସାଇ ସତ୍‌ଚରିତ ଯୋଗକୁ ବାବାଙ୍କ କୃପାରୁ ତାଙ୍କର ପୁତ୍ର ସନ୍ତାନଟିଏ ହେଲା। କିନ୍ତୁ ଯେଉଁଦିନ ପୁତ୍ରଲାଭ ହେଲା ମାନସିକ ପୂରଣ ହୋଇଗଲା ଜାଣି ସତ୍‌ଚରିତ ପଢ଼ା ବି ବନ୍ଦ ହୋଇଗଲା। ଏପରି ଲୋକମାନେ ଚିରକାଳ ଭଗବାନଙ୍କ ସାନ୍ନିଧ୍ୟ ବା କୃପା ପାଇବେ ବୋଲି କେହି ଯଦି ଭାବୁଥିବେ, ତାହେଲେ ସେମାନଙ୍କୁ କି ଉତ୍ତର ଦିଆଯିବ। ଆମ ଦୁନିଆର ଚାରିପଟରେ କେବଳ ଏହିପରି ମାନସିକତା ! ! ଏହା ରୁଗ୍‌ଣ କି ଆଉ କ’ଣ ତାହା ଆମର ଆଲୋଚନାର ପରିସର ବାହାରେ। ଗୋଟିଏ ଭଲ ଜିନିଷ ପଢ଼ିବାରେକି ଜାଣିବାରେ ତ ଆମର ଧୈର୍ଯ୍ୟ କି ଆଗ୍ରହ ରହୁନାହିଁ; ଆଉ ପ୍ରହ୍ଲାଦ, ମୀରାବାଈଙ୍କ ଭଳି ପରୀକ୍ଷା ହେଲେ କ’ଣ କହିବା ! ! ତଥାପି ଆମର ଇଚ୍ଛା ସେହିଭଳି ଭକ୍ତର ମାର୍କା ମିଳିଯାଆନ୍ତା। ଆମର ନାମ, ଯଶ, ଧନ, ସବୁ କିଛି ଚିରକାଳ ପାଇଁ ରହିଯାଆନ୍ତା। ଏହା କ’ଣ କେବେ ସମ୍ଭବ ? ଦୁନିଆରେ ସେମିତି କିଛି ହୁଏନାହିଁ। ଦୁନିଆରେ ଚଳିବା ଅତି କଷ୍ଟକର। ପ୍ରିୟ ପାଠକଗଣ, ଆପଣମାନଙ୍କୁ ବିନମ୍ରତାପୂର୍ବକ ଗୋଟିଏ ନିବେଦନ। ଶ୍ରୀ ସାଇଙ୍କର କୃପାରୂପୀ ଚରଣକୁ କେବେ ମନ ଭିତରୁ ଦୂର କରନ୍ତୁ ନାହିଁ। ଯଦି ପ୍ରତିକୂଳ ସମୟ ଦେଇ ଗତି କରୁଛନ୍ତି ତାହେଲେ ତାହା ନିଜ ଜୀବନର ସବୁଠାରୁ ଅନୁକୂଳ ସମୟ ମନେ କରି ଭଗବାନଙ୍କର ନିକଟତର ହେବାକୁ ଚେଷ୍ଟା କରନ୍ତୁ।

ଯୁଗ୍ମ ନିର୍ଦ୍ଦେଶକ ‘ଓରମାସ୍’, କଟକ, ଦୂରଭାଷ : ୯୪୩୭୬୬୬୪୫୩

# କୃଷି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ

॥ ଇଂ.ସମ୍ବିଦ ସାଇନାରାୟଣ ଭୂୟାଁ ॥

କୃଷି କେବଳ ଆମର ପେଟପାଟଣା କଥା ନୁହେଁ, ଏହା ଆମ ଆର୍ଥିକ ଓ ସାମାଜିକ ଜୀବନର ମୂଳପିଣ୍ଡ। ଶିଳ୍ପ ଓ ସେବାକ୍ଷେତ୍ରର ପରିସର ବୃଦ୍ଧି ସତ୍ତ୍ୱେ ଓଡ଼ିଶାରେ ଏବେ ମଧ୍ୟ କୃଷି ଓ ତତ୍ ସଂଲଗ୍ନ କ୍ଷେତ୍ର ଏକ ଯୌଗିକ ବେଉସା ଭାବେ ସର୍ବାଧିକ ପ୍ରାୟ ୬୫% ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେଉଛି। ଆମ ଜିଡିପିକୁ ଏହାର ଅବଦାନ ପ୍ରାୟ ୨୨%। ସେବା ୪୨% ଓ ଶିଳ୍ପ ୩୬% ଅଭିବୃଦ୍ଧି ଦେଉଥିବାବେଳେ କୃଷି କ୍ଷେତ୍ରରେ ଏତେ ଅଧିକ ଲୋକ ନିଯୁକ୍ତି ସତ୍ତ୍ୱେ ଜିଡିପିକୁ କମ ଅବଦାନର କାରଣ ହେଲା ଏହା ବିଶେଷ ଲାଭଜନକ ଏ ଯାଏଁ ହୋଇପାରିନାହିଁ। ଆହୁରି ମଧ୍ୟ ଅଧିକାଂଶ ଲୋକ ନିଜର ଖାଦ୍ୟଶସ୍ୟ ଓ ତତ୍‌ଜନିତ ଆବଶ୍ୟକତା ପୂରଣ କରିବାକୁ ଚାଷବାସ, ଗୋପାଳନ, ମାଛଚାଷ ଏବଂ କୁକୁଡ଼ା ପାଳନ ଆଦି ବେଉସା କରନ୍ତି। ତେଣୁ ଆନୁପାତିକ ଭାବେ ଏଥିରୁ ଲାଭ କମ ଆସେ। ସେଥିରେ ପୁଣି ପ୍ରାକୃତିକ ବିପତ୍ତି ଏକ ନିୟମିତ ଘଟଣା। ତେବେ ସେ ଯା’ହେଉ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାରେ କୃଷିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଏକ ଖାଦ୍ୟାଭାବ ରାଜ୍ୟରୁ ଆମେ ଏବେ ଖାଦ୍ୟ ଶସ୍ୟ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇପାରିଛୁ। ଦାଣ୍ଡରୁ ଆସେ ହାଣିରେ ପଶେ ଅବସ୍ଥା ଆଉ ନାହିଁ। ଏହି ସଫଳତା ପଛରେ ରହିଛି ଓଡ଼ିଶା ସରକାରଙ୍କର ନିରବଚ୍ଛିନ୍ନ ପ୍ରୟାସ। ଚାଷ ଜମିକୁ ଜଳସେଚନ ସୁବିଧା ବୃଦ୍ଧି, ନୂଆ କୃଷିନୀତି ଦ୍ୱାରା ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ, ବିଭିନ୍ନ ପ୍ରକାର ଫସଲ ଚାଷ, ଅଣଧାନ୍ୟ ଫସଲ ଚାଷକୁ ପ୍ରୋତ୍ସାହନ, କୃଷି ସହିତ ସମ୍ପୃକ୍ତ ଉଦ୍ୟାନ କୃଷି, ମାଛଚାଷ, ଗୋପାଳନ ଓ ଛେଳି, ମେଣ୍ଢା, କୁକୁଡ଼ା, ବତକ ପାଳନ ଆଦି କାର୍ଯ୍ୟକୁ ଓଡ଼ିଶା ସରକାର ପ୍ରୋତ୍ସାହିତ କରି ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେଉଛନ୍ତି। ସ୍ୱତନ୍ତ୍ର କୃଷି ବଜେଟ ମାଧ୍ୟମରେ ଚାଷୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ପ୍ରଦାନ କରାଯାଉଛି। ତେଣୁ ଏସବୁ ନାନାବିଧ ଉଦ୍ୟମ ଓ ଯୋଜନାର ସୁଫଳ ଯେ ମିଳିଛି ତାହାକୁ ଅସ୍ୱୀକାର କରିହେବନାହିଁ।

କରୋନା ମହାମାରୀର ପ୍ରଭାବ ଓଡ଼ିଶାର କୃଷିକ୍ଷେତ୍ରକୁ ପ୍ରଭାବିତ କରିଥିଲା। ଏହା ଫଳରେ ୨୦୨୦-୨୧ ଦୁଇ ବର୍ଷ ମଧ୍ୟରେ କୃଷି କ୍ଷେତ୍ରର ଅଭିବୃଦ୍ଧି ୬.୫୪% ସଂକୁଚିତ ହୋଇଥିଲା। ଏବେ ମହାମାରୀର ପ୍ରଭାବ ନାହିଁ। ସବୁ କ୍ଷେତ୍ର ସ୍ୱାଭାବିକ ତେଣୁ କୃଷିକ୍ଷେତ୍ରର ଅଭିବୃଦ୍ଧି ହାର ବଢ଼ାଇବାକୁ ରାଜ୍ୟ ସରକାର ତତ୍ପର। ନିକଟରେ କୃଷି ବିଭାଗର ନବନିଯୁକ୍ତ କର୍ମଚାରୀମାନଙ୍କୁ ଉଦବୋଧନ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଏହି କ୍ଷେତ୍ର ସର୍ବାଧିକ ଲୋକଙ୍କୁ ନିଯୁକ୍ତି ଦେଉଥିବାରୁ ଏହାର ବିକାଶ ଉପରେ ତାଙ୍କ ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି। ସାମାଜିକ ଆର୍ଥିକ ବିକାଶରେ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏଥିପାଇଁ ସରକାର ସବୁମତେ ଉଦ୍ୟକ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଯଥାର୍ଥ ଏବଂ ସେ ଏହି କ୍ଷେତ୍ରର ଗୁରୁତ୍ୱ ଓ ଅପରିହାର୍ଯ୍ୟତା ଭଲ ଭାବେ ବୁଝିଥିବା ସ୍ପଷ୍ଟ। ସେଥିପାଇଁ ତ ସରକାର କୃଷି କ୍ଷେତ୍ରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ହସ୍ତକ୍ଷେପ କରି ଏହାର ପ୍ରଗତି ପାଇଁ କାର୍ଯ୍ୟ କରୁଛନ୍ତି। ବସ୍ତୁତଃ, ସମାବେଶୀ ଓ ପ୍ରଗତିଶୀଳ ରାଜ୍ୟ କୃଷି ନୀତି ତାହାର ସ୍ୱତନ୍ତ୍ର ଉଦାହରଣ। ନୂଆ ପ୍ରୟାସରେ ନୂତନ ଓ ଅତିରିକ୍ତ ଲୋକବଳର ଆବଶ୍ୟକତା ରହିଛି। ଏହି ଲୋକଶକ୍ତି ନିଷ୍ଠାର ସହ କାର୍ଯ୍ୟକଲେ କୃଷି କ୍ଷେତ୍ରର ଉନ୍ନତି ନିଶ୍ଚିତ ସମ୍ଭବ। କାଳିଆ ଯୋଜନା ଠାରୁ ଆରମ୍ଭ କରି ବିହନ ମିଶନ ଓ ଧାନ ସଂଗ୍ରହ ଆଦି କାର୍ଯ୍ୟରେ ପ୍ରତ୍ୟେକ କୃଷିଜୀବୀଙ୍କୁ ଉପକୃତ କରିବାକୁ ସରକାର ପ୍ରୟାସ କରୁଛନ୍ତି। ସର୍ବୋପରି କୃଷିକୁ ୫-ଟି ଓ ମୋ ସରକାର ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି। କୃଷିକ୍ଷେତ୍ରରେ ଟେକନୋଲୋଜିର ପ୍ରୟୋଗ ସହିତ ଚାଷକୁ ଅଧିକ ସରଳ ଓ ସହଜ କରିବାକୁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି।

ସତକଥା କହିବାକୁ ଗଲେ ଓଡ଼ିଶା କୃଷି ଆଉ ପୂର୍ବଭଳି ଦୟନୀୟ ଅବସ୍ଥାରେ ନାହିଁ। ରାଜ୍ୟ ଖାଦ୍ୟଶସ୍ୟ ଉତ୍ପାଦନରେ ବଳକା ହୋଇଛି। ଦୁଗ୍ଧ, ମାଛ, ମାଂସ, ଅଣ୍ଡା, କାଜୁ ଓ ଅନ୍ୟାନ୍ୟ ଉଦ୍ୟାନ କୃଷି ଫସଲରେ ଅଗ୍ରଣୀ ରହିଛି। ଏହାସତ୍ତ୍ୱେ ଏ କ୍ଷେତ୍ରରେ ଆହୁରି ଅନେକ କିଛି ସମସ୍ୟା ରହିଛି। ସେଥିରୁ ପ୍ରଥମଟି ହେଲା ଚାଷବାସ କ୍ଷେତ୍ରରେ ଆବଶ୍ୟକତା ଠାରୁ ଅଧିକ ଲୋକ ରହିଛନ୍ତି। ସେମାନଙ୍କୁ ଅନ୍ୟତ୍ର ବିକଳ୍ପ ଓ ଯଥାର୍ଥ ରୋଜଗାର ସୁବିଧା ଯୋଗାଇବାକୁ ପଡ଼ିବ। ଦ୍ୱିତୀୟ କଥା ହେଲା ଧାନଚାଷ ପରିମାଣ କମାଇ, ସେ ଜମିରୁ ତୈଳବୀଜ, ପନିପରିବା ସମେତ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ହେବ। ରାଜ୍ୟ ସରକାର ଏ କ୍ଷେତ୍ରରେ ଅବଶ୍ୟ କିଛି ପଦକ୍ଷେପ ଆରମ୍ଭ କରି ଅଣଧାନ୍ୟ ଫସଲ ଚାଷକୁ ଉତ୍ସାହିତ କରୁଛନ୍ତି। ତୃତୀୟ କଥାଟି ହେଲା ଗ୍ରାମାଞ୍ଚଳରେ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କୃଷିଜାତ ଦ୍ରବ୍ୟର ସଂଗ୍ରହ ଓ ବିପଣନକୁ ଅଧିକ ସୁସଂହତ କରିବାକୁ ହେବ ଏବଂ ଖାଦ୍ୟ ଶସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ଅଧିକ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଚାଷୀ ଯେପରି ଠିକ୍ ସମୟରେ ସାର, କୀଟନାଶକ ଓ ବିହନ ପାଆନ୍ତି, ସେ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ହେବ। ସର୍ବୋପରି କୃଷି ବିଭାଗର କ୍ଷେତ୍ରସ୍ତରରେ କର୍ମଚାରୀ ଅଭାବ ରହିଛି। ଫଳରେ ଚାଷୀ ଉପଯୁକ୍ତ ପରାମର୍ଶ ଓ ଦିଗଦର୍ଶନ ପାଉନାହାନ୍ତି। ସେଥିପ୍ରତି ସରକାରଙ୍କୁ ଅଗ୍ରାଧିକାର ଭିତ୍ତିରେ କାମ କରିବାକୁ ପଡ଼ିବ। ସରକାର କୃଷିକ୍ଷେତ୍ରକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ଅର୍ଥ ସମଗ୍ର ବିଭାଗ ଏହାର ଗୁରୁତ୍ୱକୁ ଅନୁଭବ କରୁଥିବେ ନିଶ୍ଚୟ। ତେଣୁ ତାଙ୍କ ଲକ୍ଷ୍ୟ ପୂରଣ କରିବା ଦିଗରେ ସମ୍ପୃକ୍ତ ବିଭାଗ ସଫଳ ହେବ ବୋଲି ଆଶା କରିବା ସ୍ୱାଭାବିକ। ରାଜ୍ୟର ଅର୍ଥ ବିଭାଗ ଭଲ କାମ କରୁଛି। ଏବେ ଅର୍ଥର ଅଭାବ ସରକାରଙ୍କର ନାହିଁ। ତେଣୁ ଯେଉଁସବୁ ଅଗ୍ରାଧିକାର କ୍ଷେତ୍ର ଅଧିକ କର୍ମଚାରୀ, ସମ୍ବଳ ଓ ରାଜକୃପା ମାଗୁଛି, ତାହାକୁ ପୂରଣ କରାଯିବା ଉଚିତ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,ମୋ ୯୪୩୯୮୬୫୪୩୧



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଟ୍ରେନରୁ ପଡ଼ି ଅଜଣା ବୃଦ୍ଧାଙ୍କ ମୃତ

ରାଜଗାଙ୍ଗପୁର, (ଅଟଳ ବିହାରୀ ପଣ୍ଡା) : ଧୁରୁଆଡିହି ରେଳ ଷ୍ଟେସନ ନିକଟ 'ରେ ଚଳନ୍ତା ଟ୍ରେନରୁ ଖସି ପଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଘଟଣା ଅନୁସାରେ ଆଜି ପାଖାପାଖି ଭୋର୍ ୪ ଟାରୁ ୪.୩୦ସମୟରେ କୌଣସି ଅଜଣା ଟ୍ରେନ ରେ ପଡ଼ି ମୃତ୍ତୁ ହୋଇଛି ,ବୟସ ଆନୁମାନିକ ୬୦ରୁ୬୫ ବର୍ଷ ହେବ ସେ ବୃଦ୍ଧା ଜଣକ କଳା ରଙ୍ଗର ହାପ୍ ପ୍ୟାଣ୍ଟ ଓ ଗ୍ରୀନ କାଳର ଟି ସାର୍ଟ ପିନ୍ଧି ଥିଲେ ବୋଲି ରାଜଗାଙ୍ଗପୁର ଜିଆର୍ପି ଲିଙ୍ଗ ରାଜ ସାହୁ ସୂଚନା ଦେଇଛି। ରାଜଗାଙ୍ଗପୁର ଜିଆରପି ପୁଲିସ କେସ ନଂ ୭୪ ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ମୃତ ବୃଦ୍ଧାଙ୍କ ପରିଚୟ ମିଳିନଥିବା ବେଳେ ଶବକୁ ରାଜଗାଙ୍ଗପୁର ମୋଗ ହାଉସରେ ରଖାଯାଇଛି,ରାଜଗାଙ୍ଗପୁର ଜିଆର ପି ଅଧିକ ତଦନ୍ତ ଜାରି ରଖିଛି।

## କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

ଆଲି, (ମହାଭାରତ) : କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଲି ଶାଖାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଛି । ଚାଷୀ ମାନଙ୍କୁ ଋଣ ଦେବା ନିମନ୍ତେ ୪୦ ପରସେଣ୍ଟ ପିସି ମାଗୁଥିବା ବେଳେ ଚାଷୀଙ୍କ ନାମରେ ନକଲି ଆକାଉଣ୍ଟ ଖୋଲି ହଡ଼ପ ହୋଇଛି କୋଟିକୋଟି ଟଙ୍କା । ଦୁଇ ବର୍ଷ ହେବ ସାଧାରଣ ଚାଷୀ ମାନଙ୍କୁ ଋଣ ମଧ୍ୟ ଦେଉନି ସମବାୟ ସମିତି । ସାଧାରଣ ଚାଷୀଙ୍କୁ ଶୋଷଣ କରିବା ନିମନ୍ତେ ବ୍ୟାଙ୍କରେ ମାଳମାଳ ଦଲାଲ ସକ୍ରିୟ ରହିଛନ୍ତି । ଏଭଳି ସମସ୍ୟାକୁ ନେଇ ସୋମବାର ଦିନ ଶତାଧିକ ଚାଷୀ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଆଲି ବ୍ଲକର ଧୋଯାଅଞ୍ଚଳର ଜୁଆଣିଆ ସମବାୟ ସମିତିରେ ୧୫ କୋଟି ଓ ପେତପଡା ସମବାୟ ସମିତିରେ ୧୦ କୋଟି ଟଙ୍କା ଚାଷୀଙ୍କ ନାମରେ ଋଣ କରାଯାଇ ଏହି ଅର୍ଥକୁ ଚାଷୀଙ୍କୁ ନଦେଇ ସମବାୟ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ଅନ୍ୟମାନେ ହଡ଼ପ କରିନେଇଛନ୍ତି । ଏପରିକି ସମବାୟ ସମିତିକୁ ଆସିଥିବା ଋଣଛାଡ଼ ଅର୍ଥ ମଧ୍ୟ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଆକାଉଣ୍ଟକୁ ପଠା ଯାଇଥିବା ଅଭିଯୋଗ ଆସିଛି । ଏହି ଦୁଇ ସମବାୟ ସମିତିର ସ୍ୱତନ୍ତ୍ର ଅଡିଟ କରାଯିବାକୁ ଦାବି ହୋଇଛି । ଦୁଇ ବର୍ଷ ହେବ ଚାଷୀମାନଙ୍କୁ ଋଣ ଦିଆଯାଉନଥିବା ବେଳେ ୧୫ ଦିନ ମଧ୍ୟରେ ଚାଷୀଙ୍କ ଋଣ ଦିଆନଗଲେ ଚାଷୀ ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଏହି ଦୁର୍ନୀତିରେ ସାମିଲ ଥିବା ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଚାଷୀ । ଚାଷୀ ମାନେ ଆଠ ଦଫା ଦାବି ନେଇ ଏକ ଦାବିପତ୍ର ଆଲି ତହସିଲଦାରଙ୍କୁ ପ୍ରଦାନ କରିଥିଲେ ।

## ସମାଜିକ ବାସନ୍ଦ ପ୍ରଥାକୁ ଉଚ୍ଛେଦ କଲେ ଆରକ୍ଷୀ ନିରୀକ୍ଷକ

କୃଷ୍ଣପ୍ରସାଦ, (ମହାଭାରତ) : ସାମାଜିକ ବାସନ୍ଦ ର ସମାଧାନ କରି ଏକ ପ୍ରଶଂସା ସାଉଁଟି ଛନ୍ତି ଆରକ୍ଷୀ ନିରୀକ୍ଷକ। ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ନନ୍ଦଳା ଗ୍ରାମରେ ଘଟିଛି ଏଭଳି ଏକ ଘଟଣା। ଜମିବାଡ଼ି କୁ କେନ୍ଦ୍ର କରି ଦୀର୍ଘ ଦିନ ଧରି ଲାଗି ରହିଥିଲା ପାତିବାରିକ କନ୍ଦଳ। ଉକ୍ତ ବିବାଦ ଗ୍ରାମ୍ୟ କମିଟିରେ ବିଚାର ପରେ ଗତ ତା ୧୩. ୧୨. ୨୦୨୫ ମସିହାରୁ ସାମାଜିକ ବାସନ୍ଦ ଥିଲେ ବିଶ୍ୱରଂଜନ ନାୟକ ଙ୍କ ପରିବାର। ଏଭଳି ଏକ ଘୃଣ୍ୟ ପ୍ରାଥକୁ ହଟାଇ ବାକୁ ଲାଗି ପଡ଼ିଥିଲେ କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ଶ୍ରୀଯୁକ୍ତ ବିଚିତ୍ରାନନ୍ଦ ପ୍ରଧାନ। ଶ୍ରୀଯୁକ୍ତ ପ୍ରଧାନ ପୁରୀ ଏସଡିପିଓ ମାନସ ରଞ୍ଜନ ବାରିକ , ଏସ ଆଇ ବ୍ରଜବନ୍ଧୁ ଜେନା, ଅଭୟ କୁମାର ବିଶ୍ୱାଳ ଗ୍ରାମ କମିଟି ସଭାପତି ଧ୍ରୁବ ଚରଣ ପ୍ରଧାନ, ପୂର୍ବତନ ସଭାପତି ମାଗୁଣି ନାୟକ, ସମ୍ପାଦକ ଛଇଲ କିଶୋର ନାୟକ, ଗ୍ରାମର ବିଭୁତି ଭୂଷଣ ଦଳେଇ, ସୁବାସ ଚନ୍ଦ୍ର ନାୟକ ପ୍ରଭୃତି ଗ୍ରାମ୍ୟ କମିଟି ର ସଭ୍ୟ ଙ୍କୁ ନେଇ ଆଲୋଚନା ମାଧ୍ୟମରେ ସମାଧାନ କରିଥିଲେ। ଦୀର୍ଘ ମାସର ବିବାଦ ଏବଂ ଘୃଣା ପ୍ରଥାକୁ ହଟାଇ ଏକ ପ୍ରଶଂସା ସାଉଁଟିଛନ୍ତି ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନ। ବିଶ୍ୱରାଞ୍ଜନ ନାୟକ, ଗ୍ରାମ ସଭାପତି, ସମ୍ପାଦକ, ଗ୍ରାମ ମୁଖ୍ୟାଙ୍କୁ ଉପଢୌକନ ଫୁଲତୋଡ଼ା ଦେଇ ଗ୍ରାମରେ ଭାଇଚାରା ସୃଷ୍ଟି କରିଛନ୍ତି ଆରକ୍ଷୀ ନିରୀକ୍ଷକ ଏବଂ ଏସ୍‌ଡିପିଓ। ଏଭଳି ଘୃଣା ପ୍ରଥାକୁ ହଟାଇ ସେ ଏକ ଉଦାହରଣ ପାଲଟିଛନ୍ତି। ଏହି ସମାଧାନ ପାଇଁ ପୁରୀ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ ଙ୍କୁ ମଧ୍ୟ ସାଧାରଣ ରେ ପ୍ରଶଂସା କରାଯାଇଛି। ଗ୍ରାମରେ ଭାଇଚାରା ସୃଷ୍ଟି କରିଥିବାରୁ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ଗ୍ରାମ ତରଫରୁ ଉପଢୌକନ ଏବଂ ଫୁଲତୋଡ଼ା ଦେଇ ପ୍ରଶଂସିତ କରାଯାଇଥିଲା।

## ପୃଥକ ପୃଥକ ସଡ଼କ ଦୁର୍ଘଟଣାରେ ଦୁଇ ଆହାତ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ଆଜି ଦୁଇଟି ଭିନ୍ନ ସଡକ ଦୁର୍ଘଟଣା ଘଟିଥିବା ବେଳେ ଜଣେ ଯୁବକ ଗୁରୁତର ଓ ଜଣେ ମହିଳା ଆହତ ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରଥମ ଘଟଣାଟି ମହୁଲଡିହା ଥାନା ଅଞ୍ଚଳରେ ଘଟିଛି। ସୂଚନା ଅନୁଯାୟୀ, ମହୁଲଡିହା ସାପ୍ତାହିକ ହାଟ ଚାଲିଥିବା ସମୟରେ ଠାକୁରମୁଣ୍ଡା ପଞ୍ଚାୟତ ଖମୁଡିହା ଗ୍ରାମର ଶ୍ରୀରାମ ହୋଙ୍କ ସ୍ତ୍ରୀ ରାନ୍ଦାୟ ହୋ ହାଟକୁ ଯାଇଥିଲେ । ଗୌଡ଼ିଆବାହାଳୀ ଛକ ନିକଟରେ ଆନନ୍ଦପୁର ପଟୁ ଆସୁଥିବା ଏକ ଅଜଣା ବାଇକ ତାଙ୍କୁ ଧକ୍କା ଦେଇଥିଲା। ଧକ୍କାରେ ସେ ରାସ୍ତାରେ ପଡି ଆହତ ହୋଇଥିଲେ। ଘଟଣାସ୍ଥଳରେ ଥିବା ସ୍ଥାନୀୟ ଲୋକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ସେହିପରି ଦ୍ୱିତୀୟ ଘଟଣାଟି କେନ୍ଦୁଜିଆଣି ଟସର ସୋସାଇଟି ନିକଟରେ ଆଜି ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଘଟିଛି। ସୂଚନା ମୁତାବକ, କେନ୍ଦୁଜିଆଣି ସାପ୍ତାହିକ ହାଟ ସାରି ଛେରାଟାଙ୍ଗର ଗ୍ରାମର ଲାଦୁରା ଜାମୁଦାଙ୍କ ପୁଅ ଦୁମ୍ବି ଜାମୁଦା (୨୨) ପାଦରେ ଚାଲି ଘରକୁ ଫେରୁଥିବା ବେଳେ ଭୁବନେଶ୍ୱରରୁ ରାଇରଙ୍ଗପୁର ଅଭିମୁଖେ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ଦୁମ୍ବିଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି।

## ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ

ଗଜପତି, (ମହାଭାରତ) : ଜିଲ୍ଲା ଗୋସାଣୀ ବ୍ଲକ ପରିସର ରେ ବିକାଶର ଧାରା ଓଡ଼ିଶା ସାର। କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟ ସରକାରଙ୍କ ଦିତୀୟ ବର୍ଷ ପୂର୍ତ୍ତି ଅବସର ରେ ସରକାର ଙ୍କ ବିକାଶ ଧାର କୁ ପ୍ରତି ଫଳିତ କରାଯାଉଛି। ସରକାର ଙ୍କ ବିଭିନ୍ନ ଯୋଜନା ରେ ହିତ ଅଧିକାରୀ ସଫଳ ପାଇଛନ୍ତି ତ। ଉପରେ ଫୋକସ କରିବା ପାଇଁ ସରକାର ଙ୍କ ପ୍ରୟାସେ ଜାରୀ ,ରହିଛି। ଆଜି ଜିଲ୍ଲା ପାଳ ,ଙ୍କ ଉପସ୍ଥିତି ରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ପେନସନ ବର୍ଣ୍ଣନ କରାଯାଇଛି, ରାସନ୍ କାର୍ଡ, ,ମୂର୍ତ୍ତି କ। ପରୀକ୍ଷା କାର୍ଡ, ଅଙ୍ଗ ନ। ବାଡି କର୍ମୀ କୁ ମୋବାଇଲ୍ ଫୋନ ବର୍ଣ୍ଣନ କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇ ଥିଲା ଏହି କାର୍ଯ୍ୟ କର୍ମରେ ଗୋଷ୍ଠି ଉନୀୟନ୍ ଅଧିକାରୀ, ଉପ ଜିଲ୍ଲା ପାଳ,ପି ଡି ଙ୍କ ସମତେ ବ୍ଲକ ର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ବହୁ ହିତ ।ଧିକରୀ ଜନସାଧାରଣ ରହି ସରକାରଙ୍କ ଯୋଜନ ର ଦୁଇ ବର୍ଷ ପୂର୍ତ୍ତି ରେ କିପରି ସଫଳ ରୂପାୟନ ହୋଇ ପାରିଛି ସଚେତନତା କରାଯାଉଛି।

# କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣୀ
# ୭୭ ଅଭିଯୋଗର ଶୁଣାଣୀ କଲେ ଜିଲ୍ଲାପାଳ

ଉଦଳା, (ମହାଭାରତ )ତା.୨୨/୦୬ – ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ, ମୟୂରଭଞ୍ଜ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ବରୁଣ ଗୁଣ୍ଟୁପାଲି ଯୋଗ ଦେଇ ୭୭ ଗୋଟି ଜନ ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍?ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମିନକେତନ ମହାନ୍ତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୬୯ ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ



ଥିବା ସ୍ଥଳେ ୦୮ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୧୩ ଗୋଟି ସମସ୍ୟାର ତତ୍?କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଟ୭୫,୦୦୦/-ଙ୍କା (ପଚସ୍ତରୀ ହଜାର) ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ଉଦଳା ତହସିଲ ଅଧିନସ୍ଥ ଆମ୍ବଡ଼ିହା ଗ୍ରାମରେ ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ ନିମନ୍ତେ ଜଙ୍ଗଲ ଜମି ପ୍ରଦାନ, ରାଢ଼ୋ ପଞ୍ଚାୟତ ସେଣ୍ଣଗଡ଼ିଆ ଗ୍ରାମର ଚାଲୁଥିବା ଅମୃତ ସରୋବର ପ୍ରକଳ୍ପରେ ବ୍ୟାପକ ମନରେଗା ଦୁର୍ନୀତି ଓ ଗରୀବ ଶ୍ରମିକଙ୍କୁ ଧମକ ଚମକ ଦେବା, ରାଢ଼ୋ ୟୁ.ଜି. ଏ.ମ.ଇ. ଏବଂ କେଜିଭିଭି ବିଦ୍ୟାଳୟରେ ଜଗୁଆଳି ଏବଂ ଅନ୍ୟାନ୍ୟ ପଦବୀ ପାଇଁ ଉପଯୁକ୍ତ ପ୍ରାର୍ଥୀ ଚୟନ, କୁଣ୍ଡାବାଇ ପଞ୍ଚାୟତ ଉପରତାଳଡ଼ିହା ଗ୍ରାମର ଭୂମିହୀନ ମାନଙ୍କୁ ଘରବାଡ଼ି ପ୍ରଦାନ, ଖୁଣ୍ଟା ବ୍ଲକ ବାହାନଡ଼ା ପଞ୍ଚାୟତର ଯୋଗାଣ ସହାୟିକାଙ୍କ ବହୁ ଅନିୟମିତତା କାର୍ଯ୍ୟ କଳାପ ଅଭିଯୋଗର ତଦନ୍ତରେ ବିଳମ୍ବ ଆଦି ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ମୟୂରଭଞ୍ଜ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ମାନସ ନାୟକ, ସତ୍ୟ ପ୍ରକାଶ ପାତ୍ର, ସାଇସ୍ୱରୂପ କର, ବିଶ୍ୱଜିତ ବେହେରା, ପାର୍ବତୀ କିସ୍କୁ, ଶ୍ରୀତମ ମହାନ୍ତି, ହିମାଂଶୁ ଶଙ୍ଖୁଆ, ଅନୁଭବ ରାଉତ, ତାପସ ପ୍ରଧାନ, ତପୁ ପାତ୍ର, ଭବାନୀ ପଣ୍ଡା, ଅଜିତ ମହାପାତ୍ର, ତରୁଣକାନ୍ତି ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## ବେଆଇନ ବାଲିଘାଟରେ ଚଢ଼ାଉ

ପିପିଲି, (ମହାଭାରତ) : ବେଆଇନ ବାଲିଘାଟରେ ଚଢ଼ାଉ। ୧୮ ହାଇୱା, ୨ଜେସିବି ଜବତ । ପୁରୀ ଜିଲ୍ଲା ବଳଙ୍ଗା ନିକଟସ୍ଥ ଭାର୍ଗବୀ ନଦୀର ତେରହଳ ଠାରେ ଚାଲିଥିବା ବେଆଇନ ବାଲିଘାଟରେ ବିଳମ୍ବିତ ରାତିରେ ରେଡ କରିଛି ପୁରୀ ସ୍ୱତନ୍ତ୍ର ସ୍କ୍ୱାର୍ଡ । ରେଡ ସମୟରେ ୧୮ ଟି ହାଇୱା ଓ ୨ ଟି ଜେସିବି ଜବତ ହୋଇଛି । ଡ୍ରାଇଭର ଓ ହେଲପର ମିଶି ୧୭ ଜଣଙ୍କୁ ପିଆର ବଣ୍ଡରେ ଛାଡ଼ିଛି ପୋଲିସ । ସେପଟେ ଗାଡି ଗୁଡିକ ନିଜ ଅକ୍ତିଆରକୁ ଆଣିଛି ବଳଙ୍ଗା ପୋଲିସ। ତେବେ ଏହି ବେଆଇନ ବାଲିଘାଟକୁ ଶିକ୍ଷା ବିଭାଗରେ କାର୍ଯ୍ୟରତ ଜଣେ କର୍ମଚାରୀ ଚଳାଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ, ଦୁଇଦିନ ତଳେ ବଳଙ୍ଗାରେ ମଧ୍ୟ ବଡ଼ ଧରଣର ରେଡ ବେଆଇନ ବାଲି ଘାଟ ଉପରେ ଚଢ଼ାଉ ହୋଇଥିଲା । ପୁରୀ ଖଣି ବିଭାଗ ଓ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ବଳଙ୍ଗା ଥାନା ଅନ୍ତର୍ଗତ ଭାର୍ଗବୀ ନଦୀର ତେରହଳ ଅଞ୍ଚଳରେ ଚାଲୁଥିବା ବେଆଇନ ବାଲି ଘାଟ ଉପରେ ବିଳମ୍ବିତ ରାତିରେ ବଡ଼ ଧରଣର ଚଢ଼ାଉ କରାଯାଇଥିଲା । ଏହି ଅଭିଯାନ ସମୟରେ ୧୮ଟି ବାଲି ବୋଝେଇ ହାଇୱା ଓ ୨ଟି ଔଉଣ ଜବତ କରାଯାଇଥିବା ସୂଚନା ମିଳିଥିଲା ।

## ଖବର ପ୍ରସାରଣ ପରେ ଫୋନ ମାଧ୍ୟମରେ ସାମ୍ବାଦିକଙ୍କୁ ଧମକ

କନ୍ଧମାଳ (ମହାଭାରତ) : କନ୍ଧମାଳ ଜିଲ୍ଲା ବାଲିଗୁଡା ଆଇଟିଡିଏ ବିଭାଗର ସହକାରୀ ନିବାହୀ ଯନ୍ତ୍ରୀ ବୈକୁଣ୍ଠନାଥ ବେହେରାଙ୍କ ଆୟବହିଃଭୁତ୍ତ ସଂପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଗିରଫ କରିଥିଲା ।ବୈକୁଣ୍ଠନାଥ ବେହେରା ଓ ତାଙ୍କ ପତ୍ନୀ ନାମରେ ଥିବା କୋଟିକୋଟି ଟଙ୍କା,ସୁନାଗହଣା,ବିଳାସପୂର୍ଣ୍ଣ କୋଠା ବାଡୀ ଜବତ କରି ଜେଲକୁ ପଠାଇଛି ଭିଜିଲାନ୍ସ କୋର୍ଟ ।ବୈକୁଣ୍ଠନାଥଙ୍କ ଏହି ସଂମ୍ପତ୍ତି ଠୁଳ କରିବାରେ ତାଙ୍କମୁଖ୍ୟ ସହଯୋଗୀ ଭାବରେ ଜଣାଶୁଣା ଦାରିଙ୍ଗବାଡୀର ଠିକାଦାର ରାହୁଲ ସାହୁଙ୍କ ନିକଟରେ ଭିଜିଲାନ୍ସ ପହଁଚିବା ପୂର୍ବରୁ ସେ କେଉଁଠାରେ ଆତ୍ମ ଗୋପନ କରିଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା ।ରାହୁଲ ସାହୁଙ୍କୁ କୋଟିକୋଟି ଟଙ୍କାର କାମ ଯୋଗାଇ ତାଙ୍କ ମାଧ୍ୟମରେ ବୈକୁଣ୍ଠନାଥ ବେହେରା କୋଟିକୋଟି ଟଙ୍କା ପାଇଥିବା ଚର୍ଚ୍ଚା ହେଉଛି ।ଏହି ଠିକାଦାର ରାହୁଲ ସାହୁ କିଛି କମକୁ ଫଲସ୍ କରି ଟଙ୍କା ଯୋଗାଇଥିବା ମଧ୍ୟ ଆଲୋଚନା ହେଉଛି ଯାହାର ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ।ଏହି ରାହୁଲ ସାହୁଙ୍କ ମାଧ୍ୟମରେ ବୈକୁଣ୍ଠନାଥ ବେହେରାଙ୍କ କଳା ଧନ ତାଙ୍କ ଭୁବନେଶ୍ୱର ବାସଭବନରେ ପହଁଚୁ ଥିବା ଖବର ମିଳୁଛି ।ତେଣୁ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ରାହୁଲ ସାହୁଙ୍କୁ ଧରି ପଚାରିଲେ ସବୁ ଗୁମର ପଦାକୁ ଆସିବ ।ରାହୁଲ ସାହୁଙ୍କ ସଂମ୍ପତ୍ତି ବୈକୁଣ୍ଠନାଥ ବେହେରାଙ୍କ ଠାରୁ ବଳି ପଡିବ ବୋଲି ଲୋକେ ଆଲୋଚନା କରୁଛନ୍ତି ତେଣୁ ରାହୁଲ ସାହୁ ଓ ତାଙ୍କ ସଂମ୍ପକୀୟ ମାନଙ୍କ ବ୍ୟାଙ୍କ ଖାତା,ସଂମ୍ପତ୍ତି ,କୋଠାବାଡୀ ଉପରେ ଭିଜିଲାନ୍ସ ଟିମ ଶିଘ୍ର ଚଢାଉ କରି ତନତନ କରି ଯାଞ୍ଚ କଲେ ରାହୁଲ ସାହୁ ବୈକୁଣ୍ଠନାଥ ବେହେରାଙ୍କୁ ସହଯୋଗ କରି କେତେ ସଂମ୍ପତ୍ତି ହାତେଇଛନ୍ତି ଜଣାପଡିବ ।ଆମେ ଏହି ଖବର ପ୍ରସାରଣ ପରେ ରାହୁଲ ସାହୁ ବିଳି ବିଳେଇ ଫୋନ ମାଧ୍ୟମରେ ବିଭିନ୍ନ ପ୍ରକାରର ଧମକ ଚମକ ଦେବା ସହ ମାନହାନୀର ଭୟ ଦେଉଛନ୍ତି ।କିନ୍ତୁ ଏହି ଧମକରେ ଆମେ ଭୟଭିତ ହୋଇ ସତ୍ୟ ଲେଖିବାରେ କୈଣସି କୁଣ୍ଠାବୋଧ କରିବୁ ନାହିଁ ।ଏହି ଖବର ମାଧ୍ୟମରେ ଆମେ ଠିକାଦାର ରାହୁଲ ସାହୁଙ୍କୁ ଜଣାଇଦେବାକୁ ଚାହୁଁଛୁ ଯେ ଯେତେଦିନ ପର୍ଯ୍ୟନ୍ତ ଏହି ଗୁମରର ସମାପ୍ତ ନ ଘଟେ ଆମ ଲେଖା ଜାରି ରହିବ ତେଣୁ ଏ ଶୁଖିଲା ଧମକ ଚମକ ଦେବାରେ ଆପଣ ବିରତି ରୁହନ୍ତୁ କାରଣ ଆପଣ ସତ୍ୟର କଣ୍ଠରୋଧ କେବେ କରି ପାରିବେ ନାହିଁ ।ନଚେତ୍ ଆଗାମୀ ଦିନରେ ମୁଁ ଏବଂ ମୋର ସାମ୍ବାଦିକ ସଂଘ ଆପଣ ଜଣେ କର୍ତ୍ତବ୍ୟ ରତ ସାମ୍ବାଦିକଙ୍କୁ ଧମକ ଚମକ ଦେବା ଅଭିଯୋଗରେ ଆଇନର ଆଶ୍ରୟ ନେବୁ ,ଯାହାର ଅଡିଓ ରେକର୍ଡିଂ ଆମ ନିକଟରେ ପ୍ରମାଣ ସହ ଅଛି ।ଦେଖିବାକୁ ବାକି ରହିଲା ଏହି ଖବର ପ୍ରସାରଣ ପରେ ଭିଜିଲାନ୍ସ ଜାଲରେ କେବେ ପଡିବେ ବୈକୁଣ୍ଠନାଥ ବେହେରାଙ୍କ ସହଯୋଗୀ ରାହୁଲ ସାହୁ ।

## ବେନଗାଁ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ବିଶ୍ୱ ଯୋଗ ଦିବସ ପାଳିତ



ଲାଞ୍ଜିଗଡ଼, (ମହାଭାରତ): ଆଜି ବିଶ୍ୱ ଯୋଗ ଦିବସ,ଜୀବନରେ ଅନେକ ଆବଶ୍ୟକତା ଭିତରୁ ଯୋଗ,ବ୍ୟାୟାମ ଅନ୍ୟତମ । ପ୍ରତ୍ୟହ ଦିନ ଯୋଗ ବା ବ୍ୟାୟାମ କଲେ ଦେହ ସୁସ୍ଥ ଓ ମନ ନିର୍ମଳ ରହେ । ତେଣୁ କଥାରେ ଅଛି 'ନିୟମିତ ଯିଏ ଯୋଗ କରେ ସେହି ଲୋକ ନୀରୋଗ ରହେ । ଚଳିତ ବର୍ଷ ୧୨ତମ ଅର୍ନ୍ତର୍ଜାତୀୟ ଯୋଗ ଦିବସ ବିଶ୍ୱ ବ୍ୟାପୀ ପାଳିତ ହେଉଥିବା ବେଳେ ଏହି ଅବସରରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ବେନଗାଁ ଠାରେ ଯୋଗାଭ୍ୟାସ ସହ ଯୋଗ ଦିବସ ପାଳନ କରାଯାଇଅଛି । ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଡ଼ ସଚିନନ୍ଦନ ସେନାପତି ଓ ସ୍ୱାସ୍ଥ୍ୟ ସମ୍ପର୍କ ସଂଯୋଜକ କର୍ଣ୍ଣ ସାହୁ ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ କର୍ମଚାରୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରି ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ । ଅଂଶଗ୍ରହଣ କାରୀମାନେ ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରଖିବାର ଉପକାରିତା ସମ୍ପର୍କରେ ସଚେତନ କରାଇଥିଲେ । ଏହି ଅବସରରେ 'ଯୋଗ କରନ୍ତୁ, ସୁସ୍ଥ ରୁହନ୍ତୁ' ବାର୍ତ୍ତା ଦିଆଯାଇଥିବା ବେଳେ ଯୋଗକୁ ସାମିଲ କରି ସୁସ୍ଥ ସମାଜ ଗଠନରେ ସହଯୋଗ କରିବା ପାଇଁ ଶପଥ ନେଇଥିଲେ । ବିଭିନ୍ନ ପ୍ରାଣାୟାମ ଓ ସୂକ୍ଷ୍ମ ବ୍ୟାୟାମ କରାଯିବା ପରେ ଶାନ୍ତି ପାଠ ଶହ ଯୋଗାଭ୍ୟାସ ସମାପନ ହୋଇଥିଲା ।

# କୁଟିଆ କନ୍ଧଙ୍କ ଗାଁ ମନସ୍ତରାର ଦୁଃଖ : ଶୋଷ ମେଣ୍ଟାଉଛି ଝରଣା ପାଣି, ଖଟିଆରେ ବୁହାହୁଅନ୍ତି ଗର୍ଭବତୀ

ଲାଞ୍ଜିଗଡ଼, (ମହାଭାରତ) : ଗାଁର ନାଁ ମନସ୍ତରା । ଯୋଜନାର 'ଯ' ଓ ବିକାଶର 'ବ' ଅକ୍ଷର ଯେମିତି ଏଠି ହଜିଯାଇଛି। ଜନତାଙ୍କୁ କେବଳ ଖୋଲା ଆକାଶ ଦେଖାଇ ଦିଆଯାଇଛି। ଯେ ହେଉଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେଢ଼ାଗାଁ ପଞ୍ଚାୟତ ମନସ୍ତରା ଗ୍ରାମବାସୀଙ୍କ ଦୁଃଖ। ବର୍ଷ ବର୍ଷ ଧରି ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। କିନ୍ତୁ ମନସ୍ତରାର ଦୁଃଖ ଦୂର ହେଉନାହିଁ କି ସମସ୍ୟାର ସମାଧାନ ହେଉନି କ୍ଷ ଏହାକୁ ନେଇ ମାନବାଧିକାର କମିଶନଙ୍କ ହସ୍ତକ୍ଷେପ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ଲକ ପ୍ରଶାସନଙ୍କୁ ବାରମ୍ବାର ତାଗିଦ ପରେ ବି ସବୁ ଯୋଜନା ବାଟବଣା। ୪ ବର୍ଷ ହେଲା ଗାଁ ଲୋକଙ୍କୁ ବିକାଶର ପ୍ରତିଶ୍ରୁତି ଦେଇ ଠକୁଛି ବ୍ଲକ ପ୍ରଶାସନ ବୋଲି ଗାଁ ଲୋକେ କହୁଛନ୍ତି। ସୂଚନା ଅନୁସାରେ, ଏହି ମନସ୍ତରା ଗାଁରେ ରାସ୍ତା ହିଁ ମୁଖ୍ୟ ସମସ୍ୟା ରହିଛି ୨୦୨୨ ମସିହା ମାର୍ଚ୍ଚ ୧୬ ତାରିଖରେ ଗାଁର ଜଣେ ଆଦିବାସୀ ଗର୍ଭବତୀ ମହିଳା ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଗାଁକୁ ଭଲ ରାସ୍ତା ନଥିବା ଯୋଗୁଁ ଆମ୍ବୁଲାନ୍ସ ଆସିପାରିନଥିଲା। ଯାହା ଫଳରେ ଆଦିବାସୀ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ୩ କିମି ଦୂର ନେଇଥିବା ଦୃଶ୍ୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହାକୁ ଭିତ୍ତି କରି ୨୦୨୨ ଗତ ମାର୍ଚ୍ଚ ୧୮ ତାରିଖ ମାନବାଧିକାର କର୍ମୀ ଦିଲୀପ ଦାସଙ୍କ ଆଗତ ମାମଲା କେସ ନଂ ୭୬୮/ ୧୮,୦୬,୨୦୨୨ର ବିଚାର କରି ମାନବାଧିକାର କମିସନ ଗତ ୨୦୨୨ ମେ ୫ ତାରିଖରେ କଳାହାଣ୍ଡି ତତ୍କାଳୀନ ଜିଲ୍ଲାପାଳ ଡ଼.ଗାଲାଭି ପରାଗ ହର୍ଷଦଙ୍କୁ ନୋଟିସ୍ କରିଥିଲେ। ତିନି ମାସ ମଧ୍ୟରେ ମନସ୍ତରା ଗାଁର ବିଭିନ୍ନ କାର୍ଯ୍ୟର ଅଗ୍ରଗତି ବାବଦରେ ରିପୋର୍ଟ ଦେବାକୁ ଜଣାଇଥିଲେ। ଇତି ମଧ୍ୟରେ ଜୁନ ୨୦୨୨ରେ ଜିଲ୍ଲାପାଳ ଶ୍ରୀ ହର୍ଷଦଙ୍କ ବଦଳି ହୋଇଗଲା ।ତାଙ୍କ ସ୍ଥାନରେ କଳାହାଣ୍ଡି ଜିଲ୍ଲାପାଳ ଭାବେ ପି. ଅନ୍ୱେଷା ରେଡ୍ଡୀ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ଉପରେ ଜିଲ୍ଲାପାଳ ୨୦୨୨ ଅକ୍ଟୋବର ମାସରେ ବ୍ଲକ ପକ୍ଷରୁ ଦେଇଥିବା ମନସ୍ତରା ଗାଁର ବିକାଶକୁ ନେଇ ଦେଇଥିବା ରିପୋର୍ଟ ମାନବାଧିକାର କମିସନଙ୍କୁ ଦାଖଲ କରିଥିଲେ। ଯେଉଁଥିରେ ଉଲ୍ଲେଖ କରାଯାଇଥିଲା ଯେ,ମନସ୍ତରା ଗାଁ ଆଦିବାସୀଙ୍କ ପାଇଁ ଭଲ ରାସ୍ତା ନିର୍ମାଣ ହେଉଛି। ଗାଁର ସମସ୍ତ ପରିବାରକୁ ବିଜୁଳି ସଂଯୋଗ ଦିଆଯାଇଛି। ପିଇବା ପାଣି ବାବଦରେ ଏକ କୂଅ ଏବଂ ନଳକୂପ ଖନନ କରାଯାଇ ପାଣିର କୌଣସି ଅସୁବିଧା ନାହିଁ ବୋଲି ରିପୋର୍ଟରେ ଦର୍ଶାଯାଇଥିଲେ



। କିନ୍ତୁ ଜିଲ୍ଲାପାଳଙ୍କ ଦ୍ୱାରା କମିସନଙ୍କୁ ଦେଇଥିବା ଏହି ଖବର ୨୦୨୨ ଅକ୍ଟୋବର ୨୯ ତାରିଖରେ ମନସ୍ତରା ବାସୀ ଜାଣି ପାରିଲେ। ଜିଲ୍ଲାପାଳ ପକ୍ଷରୁ ମାନବାଧିକାର କମିସନଙ୍କୁ ରିପୋର୍ଟ ଦାଖଲ ହୋଇଥିବା ତଥ୍ୟ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଅଭିଯୋଗ କରିବା ସହ ଏହାର ଉଚିତ ତଦନ୍ତ ପାଇଁ ନୂତନ ଜିଲ୍ଲାପାଳ ନିକଟରେ ଦାବି କରିଥିଲେ। ଏହା ପରେ ଜିଲ୍ଲାପାଳ ନିଜେ ଗାଁକୁ ଯାଇ ତଦନ୍ତ କରିବାକୁ ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।ଏହାପରେ ବ୍ଲକ ପ୍ରଶାସନ ମଧ୍ୟରେ ଛନକା ପଶିଥିଲା। ମିଥ୍ୟା ଖବର ଓ ନିଜ ଦୋଷକୁ ସୁଧାରିବା ପାଇଁ ବ୍ଲକର ତନାଘନା ଆରମ୍ଭ ହୋଇଥିଲା। ବ୍ଲକ୍ ପ୍ରଶାସନ ପକ୍ଷରୁ ତତ୍କାଳୀନ ଲାଞ୍ଜିଗଡ଼ ବିଡିଓ ଜିତେନ୍ଦ୍ର ମିଶ୍ର ଗାଁକୁ ଚାଲ ଅଭିଯାନ ଆରମ୍ଭ କରି ବ୍ଲକ କର୍ମଚାରୀ ନେଇ ମନସ୍ତରା ଗାଁରେ ପହଞ୍ଚିଥିଲେ। ଗାଁର ୨୧ଟି ପରିବାର ସମସ୍ତ ସଦସ୍ୟଙ୍କୁ ଡାକି ଏକ ସଭାର ଆୟୋଜନ କରିଥିଲେ। ଗାଁରେ ୪ ଘଣ୍ଟା ବିତାଇବା ସହ ପ୍ରତିଲୋକଙ୍କ ସମସ୍ୟା ପୁଙ୍ଖାନୁପୁଙ୍ଖ ତଥ୍ୟ ସଂଗ୍ରହ ହୋଇଥିଲା। ଗାଁର ମୁଖ୍ୟ ସମସ୍ୟା ହୋଇଥିଲା ରାସ୍ତା। ଜଳଜୀବନ ମିସନ ଜରିଆରେ ସୋଲାର ଶକ୍ତି ସଂଯୋଗ ସହ ପାଇପ ଜଳର ବ୍ୟବସ୍ଥା, ୧୭ଜଣ ହିତାଧିକାରୀଙ୍କୁ ଆବାସ ଗୃହରେ ସାମିଲ କରିବା, ଗାଁର ସମସ୍ତେ ଯେମିତି ଆଧାର କାର୍ଡ, ଭୋଟ କାର୍ଡ, ମମତା ଯୋଜନା, ବ୍ୟାଙ୍କ୍ ପାସବୁକରୁ କିପରି ବଞ୍ଚିତ ନରହିବେ ସେଥିପ୍ରତି ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସମସ୍ତ ସମସ୍ୟାକୁ ଆଲୋଚନା କରି ମାତ୍ର କିଛି ଦିନ ମଧ୍ୟରେ ପର୍ଯ୍ୟାୟକ୍ରମେ ସମାଧାନ କରା ?ଯିବ ବୋଲି ଗ୍ରାମବୋସୀଙ୍କ ସମ୍ମୁଖରେ ତତ୍କାଳୀନ ଲାଞ୍ଜିଗଡ଼ ବିଡିଓ ଶ୍ରୀ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ ।କିଛି ମାସ ମଧ୍ୟରେ ବିଡିଓ ଶ୍ରୀ ମିଶ୍ରଙ୍କ ବଦଳି ହୋଇଗଲା। ବ୍ଲକ ପ୍ରଶାସନର ଅବହେଳା ଯୋଗୁଁ ୪ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଗାଁର ସମସ୍ୟା କିମ୍ବା ଲୋକଙ୍କ କୌଣସି କାମ ହୋଇପାରି ନାହିଁ। ଗାଁରେ ପାଣି ସମସ୍ୟା ଲାଗି ରହିଥିବା ବେଳେ ୨ଟି ବୋରୱେଲ ଖୋଳା ଯାଇଛି ତାହା ପୁଣି ୩୦ ଫୁଟ ଅନ୍ୟପଟେ ସୋଲାର ଚାଳିତ ମୋଟର ସଂଯୋଗ ହୋଇଥିବା ବେଳେ ଟାଙ୍କିକୁ ପାଣି ଉଠୁ ନାହିଁ ଯାହାଫଳରେ ଏବେ ଲୋକେ ଝରଣା ପାଣି ଉପରେ ନିର୍ଭର କରୁଥିବା ବେଳେ ଅନେକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛୁ ବୋଲି ପ୍ରକାଶ କରିଛନ୍ତି କ୍ଷ ୧୩ ବର୍ଷ ହେଲା ଟ୍ରାନ୍ସଫର୍ମର ବସିଛି କିଛି ଲୋକଙ୍କ ଘରେ ମିଟର ବସିଛି କିନ୍ତୁ ବିଜୁଳି ସଂଯୋଗ କରାଯାଇ ନାହିଁ । ରାସ୍ତା ନିର୍ମାଣ ପାଇଁ ୨୦ ଲକ୍ଷରୁ ଅଧିକ ଟଙ୍କା ମଂଜୁର ହୋଇଛି ହେଲେ ପ୍ରଶାସନିକ ବିଭାଗୀୟ ଅଧିକାରୀଙ୍କ ତଦନ୍ତରେ ଅବହେଳା ଯୋଗୁଁ ରାସ୍ତା କାମ ଅଧାପନ୍ତରିଆ କରି ଠିକାଦାର ଅର୍ଥ ହଡ଼ପ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ପୁଣି ଗାଁ ରାସ୍ତାକୁ ନେଇ ଗତ ୨୦୨୩ ନ?ଭେମ୍ବର ମାସରେ ୧୦ ଲକ୍ଷ ଟଙ୍କା ମଂଜୁର ହୋଇଥିବା ବେଳେ ୯୦ ପ୍ରତିଶତ କାମ ହୋଇନାହିଁ। କାଗଜପତ୍ରରେ ଲକ୍ଷ ଲକ୍ଷ ଟଙ୍କାର ଗାଁ ବିକାଶ ହେଉଥିବା ଗ୍ରାମବାସୀଙ୍କ ଅଭିଯୋଗ ପରେବି ଏହାର କୌଣସି ତଦନ୍ତ କରାଯାଉ ନାହିଁ ।ଯାହା ଫଳରେ ରାସ୍ତାଟି ମରଣଜନ୍ମା ପାଲଟିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବି ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇ ଭୁଲିଗଲା ପ୍ରଶାସନ ବୋଲି ଗାଁର ରଘୁ ମାଝୀ, ଅର୍ଜୁନ ମାଝୀ, ମଙ୍ଗଳା ମାଝୀ, ଦୁଦୁରି ମାଝୀ, ଫଗୁ ମାଝୀ ସିତନ୍ୟ ମାଝୀ, ବୁଡା ମାଝୀ, ଦୁର୍ଯ୍ୟ ମାଝୀ ପ୍ରମୁଖ ପ୍ରକାଶ କରିଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଜନ ଅଭିଯୋଗ ଶୁଣାଣୀ ଶିବିର




ଗଜପତି, (ମହାଭାରତ) : ଜିଲ୍ଲା ଗୋସାଣୀ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ଗୋସାଣୀ ପଞ୍ଚାୟତ ସମିତିର ସମୁଦାୟ ମୋଟ- ୩୨ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୮ ଗୋଟି, ଗ୍ରାମ ଭିତ୍ତିକ ସମସ୍ୟା - ୧୪ ଗୋଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ଗୋଟିଏ ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୯ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି। ସେଥି ମଧ୍ୟରୁ ୧୨ ଜଣ ଖାଉଟି କାର୍ଡ ବଣ୍ଟନ କରାଯାଇଛି। ୫ ଜଣଙ୍କୁ ଅନ୍ତୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ, ୧୦ ଜଣ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଓ ୧୦ ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ମୋବାଇଲ୍ ଫୋନ୍ ବଣ୍ଟନ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଗୋସାଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ୍. ବୀରରାଜୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋର ଚନ୍ଦ୍ର ପଟ୍ଟନାୟକ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ଏମ୍ ଭି-୭୯ ଇରିଗେସନ୍ କଲୋନୀରେ ମଦ ଦୋକାନକୁ ବିରୋଧ

ଏମ୍ ଭି-୭୯, (ମହାଭାରତ) : ଜିଲ୍ଲାରେ ନୂତନ ମଦ ଦୋକାନ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ବେଳେ ଏମ୍ ଭି-୭୯ ଇରିଗେସନ୍ କଲୋନୀରେ ମଦ ଦୋକାନ ଖୋଲିବାକୁ ସ୍ଥାନୀୟ ବାସିନ୍ଦାମାନେ ତୀବ୍ର ବିରୋଧ କରିଛନ୍ତି। ଏହାକୁ ଆବାସିକ ଅଞ୍ଚଳରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସେମାନେ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି। ସୂଚନା ଅନୁଯାୟୀ, ପୂର୍ବରୁ ଇରିଗେସନ୍ କଲୋନୀର ଶେଷ ଭାଗରେ ଏକ ମଦ ଦୋକାନ କାର୍ଯ୍ୟକ୍ଷମ ଥିଲା। ନୂତନ ଟେଣ୍ଡର ପାଇଥିବା ବ୍ୟକ୍ତି ପୁରୁଣା ସ୍ଥାନରେ ପୁନର୍ବାର ମଦ ଦୋକାନ ଖୋଲିବା ପାଇଁ ପ୍ରସ୍ତୁତି କରୁଥିବା ଖବର ପାଇବା ପରେ ସ୍ଥାନୀୟ ଲୋକମାନେ ଏହାକୁ ବିରୋଧ କରିଛନ୍ତି। ଏହି ପ୍ରସଙ୍ଗରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଏକ ଲିଖିତ ଅଭିଯୋଗପତ୍ର ଦାଖଲ କରାଯାଇଛି। ଏହାର ନକଲ ଉପଜିଲ୍ଲାପାଳ, ମାଲକାନଗିରି ତହସିଲଦାର, ଏମ. ଭି-୭୯ ଥାନା ଅଧିକାରୀ, ଏମ୍ ଭି-୭୯ ସରପଞ୍ଚ ଓ ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଇରିଗେସନ୍ କଲୋନୀ ଏକ ଜନବହୁଳ ଆବାସିକ ଅଞ୍ଚଳ ହୋଇଥିବାରୁ ଏଠାରେ ମଦ ଦୋକାନ ରହିଲେ ସାମାଜିକ ପରିବେଶ ଉପରେ ବିରୂପ ପ୍ରଭାବ ପଡ଼ିପାରେ। ମଦ୍ୟପ ଅବସ୍ଥାରେ ଯାନବାହନ ଚଳାଚଳ, ସାଧାରଣ ଲୋକଙ୍କ ଯାତାୟାତରେ ବାଧା, ରାସ୍ତାକଡ଼େର କାଚ ବୋତଲ ଫିଙ୍ଗିବା ଏବଂ ଶାନ୍ତିଶୃଙ୍ଖଳା ବ୍ୟାହତ ହେବାର ଆଶଙ୍କା ଥିବା କଥା ଉଲ୍ଲେଖ କରାଯାଇଛି। ସ୍ଥାନୀୟ ବାସିନ୍ଦାମାନେ ମଦ ଦୋକାନ ବନ୍ଦ କରିବାକୁ ଦାବି କରିନାହାନ୍ତି, ବରଂ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ ଆବାସିକ ଅଞ୍ଚଳରୁ ଅନ୍ୟ କୌଣସି ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି। ଏହି ଅଭିଯୋଗପତ୍ରରେ କନା ମାଡକାମି, ଦେବା ବୋଟି, କୁଞ୍ଜା ଦେଶା, ଦେବା ମାଡକାମି ଓ ସୋମା ମାଡକାମିଙ୍କ ସମେତ ଅନେକ ସ୍ଥାନୀୟ ବାସିନ୍ଦା ସ୍ୱାକ୍ଷର କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଏହି ଅଭିଯୋଗ ଉପରେ ପ୍ରଶାସନ କି ପଦକ୍ଷେପ ନେଉଛି, ତାହା ଉପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ନଜର ରହିଛି।

## ସୁନ୍ଦରଗଡ଼ରୁ ଶିଶୁ ଶ୍ରମିକ ଉଦ୍ଧାର, ଜଣେ ଗିରଫ

ସୁନ୍ଦରଗଡ, (ମହାଭାରତ) : ଝାରସୁଗୁଡ଼ାର ଜଣେ ଶିଶୁ ଶ୍ରମିକ (୯)ଙ୍କୁ ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ଫୁଲଧୁଡ଼ିରୁ ଉଦ୍ଧାର କରାଯାଇଛି। ଯେଉଁ ବ୍ୟକ୍ତି ତାଙ୍କୁ ନେଇ ଖଟାଉଥିଲେ ପୁଲିସ ତାଙ୍କୁ ଅଟକ ରଖିଛି। ସୂଚନାନୁସାରେ, ଆଜି ପୂର୍ବାହ୍ନରେ ଶିଶୁଟି କାନ୍ଧରେ ଭାର ବୋହି ନେଉଥିବା ଦେଖି କେହି ଶିଶୁ କଲ୍ୟାଣ କମିଟିର ଟୋଲ୍? ଫ୍ରି ନଂ ୧୦୯୮କୁ ଫୋନ୍ କରିଥିଲେ। ସୂଚନା ପାଇ ଶିଶୁ କଲ୍ୟାଣ କମିଟି ସଦସ୍ୟ ଜିତୁ ପଟେଲ୍ ଓ ହେଲ୍‌ପଲାଇନ୍ ପରିଦର୍ଶକ ମଧୁସୂଦନ ଭୁଏ ଶିଶୁ ନିକଟରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଶିଶୁ ନିକଟରୁ ସମସ୍ତ କଥା ଶୁଣିବା ପରେ ୧୧୨କୁ ସୂଚିତ କରିଥିଲେ। ପୁଲିସ ପହଞ୍ଚି ଏକ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ମାଲିକ ତରଣୀ ସାହୁଙ୍କୁ ଧରି ନେଇ ଥାନାରେ ରଖିଛି। ତରଣୀ ୯ ମାସ ଧରି ଶିଶୁଟିକୁ ଖଟାଉଥିବା ତଦନ୍ତ ?ବେଳେ ଜାଣିବାକୁ ପାଇଥିବା ଶିଶୁ କଲ୍ୟାଣ କମିଟି କହିଛି। ଶିଶୁ ଶ୍ରମିକ ରଖିବା ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ଓ ଏହାର ଖିଲାପକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ପ୍ରାବଧାନ ଥିଲେ ମଧ୍ୟ ଅନେକ ବ୍ୟକ୍ତି ଶିଶୁମାନଙ୍କୁ ଖଟାଉଥିବା ଦେଖିବାକୁ ମିଳିଛି।

## ନୀଳ ଡ୍ରମରୁ କଦଳୀ ଟ୍ରକ୍, ବଦଳିଛି ଗଞ୍ଜେଇ ଚାଲାଣର ତରିକା

ନୀଳ ଡ୍ରମରୁ କଦଳୀ ଟ୍ରକ୍ । ବଦଳିଛି ଗଞ୍ଜେଇ ଚାଲାଣର ତରିକା । ଓଡ଼ିଶାରୁ ଉତ୍ତରପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ର ଏବଂ ଦେଶର ଅନ୍ୟାନ୍ୟ ଅଞ୍ଚଳକୁ ଯାଉଛି ଗଞ୍ଜେଇ। ଛତିଶଗଡ଼ ପାଲଟିଛି ଗୁପ୍ତ ଗଞ୍ଜା କରିଡର। ଗତ କିଛି ମାସ ମଧ୍ୟରେ ଜବତ ହୋଇଥିବା ଗଞ୍ଜେଇ ମାମଲାରୁ ଏସମ୍ପର୍କରେ ତଥ୍ୟ ସାମ୍ନାକୁ ଆସଛି। ଛତିଶଗଡ଼ର ମହାସାମୁନ୍ଦ, ଧମତରୀ, ଗରିୟାବନ୍ଦ, ବସ୍ତର ଏବଂ ବଲରାମପୁର ଜିଲ୍ଲାଗୁଡ଼ିକ ଦେଇ ଓଡ଼ିଶାର ଗଞ୍ଜା ଚାଷ ବେଲ୍ଟରୁ ଉତ୍ତର ଓ ପଶ୍ଚିମ ଭାରତର ବଜାରକୁ ଯାଉଛି। ବଡ଼ କଥା ହେଉଛି ଗଞ୍ଜେଇ ଚୋରାଚାଲାଣକାରୀଙ୍କ ପରିବର୍ତ୍ତନଶୀଳ ପଦ୍ଧତି ତଦନ୍ତକାରୀଙ୍କ ପାଇଁ ଏକ ବଡ଼ ଚିନ୍ତାର ବିଷୟ ହୋଇଛି । ଛତିଶଗଡ଼ର ମହାସାମୁନ୍ଦ ଜିଲ୍ଲା ଗଞ୍ଜେଇ ଚାଲାଣ ପ୍ରମୁଖ ହବ ପାଲଟିଛି। ମହାସାମୁନ୍ଦ ଜିଲ୍ଲାରୁ ଗତ ଏପ୍ରିଲ ମାସରେ ୫ କୁଣ୍ଟାଇଲ ୬୩୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ଯାହାର ମୂଲ୍ୟ ୨୮ କୋଟି ଟଙ୍କା ହେବ ବୋଲି ଛତିଶଗଡ଼ ପୁଲିସ ସୂଚନା ଦେଇଛି । ୭୨ଟି ଏନଡିପିଏସ ମାମଲା ରୁଜୁ ହୋଇଥିବା ବେଳେ ୧୮୭ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଛତିଶଗଡ଼ ଓ ଓଡ଼ିଶା ସମେତ ବାହାର ରାଜ୍ୟର ମଧ୍ୟ ଅଛନ୍ତି ।

# ଏମସିଏଲରେ ଜଳୁଛି କୋଇଲା



ସୁନ୍ଦରଗଡ, (ମହାଭାରତ): ମହାନଦୀ ଖୋଲା ମୁହଁ କୋଇଲା ଖଣି (ଏମସିଏଲ)ରେ ଜଳୁଛି କୋଇଲା। କେବଳ ବର୍ଜ୍ୟଗଦା(ଡମ୍ପିଂୟାର୍ଡ)ରେ ନୁହେଁ, କୋଇଲା ଗଦା (ଷ୍ଟକ୍ୟାର୍ଡ)ରେ ମଧ୍ୟ ଲାଗିଛି ନିଆଁ। କୋଇଲା ଗଦାରେ ନିଆଁ ଲାଗିବା ନିତ୍ୟନେ?ମିତ୍ତିକ ଘଟଣା। ହଜାର ହଜାର ଟନ୍ କୋଇଲାକୁ ଘୋଡ଼ାଇ ରଖିବା ସମ୍ଭବ ନଥିବା ଓ ସେସବୁ ଖୋଲାରେ ନିବୁଜ ଭାବେ ଗଦା ହୋଇ ରହୁଥିବାବେଳେ କେ?ଣସିମତେ ଅମ୍ଳଜାନ ସଂସ୍ପର୍ଶରେ ଆସିଲେ ନିଆଁ ଲାଗେ। ଏମସିଏଲର ବିଭିନ୍ନ ଖଣି କ୍ଷେତ୍ରରେ ଥିବା କୋଇଲା ଗଦାରେ ପ୍ରାୟ ସବୁବେଳେ ନିଆଁ ଲାଗିଥିବା ଦେଖାଯାଏ। କିନ୍ତୁ ଅନେକ ସମୟରେ ଅତି ଚତୁରତାର ସହ ସେଥିରେ ନିଆଁ ଲଗାଇ ଦିଆଯାଏ। କୋଇଲା ଗଦାରେ ଲାଗୁଥିବା ଏହି ନିଆଁ ଚୋରି ପାଇଁ ଚତୁର ବାଟ ତିଆରି କରି ଦେଇଥିବା ଅଭିଯୋଗ ହୋଇଛି। ନିଆଁ ଲାଗି ବହୁ ପରିମାଣର କୋଇଲା ଜଳି ଯାଇଥିବା ଦର୍ଶାଇ ତାକୁ ଭିନ୍ନ ବାଟରେ ଚୋରା ଚାଲାଣ କରାଯାଉଛି। ଏହା ଯଦି ସତ, ତାହେଲେ ସାଂଘାତିକ। ଖଣି ବିଭାଗ ଏହାକୁ ହାଲୁକା ଭାବରେ ନେଇ କହିଛି, କୋଇଲା ଗଦାରେ ଲାଗିଥିବା ନିଆଁକୁ ଲିଭାଇ ଦିଆଯାଇଛି।

ହେଲେ ନିଆଁ କେମିତି ଲାଗିଲା, କେତେ କ୍ଷୟକ୍ଷତି ହେଲା, ସେ ଉପରେ କୌଣସି ତଦନ୍ତ କରି ନାହିଁ। ଅନ୍ୟପଟେ କୋଇଲାରେ ନିଆଁ ଭଳି ଚୋରିର ଅନ୍ୟ ଏକ ଚତୁର ଉପାୟ ହେଲା କ୍ଷମତାଠାରୁ ଅଧିକ ବୋଝେଇ (ଓଭରଲୋଡିଂ)। ଏମସିଏଲ୍ର କୋଇଲା ଖଣି କ୍ଷେତ୍ର ସମସ୍ତ ଖଣି ଓ ରେଲୱେ ସାଇଡିଂରୁ ବେଧଡ଼କ କୋଇଲା ଚୋରି ହେଉଥିବା ଚର୍ଚ୍ଚା ହେଉଛି। ଏଥିରେ ଚୋରିର ମୁଖ୍ୟ ବାଟ ସାଜିଛି ୱେବ୍ରିଜ୍। ରେଲ ସାଇଡିଂ ହେଉ କି ରୋଡସେଲ୍ ହେଉ କୋଇଲା ବୋଝେଇ ଟ୍ରକ ଓଜନ ପାଇଁ ଥିବା ୱେବ୍ରିଜରେ କ୍ଷମତାଠାରୁ ଅଧିକ କୋଇଲା ନେଇ ଯାଉଥିବା ଟ୍ରକ ସହଜରେ ବାହାରକୁ ଆସିଯାଉଛି। ଏହି ବାଟରେ ଥରକେ ମଲ୍ଟି ଏକ୍ସଲ ଟ୍ରକରେ ୨ରୁ ୪ ଟନ୍ କୋଇଲା ଚୋରି ହେଉଥିବା କୁହାଯାଉଛି। ଏଥିରେ ଏମସିଏଲର ଅସାଧୁ ଅଧିକାରୀଙ୍କ ପ୍ରତ୍ୟକ୍ଷ ହାତ ଥିବା ଅଭିଯୋଗ ହୋଇଛି। ନିୟମିତ ଭାବେ ଖୋଲାଖୋଲି ଏହି ବାଟରେ କୋଇଲା ଚୋରାଚାଲାଣ ହେଉଥିବା ଅଭିଯୋଗ ରହିଛି। ଉଲ୍ଲେଖଯୋଗ୍ୟ, ନିଆଁରେ ଜଳିଯିବା ଦର୍ଶାଇ ଓ କ୍ଷମତାଠାରୁ ଅଧିକ ବୋଝେଇ କରି ଚାଲିଥିବା କୋଇଲା ଚୋରି ସମ୍ପର୍କରେ ୨୦୨୧ରେ ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ କେନ୍ଦ୍ର କୋଇଲା ସଚିବଙ୍କୁ ଚିଠି ଲେଖି ତୁରନ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହା ପରେ ପ୍ରତିଟି ଖଣି ଅଞ୍ଚଳରେ ୮୦ରୁ ଅଧିକ ସିସିଟିଭି କ୍ୟାମେରା ଓ ଟ୍ରକଗୁଡ଼ିକରେ ଜିପିଏସ୍ ଲଗାଯାଇଥିଲା। କିନ୍ତୁ ସେତେବେଳେ ବେଶ କିଛି ସମୟ ଏ କାରବାର ବନ୍ଦ ହୋଇଯାଇଥିଲା। ମାମଲା ଥଣ୍ଡା ପଡ଼ିଯିବା ପରେ ପୁଣି ସେହି ଉପାୟରେ ଚୋରି ଚାଲିଥିବା ପ୍ରକାଶ ପାଇଛି। ସିସିଟିଭି କ୍ୟାମେରା ଓ ଜିପିଏସ୍ ନାମକୁ ମାତ୍ର ରହିଛି। କ୍ୟାମେରାଗୁଡ଼ିକ ଖରାପ ହୋଇଯାଇଥିଲେ ମଧ୍ୟ ଏମସିଏଲ କର୍ତ୍ତୃପକ୍ଷ ଜାଣିଶୁଣି ସେସବୁର ମରାମତି କରୁ ନାହାନ୍ତି। ଅନ୍ୟପଟେ ଟ୍ରକର ଲାଗିଥିବା ଜିପିଏସ୍ ଅପରେଟିଂ ଦାୟିତ୍ୱ ଏମସିଏଲ ହାତରେ ଥିଲେ ମଧ୍ୟ ସେସବୁ ମନମର୍ଜିରେ ଚାଲିଛି। ବହୁ ସମୟରେ ଜିପିଏସ୍ ଖୋଲି ଚୋରା କୋଇଲା ପରିବହନ କରାଯାଉଛି। ଏହି ଉପାୟରେ ମଲ୍ଟି ଏକ୍ସଲ ଟ୍ରକ ଓ ଟ୍ରେଲର ମାଧ୍ୟମରେ ଖଣି ଓ ସାଇଡିଂରୁ ଦୈନିକ ୨ ହଜାର ଟନ୍ କୋଇଲା ଚୋରି ହେଉଥିବା ଅଭିଯୋଗ ହେଉଛି। ଆଉ ଏହି କାରଣରୁ ଉଭୟ ଏମସିଏଲ ଓ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। କୋଇଲା ମନ୍ତ୍ରାଳୟ ଏଭଳି ଏକ ସାଂଘାତିକ ଅଭିଯୋଗର ତଦନ୍ତ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକତା ରହିଛି।

## ଗଜପତିରେ ଚାଷୀଙ୍କ ପ୍ରଥମ ପସନ୍ଦ ଆନ୍ଧ୍ର ବିହନ; ଓଡ଼ିଶା ବିହନର ମାନ ଉପରେ ଉଠାଇଲେ ପ୍ରଶ୍ନ

ଗଜପତି, (ମହାଭାରତ): ଓଡ଼ିଶା ସରକାରଙ୍କ ପାଖରେ ବିହନର ଅଭାବ ନାହିଁ । କିନ୍ତୁ ଗଜପତି ଜିଲ୍ଲାର ଚାଷୀଙ୍କୁ ଏହା ପସନ୍ଦ ଆସୁନାହିଁ । ଅଧିକ ଦାମ୍ ହେଲେ ମଧ ଆନ୍ଧ୍ରପ୍ରଦେଶରୁ ଆସୁଥିବା ବିହନ ଉପରେ ଚାଷୀ ଅଧିକ ଭରସା କରୁଛନ୍ତି ।

ଗଜପତିରେ ଚାଷୀଙ୍କ ପ୍ରଥମ ପସନ୍ଦ ପାଲଟିଛି ଆନ୍ଧ୍ର ବିହନ । ଓଡ଼ିଶାର ବିହନ ତୁଳନାରେ ଆନ୍ଧ୍ର ବିହନର ଦାମ୍ ଅଧିକ । ତଥାପି ଆନ୍ଧ୍ର ବିହନ ଉପରେ ଭରସା କରୁଛନ୍ତି ଚାଷୀ । ଜିଲ୍ଲାର ପ୍ରତି ବ୍ଲକ୍, ଲ୍ୟାମ୍ପସ୍ ଓ ଡିଲରଙ୍କ ପାଖରେ ଆବଶ୍ୟକ ପରିମାଣର ବିହନ ମହଜୁଦ ଥିଲେ ବି ଚାଷୀ କିଣୁନାହାନ୍ତି । ଚାଷୀଙ୍କ କହିବା କଥା, ଓଡ଼ିଶା ବିହନ ତୁଳନାରେ ଆନ୍ଧ୍ର ବିହନର ମାନ ଅଧିକ ! ଏବଂ ଏଥିରେ ଅଧିକ ଅମଳ ହେଉଛି । 'ଓଡ଼ିଶା ବିହନ ବ୍ୟବହାର କଲେ କ୍ଷତି ସହିବାର ଆଶଙ୍କା ରହୁଛି' । ଆବଶ୍ୟକ କିସମର ଧାନ ବିହନ ମଧ୍ୟ ମିଳୁନାହିଁ । ପୂର୍ବରୁ ପରଖିବାକୁ ଯାଇ ଚାଷୀ କ୍ଷତି ସହିଥିବା କହିଛନ୍ତି ।

ଅନ୍ୟପଟେ ଜିଲ୍ଲା କୃଷି ଅଧିକାରୀ କହିଛନ୍ତି, ମୋଟ ୩ ହଜାର ୫୨୬ କ୍ୱିଣ୍ଟାଲ ବିହନରୁ ଡିଲର୍?ଙ୍କ ମାଧ୍ୟମରେ ୧, ୪୫୬ କ୍ୱିଣ୍ଟାଲ୍, ପ୍ୟାକ୍ସ-ଲ୍ୟାମ୍ପସ ମାଧ୍ୟମରେ ୧, ୩୬୬ କ୍ୱିଣ୍ଟାଲ୍ ବିହନ ଚାଷୀଙ୍କ ନିକଟକୁ ପହଞ୍ଚିଛି । ବର୍ତ୍ତମାନ ସୁଦ୍ଧା ୭୬୬ କ୍ୱିଣ୍ଟାଲ୍ ବିହନ ମହଜୁଦ ରହିଛି । ସବୁ ବିହନର ପରୀକ୍ଷଣ ପ୍ରଣାଳୀ ଗୋଟିଏ ପ୍ରକାରର । ଓଡ଼ିଶା ବିହନରେ ସମ୍ପୂର୍ଣ୍ଣ ଗୁଣବତ୍ତା ଅଛି । ଆନ୍ଧ୍ରର ଚକାଚକ ଓ ସୁନ୍ଦର ପଲିଥିନ ପ୍ୟାକେଟ୍ ଦେଖି ଚାଷୀ ଆକୃଷ୍ଟ ହେଉଛନ୍ତି । କେବଳ ଚଳିତ ବର୍ଷ ନୁହେଁ, ଗତ କିଛି ବର୍ଷ ହେଲା ଆନ୍ଧ୍ର ବିହନ ବ୍ୟବହାର କରୁଛନ୍ତି ଗଜପତି ଚାଷୀ । ଓଡ଼ିଶା ବିହନ ଛାଡ଼ି ଆନ୍ଧ୍ର ବିହନ ପଛରେ କାହିଁକି ଚାଷୀ ପ୍ରକୃତରେ ଓଡ଼ିଶା ବିହନରେ ଗୁଣବତ୍ତାର ଅଭାବ କି ନା ସରକାରୀ ସଚେତନତା ଅଭାବର ଫାଇଦା ନେଉଛି ପଡ଼ିଶା ତାହା ଏବେ ବଡ଼ ପ୍ରଶ୍ନ ।



## ଫାଇନାଲ କ୍ରିକେଟ୍ ମ୍ୟାଚ୍‌ରେ ବିଧାୟକ ଓ ସରପଞ୍ଚ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହ ଦେଲେ




ପାରଳାଖେମୁଣ୍ଡି, (ମହାଭାରତ) : କ୍ରିକେଟ ଖେଳ ଆଜି ବିଶ୍ୱର ସବୁ ଠାରୁ ଲୋକ ପ୍ରିୟ ଏବଂ ପ୍ରିୟ ଖେଳ ମଧ୍ୟରୁ ଗୋଟିଏ। ଖେଳ ଦ୍ୱାରା ଖେଳାଳୀଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ମାନସିକ ବିକାଶ, ଭାଇଚାରା , ଦଳୀୟ ମାନଭାବ, ଜାତୀୟ ଗର୍ବ ଦେଖା ଦିଏ । ଦୀର୍ଘ ଦିନ ଧରି ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ନିକଟସ୍ଥ ସିଧାମଡଙ୍ଗ ଠାରେ କ୍ରିକେଟ୍ ଟୁର୍ଣ୍ଣମ୍ୟାଚ୍ ଚାଲି ଫାଇନାଲରେ କାଶୀନଗର ଟିମ୍ 'ନାନୀ ଏଲେଭେନ' ଏବଂ ରାଣିପେଣ୍ଠା 'ଜୟ ଶ୍ରୀ ରାମ' ଟିମ୍ ପହଞ୍ଚିଥିଲେ । ଆଜି ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣୀଗ୍ରାହୀ ଓ କେ ସୀତାପୁର ସରପଞ୍ଚ ତେଜା ବାବୁ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହ ଦେଇ ଶାନ୍ତି ସୁରକ୍ଷା ବଜାୟୀ ଖେଳିବା ପାଇଁ ପରାମର୍ଶ ଦେଇ ଥିଲେ । ଖେଳ ଆରମ୍ଭରେ ପଡିଆରେ ବିଧାୟକ ଓ ସରପଞ୍ଚ ତେଜା ବାବୁ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ଜାତୀୟ ସଂଗୀତ ରାଣିପେଣ୍ଠା ସ୍ଥିତ ସୂରୀୟ ଟେକ୍ନୋ ଇଂଲିଶ ମ୍ୟାଡମ୍ ସ୍କୁଲ୍ ଛାତ୍ରୀଙ୍କ ଦ୍ୱାରା ଗାନ କରଯାଇଥିଲା। ଟସ୍ ରେ କାଶୀନଗର ଟିମ୍ ଜିତି ବ୍ୟାଟିଂ ଆରମ୍ଭ କରିଥିଲେ। ଏହି ଫାଇନାଲ କ୍ରିକେଟ୍ ମ୍ୟାଚରେ ରାଣୀପେଣ୍ଠା ଜୟ ଶ୍ରୀ ରାମ ଟିମ୍ ୧୦୯ ନମ୍ବର ହାସଲ କରି କାଶୀନଗର 'ନାନୀ ଏଲେଭେନ' ଟିମ୍ ଠାରୁ ବିଜୟ ଲାଭ କରି ୪୦ ହଜାର ଟଙ୍କା ଓ ବିଜୟ କପ୍ ପୁରସ୍କାର ପାଇଥିଲେ। ରୋନର ହିସାବରେ କାଶୀନଗର ଟିମ୍ ୨୫ ହଜାର ଟଙ୍କା ପୁରସ୍କାର ପାଇଥିଲେ। କ୍ରିକେଟ୍ ଟୁର୍ଣ୍ଣମ୍ୟାଚ୍ କମିଟି ଓ ଉଭୟ ଏମ୍ପାୟର ଖେଳଟିକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିଥିବା ହେତୁ ଫାଇନାଲ କ୍ରିକେଟ୍ ମ୍ୟାଚଟି ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଥିଲା ।

## ମହାବିପଦ ସାଜିଛି ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ଅଣ୍ଡରପାସ; ଅସରାଏ ବର୍ଷା ହେଲେ ପୋଖରୀ ପାଲଟୁଛି ରାସ୍ତା



ବୌଦ୍ଧ, (ମହାଭାରତ): ବିକାଶ ନାଁରେ ମହାବିପଦ । ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଏବେ ବୌଦ୍ଧ ଜିଲ୍ଲା ହରଭଙ୍ଗା ଅଞ୍ଚଳର ଅନେକ ଗାଁଙ୍କ ପାଇଁ ପାଲଟିଛି ଦୁର୍ଦ୍ଦଶାର ସେତୁ । ସାମାନ୍ୟ ବର୍ଷା ହେଲେ ଅଣ୍ଡରପାସ ପାଲଟୁଛି ପୋଖରୀ । ଜମୁଛି ଆଣ୍ଠୁଏ ଆଣ୍ଠୁଏ ପାଣି । ଯିବା ଆସିବା କରିବା ପାଇଁ ନାକେଦମ୍ ହେଉଛନ୍ତି ଲୋକେ । ବୌଦ୍ଧ ଜିଲ୍ଲା କରଞ୍ଜକଟା ପଞ୍ଚାୟତର ଗୋଧିପଡ଼ା ଗ୍ରାମକୁ ସଂଯୋଗ କରୁଥିବା ଅଣ୍ଡରପାସର ଅବସ୍ଥା ଶୋଚନୀୟ । ମାଟି ଧସିବା ଯୋଗୁଁ ଏଠାରେ ସାଇକେଲଟିଏ ଚଳାଇବା ମଧ୍ୟ କଷ୍ଟକର ହୋଇପଡ଼ିଛି । ଛାତ୍ରଛାତ୍ରୀ, ଚାଷୀ ଓ ଶ୍ରମିକ ପ୍ରତିଦିନ ଜୀବନକୁ ବାଜି ଲଗାଇ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି । ସମସ୍ୟା କେବଳ ଗୋଧିପଡ଼ା ଗାଁରେ ନୁହେଁ । ବିରାମଚନ୍ଦ୍ରପୁର, ହାଟଗାଁ, ମଧୁସୂଦନପୁର, ଜଡ଼ାପାଲ ଓ ଆଇଁଲାଚୁଆଁ ଅଣ୍ଡରପାସ୍?ଗୁଡ଼ିକର ଅବସ୍ଥା ମଧ୍ୟ ସମାନ । ଅସରାଏ ବର୍ଷାରେ ୩ ଫୁଟ୍ ପର୍ଯ୍ୟନ୍ତ ପାଣି ଜମୁଛି । ଜଳ ନିଷ୍କାସନର କୌଣସି ସଠିକ୍ ବ୍ୟବସ୍ଥା ନାହିଁ । ଠିକାଦାର ସଂସ୍ଥା ଓ ଯନ୍ତ୍ରୀମାନଙ୍କ ଚରମ ଅବହେଳା ଯୋଗୁଁ ଆଜି ସ୍ଥାନୀୟ ଲୋକେ କହିବାକୁ ବାଧ୍ୟ ହେଉଛନ୍ତି ଯେ- ବିକାଶ ନାଁରେ ନିଜ ଗୋଡ଼େର ନିଜେ କୁରାଢ଼ି ମାରିଛୁ । ବର୍ଷା ଦିନ ଏବେ ଆରମ୍ଭ ହୋଇଛି ମାତ୍ର । ପ୍ରାରମ୍ଭିକ ସ୍ଥିତି ଯଦି ଏଭଳି ବେହାଲ, ତେବେ ଆଗକୁ ଆଷାଢ଼ ଓ ଶ୍ରାବଣ ମାସର ଲଗାତାର ବର୍ଷାରେ ଗ୍ରାମବାସୀ କେମିତି ଚଳିବେ, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । କୌଣସି ବଡ଼ ଧରଣର ଅଘଟଣ ଘଟିବା ପୂର୍ବରୁ ରେଳ ବିଭାଗ, ଠିକା ସଂସ୍ଥା ଓ ଜିଲ୍ଲା ପ୍ରଶାସନ ତୁରନ୍ତ ବୈଷୟିକ ଯାଞ୍ଚ କରନ୍ତୁ । ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା ସହ ଏକ ସୁରକ୍ଷା ପ୍ରାଚୀର ନିର୍ମାଣ କରାଯାଉ । ଯଦି ପ୍ରଶାସନ ଶୀଘ୍ର ପଦକ୍ଷେପ ନନିଏ, ତେବେ ଆଗକୁ ବଡ଼ ଆନ୍ଦୋଳନ ଚେତାବନୀ ଦେଲେଣି ସ୍ଥାନୀୟ ଲୋକେ ।

## ବି.ଇଡି ପରୀକ୍ଷା ଓ ସାର୍ଟିଫିକେଟ୍ ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ ; ଅଭିଯୁକ୍ତ ଗିରଫ

ନବରଙ୍ଗପୁର, (ମହାଭାରତ) : ଛାତ୍ରଛାତ୍ରୀଙ୍କୁ ଠକେଇ ଅଭିଯୋଗରେ ଜଣେ ଗିରଫ । ବି.ଇଡି ପରୀକ୍ଷା ଦେଇ ସାର୍ଟିଫିକେଟ ଦେବାର ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ । ଠକଙ୍କ ଟାର୍ଗେଟରେ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ । ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଞ୍ଚଳରୁ ଆସିଛି ଏଭଳି ଅଭିଯୋଗ । ଥାନାର ଦ୍ୱାରସ୍ଥ ହେଲେ ଛାତ୍ରଛାତ୍ରୀ । ଆନ୍ଧ୍ରରେ ବିଇଡି ଆଡମିସନ କରି ପରୀକ୍ଷା ଦେବା ଓ ପରେ ସାର୍ଟିଫିକେଟ ଯୋଗାଇ ଦେବା ନାଁରେ ଛାତ୍ରଛାତ୍ରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକିଥିବା ରମାକାନ୍ତ ବେହେରାଙ୍କୁ ପୁଲିସ ଗିରଫ କରିଛି । ଧୋଡ୍ରା ଗାଁର ରମାକାନ୍ତ ବେହେରା, ଶ୍ରୀ ନାମକ ଏକ ବେସରକାରୀ ଶିକ୍ଷା ସଂସ୍ଥା କରି ଦୀର୍ଘ ୫ ବର୍ଷ ହେବ ଛାତ୍ରଛାତ୍ରୀଙ୍କ ଠାରୁ ଆନ୍ଧ୍ର ବି.ଇଡ଼ି ଆଡମିସନ ନାଆରେ ବର୍ଷକୁ ଲକ୍ଷାଧିକ ଟଙ୍କା ନେଇଥିଲେ । କିଛି ପିଲା ଏହି ସଂସ୍ଥା ଜରିଆରେ ନାମ ଲେଖାଇ ଆନ୍ଧ୍ରର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପରୀକ୍ଷା ଦେଇ କୃତକାର୍ଯ୍ୟ ମଧ୍ୟ ହୋଇଛନ୍ତି । ହେଲେ ଗତ ଦୁଇ ବର୍ଷ ହେବ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀ ସାର୍ଟିଫିକେଟ ପାଇନାହାନ୍ତି ।

# ରାୟଗଡ଼ା ହିଂସାକୁ ନେଇ ଭୁବନେଶ୍ୱରରେ ତାତି; ଆକ୍ସନ୍ ପାଇଁ ଉଇଡ ଓ ମହିଳା କମିସନ୍ ତତ୍ପର



ରାୟଗଡ଼ା ଭିଡ଼ ହିଂସାକୁ ନେଇ ସାରାଦେଶରେ ନିନ୍ଦିତ ହୋଇଛି ଓଡ଼ିଶା । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଓଡ଼ିଶା ମୁଣ୍ଡରେ ଲାଗିଛି ଅପବାଦର ଟିକା । ଗିରଫଦାରୀ ସଂଖ୍ୟା ବଢୁଥିବାରୁ କଲ୍ୟାଣସିଂହପୁରର ଇନ୍ତାଳଗୁଡା ଗାଁ ପୁରୁଷ ଶୂନ୍ୟ ହୋଇଛି । ଏପଟେ ମାମଲାକୁ ରେଡଫ୍ଲାଗ୍ ଅନ୍ତର୍ଭୁକ୍ତ କରି ତନାଘନା ଆରମ୍ଭ କରିଛି ପୁଲିସ୍ । ମହିଳା କମିସନ ଘଟଣାକୁ ଅଧ୍ୟକ୍ଷା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି । ପୀଡିତା ଯୁବତୀଙ୍କ ବୟାନ ରେକର୍ଡ ହୋଇଛି । ଏପଟେ ତେଜିଛି ରାଜନୀତି । ରାୟଗଡ଼ା କଲ୍ୟାଣସିଂହପୁରରେ ଲଜ୍ଜାଜନକ ଘଟଣା ଘଟିବାର ପାଞ୍ଚ ଦିନ ପରେ ରାଜଧାନୀ ଭୁବନେଶ୍ୱରରେ ଅନୁଭୂତ ହୋଇଛି ତାତି । ପୁଲିସ୍ ଡିଜିଙ୍କ ନିର୍ଦ୍ଦେଶରେ ମାମଲା ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ ହେବା ପରେ କ୍ରାଇମ୍ ଏଗେନେଷ୍ଟ ଓମେନ୍ ୱିଙ୍ଗ୍ ତତ୍ପର ହୋଇଛି । ଏଡିଜି ସାଇନି ଏସ୍?ଙ୍କ ତତ୍ତ୍ୱାବଧାନରେ ଗଠନ ହୋଇଛି ସ୍ୱତନ୍ତ୍ର ଟିମ୍ । ଏହି ଟିମ୍ ରାୟଗଡ଼ା ଏସ୍‌ପିଙ୍କ ଠାରୁ ଭିଡ଼ ହିଂସାର ଫାଇଲ୍? ସଂଗ୍ରହ କରିଛି । ମାମଲାର ତଦନ୍ତକୁ ଆହୁରି ଜୋରଦାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦିଲ୍ଲୀରେ ଥିବା ପୀଡ଼ିତା ଯୁବତୀଙ୍କ ବୟାନ ରେକର୍ଡ କରାଯାଇଛି । ଏହି ଅମାନୁଷିକ ଘଟଣାର ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦେଇଛନ୍ତି ପ୍ରତିଶ୍ରୁତି ।

ଘଟଣାକୁ ନିନ୍ଦା କରିବା ସହ ୬୦ଦିନରେ ମାମଲାର ଚାର୍ଜସିଟ୍ ପାଇଁ ଦାଖଲ କରିବାକୁ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମହିଳା କମିସନ । ପୀଡ଼ିତାଙ୍କ ସହ କଥା ହୋଇ ବୟାନ ରେକର୍ଡ କରିଛନ୍ତି । ମାଡ଼ ମାରି ଭିଡିଓ ଭାଇରାଲ କରିଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆକ୍ସନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଉଦ୍ଧାର କରିଥିବା ଯୁବକ ବଳରାମଙ୍କୁ ପ୍ରଶଂସା କରିଛନ୍ତି । ଏପର୍ଯ୍ୟନ୍ତ ନୃଶଂସତାର ସୀମା ଟପିଥିବା ୨୧ ଅଭିଯୁକ୍ତଙ୍କୁ ବାନ୍ଧିଛି ପୁଲିସ୍ । ଆଉ କିଛି ଅଭିଯୁକ୍ତଙ୍କୁ ଚାଲିଛି ପଚରାଉଚୁରା । ଫେରାର ଥିବା ଅନ୍ୟମାନଙ୍କ ଧରିବାକୁ ଜାରି ରହିଛି ଚଢ଼ାଉ । ଯାହାଫଳରେ ପୁରୁଷଶୂନ୍ୟ ହୋଇଛି ରାୟଗଡ଼ାର ଇନ୍ତାଳଗୁଡ଼ା ଗାଁ । ସ୍ଥାନୀୟ ଲୋକଙ୍କୁ ଘାରିଛି ଗିରଫଦାରୀ ଭୟ । ଜୁନ୍ ୧୭ ତାରିଖରେ କଲ୍ୟାଣସିଂହପୁରରେ ସୀମା ଟପି ଯାଇଥିଲେ କିଛି ଦୁର୍ବୃତ୍ତ । ପିଲା ଚୋରି ଗୁଜବରୁ ଜଣେ ଛାତ୍ରୀ ଓ ତାଙ୍କ ବନ୍ଧୁଙ୍କୁ ଅକଥନୀୟ ନିର୍ଯାତନା ଦେଇଥିଲେ । ମାଡ଼ ମାରିବା ସହ ବିବସ୍ତ୍ର କରିବାର ଭିଡିଓ ଭାଇରାଲ ପରେ ଘଟଣାକୁ ଚାରିଆଡୁ ନିନ୍ଦା କରାଯାଇଥିଲା । ସେହିପରି ସମ୍ବଲପୁର ସହରରୁ ମଧ୍ୟ ସମାନ ଚିତ୍ର ସାମ୍ନାକୁ ଆସିଛି । ଜଣେ ପ୍ରବାସୀ ଶ୍ରମିକଙ୍କୁ ପିଲା ଚୋର ଭାବି ଆକ୍ରମଣ କରିଛନ୍ତି ବଡ଼ବଜାର ଅଞ୍ଚଳର କିଛି ଲୋକ । ପ୍ରବାସୀ ଶ୍ରମିକ କେରଳର ବିଷ୍ଣୁ କୈସ ହୋଇଥିବା ଜଣାପଡ଼ିଛି । ଠିକ ସମୟରେ ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିବାରୁ ତାଙ୍କ ଜୀବନ ବଞ୍ଚିଯାଇଛି । ଘଟଣା ସମୟର ଅନେକ ଭିଡିଓ ଭାଇରାଲ ହୋଇଥିଲା । ଭାଇରାଲ ଭିଡିଓକୁ ଆଧାର କରି ୩ ଜଣଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି ।

# କୋଚିଂ ସେଣ୍ଟରରେ ଭୟଙ୍କର ଅଗ୍ନିକାଣ୍ଡ ଲିଭିଗଲା ୧୫ ନିରୀହ ଛାତ୍ରଛାତ୍ରୀଙ୍କ ଜୀବନ ଦୀପ

ଲକ୍ଷ୍ନୌ: ଲକ୍ଷ୍ନୌରେ ଭୟାବହ ଅଗ୍ନିକାଣ୍ଡ । ୧୪ ଜଣଙ୍କ ମୃତ୍ୟୁ ହୋଇଛି, ଏକାଧିକ ଗୁରୁତର । ଲକ୍ଷ୍ନୌର ଆଲିଗଞ୍ଜ ସ୍ଥିତ ଏକ 'ଲାଇବ୍ରେରୀ କମ୍ ଗେମିଂ ଜୋନ୍' ବିଲ୍ଡିଂ ରେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ପ୍ରଚଣ୍ଡ ଅଗ୍ନିକାଣ୍ଡ ଯୋଗୁ ବିଲ୍ଡିଂରେ ଥିବା ଲୋକ ହଠାତ ବାହାରକୁ ବାହାରିବା ମୁସ୍କିଲ୍ ହୋଇ ପଡ଼ିଥିଲା । ଫଳରେ ପ୍ରଚଣ୍ଡ କଳାଧୂଆଁରେ ଅଣନିଶ୍ୱାସୀ ହୋଇ ମୃତାହତ ବୃଦ୍ଧି ପାଇଥିବା ଜଣାପଡ଼ିଛି । ଉଦ୍ଧାର କାର୍ଯ୍ୟ ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି। ଏହି ବିଲ୍ଡିଂ ଭିତରେ ଏକ ଲାଇବ୍ରେରୀ, କମ୍ପୁଟର୍ ଶିକ୍ଷା କେନ୍ଦ୍ର ଓ ଗେମିଂ ଜୋନ୍ ଚାଲୁଥିଲା । ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଭିତରେ ଫସି ରହିଥିବା ଅନେକ ପିଲା ନିଜ ଜୀବନ ବଞ୍ଚାଇବା ପାଇଁ ପ୍ରଥମ ମହଲାରୁ ତଳକୁ ଡେଇଁପଡ଼ିଥିଲେ। ଫଳରେ ସେମାନେ ଗୁରୁତର ଆହତ ହୋଇଛନ୍ତି । ଘଟଣାସ୍ଥଳରେ ୬ରୁ ଅଧିକ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରାୟ ୫ରୁ ୬ ଜଣଙ୍କୁ



ପ୍ରାରମ୍ଭିକ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଅପରପକ୍ଷେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରିବା ସହ ଅଗ୍ନିକାଣ୍ଡର ଯାଞ୍ଚ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ସେପଟେ ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜାଣିବା ପାଇଁ ଏବଂ ବିଲ୍ଡିଂର ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ କୌଣସି ତ୍ରୁଟି ଥିଲା କି ନାହିଁ ତାର ଯାଞ୍ଚ ଜାରି ରହିଛି ।

ଲକ୍ଷ୍ନୌ ଆଲିଗଞ୍ଜ ଅଞ୍ଚଳର ଭୟାବହ ଅଗ୍ନିକାଣ୍ଡ ପୂରା ଦେଶକୁ ସ୍ତବ୍ଧ କରିଦେଇଛି । ତେବେ ଏତେ ବଡ଼ ଦୁର୍ଘଟଣା ପଛର ପ୍ରକୃତ କାରଣ କଣ ? ତାକୁ ନେଇ ଏବେ ସବୁଠି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଶାସନ ପକ୍ଷରୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଥିବା ବେଳେ ପ୍ରାଥମିକ ସୂଚନା ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଅନୁଯାୟୀ, ଏହି ବଡ଼ ବିପତ୍ତି ପଛରେ ଅନେକ ସୁରକ୍ଷାଗତ ତ୍ରୁଟି ଏବଂ ବେପରୁଆ ମନୋଭାବ ଲୁଚି ରହିଥିବା ଆଶଙ୍କା କରାଯାଉଛି । ଅଗ୍ନିକାଣ୍ଡର ସଠିକ୍ କାରଣ ଏପର୍ଯ୍ୟନ୍ତ ସରକାରୀ ଭାବେ ସ୍ପଷ୍ଟ ହୋଇନାହିଁ। କିନ୍ତୁ ପ୍ରତ୍ୟକ୍ଷଦର୍ଶୀ ଏବଂ ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ବିଲ୍ଡିଂ ମଧ୍ୟରେ କୌଣସି ବୈଦ୍ୟୁତିକ ସ୍ପାର୍କ ବା ସର୍ଟ ସର୍କିଟ୍ ଯୋଗୁଁ ହିଁ ପ୍ରଥମେ ନିଆଁ ସୂତ୍ରପାତ ହୋଇଥିଲା । ଯାହା ପରେ ଉଗ୍ର ରୂପ ଧାରଣ କରିଥିଲା । ଏହି ବିଲ୍ଡିଂରେ କୋଚିଂ ସେଣ୍ଟର ସହ କମ୍ପ୍ୟୁଟର ଲ୍ୟାବ୍, ଗେମିଂ ଜୋନ୍ ଏବଂ ବହୁ ସଂଖ୍ୟାରେ ଏସି ଚାଲୁଥିଲା । ମେସିନ୍ ଏବଂ ହାଇ-ପାୱାର୍ ବ୍ୟବହାର ଯୋଗୁଁ ତାର ଉପରେ ଅତ୍ୟଧିକ ଚାପ ପଡ଼ିଥିଲା । ଖରାପ ରକ୍ଷଣାବେକ୍ଷଣ ଏବଂ ଦୁର୍ବଳ ୱାୟାରିଂ ଏହାର ମୁଖ୍ୟ କାରଣ ହୋଇପାରେ । ଅଧିକାଂଶ କମର୍ସିଆଲ୍ ବିଲ୍ଡିଂ ଭଳି ଏଠାରେ ମଧ୍ୟ ଜରୁରୀକାଳୀନ ପରିସ୍ଥିତି ପାଇଁ କୌଣସି 'ଫାୟାର୍ ଏକ୍ଜିଟ୍' ନଥିଲା । ପର୍ଯ୍ୟାପ୍ତ ଅଗ୍ନିଶମ ସରଞ୍ଜାମ ନଥିବା ବେଳେ ସିଡ଼ି ଘର ଗୁଡ଼ିକ ଅଣଓସାରିଆ ଓ ଜାମ ରହିଥିଲା । ଏଥିସହ କ୍ଷମତା ଠାରୁ ଅଧିକ ପିଲାଙ୍କୁ ଏକାଠି ବସାଇବା ଯୋଗୁଁ ସ୍ଥିତି ଅଣାୟତ୍ତ ହୋଇଥିଲା । ବିଲ୍ଡିଂ ଭିତରେ ବହୁ ପରିମାଣରେ ପରଦା, କାଠ ଆସବାବପତ୍ର, ବହି-ପତ୍ର, କାଗଜ ଏବଂ ଗେମିଂ ଜୋନର ପ୍ଲାଷ୍ଟିକ୍ ସରଞ୍ଜାମ ରହିଥିଲା । ଯାହା ନିଆଁକୁ ଅତି ଶୀଘ୍ର ଉପର ମହଲାକୁ ବ୍ୟାପିବାରେ ଇନ୍ଧନ ସଦୃଶ କାମ କରିଥିଲା । କୋଠାଟି ପୁରୁଣା ଶୈଳୀର ହୋଇଥିବା ବେଳେ ଏହାର ଆଖପାଖ ରାସ୍ତା ସଂକୀର୍ଣ୍ଣ ଥିଲା । ଫଳରେ ଦମକଳ ଗାଡ଼ି ଠିକ୍ ସମୟରେ ପହଞ୍ଚିବା ଓ ଉଦ୍ଧାର କାର୍ଯ୍ୟ କରିବାରେ ବେଶ୍ ବାଧା ସୃଷ୍ଟି ହୋଇଥିଲା । ଉତ୍ତରପ୍ରଦେଶରେ ଏଭଳି ଦୁର୍ଘଟଣା ପରେ ବାରମ୍ବାର 'ଫାୟାର୍ ସେଫ୍ଟି ଗାଇଡଲାଇନ' କଡ଼ାକଡ଼ି କରିବାକୁ ଦାବି ହେଉଥିଲେ ମଧ୍ୟ କୋଠା ମାଲିକ ଓ ସଂସ୍ଥା ଚଳାଉଥିବା ଲୋକଙ୍କ ବେପରୁଆ ନୀତି ଯୋଗୁଁ ଆଜି ପୁଣି ୧୫ ଜଣ ନିରୀହ ଛାତ୍ରଛାତ୍ରୀଙ୍କ ଜୀବନ ଦୀପ ଲିଭିଯାଇଛି । ବର୍ତ୍ତମାନ ପୋଲିସ ସୁରକ୍ଷା ନିୟମର ଅବହେଳା ଦିଗକୁ ନେଇ ତଦନ୍ତ ଚଳାଇଛି ।

## ଶୁଭେନ୍ଦୁ ସରକାରଙ୍କ ବଜେଟ ଘୋଷଣା, ବଢ଼ିଲା ମହଙ୍ଗା ଭତ୍ତା, ମହିଳାଙ୍କୁ ମାଗଣା ବସ୍ ସେବା, ୧ ଲକ୍ଷ ଚାକିରି ସୁଯୋଗ

କୋଲକତା : ପଶ୍ଚିମବଙ୍ଗରେ ଶୁଭେନ୍ଦୁ ସରକାର ଆଜି ବିଧାନସଭାରେ ନିଜର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ ବଜେଟ୍ ଅଭିଭାଷଣରେ କହିଛନ୍ତି ଯେ, ସରକାରଙ୍କ ମୂଳ ଲକ୍ଷ୍ୟ ହେଉଛି 'ବିକଶିତ ଭାରତ ଏବଂ ବିକଶିତ ବଙ୍ଗଳା' । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ସରକାରଙ୍କ ପକ୍ଷରୁ ଅର୍ଥମନ୍ତ୍ରୀ ସ୍ୱପନ ଦାସଗୁପ୍ତା ଏହି ବଜେଟ୍ ଉପସ୍ଥାପନ କରିଛନ୍ତି । ରାଜ୍ୟର ଆର୍ଥିକ ବିକାଶ ଓ ଜନକଲ୍ୟାଣକୁ ଦୃଷ୍ଟିରେ ରଖି ଏହି ବଜେଟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି । ରାଜ୍ୟ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ମହଙ୍ଗା ଭତ୍ତାରେ ୨୦%ର ବୃଦ୍ଧି କରାଯାଇଛି । ଏକ ଲକ୍ଷ ଯୁବକଙ୍କୁ ଚାକିରି ସୁଯୋଗ ଏବଂ ୩୩ ପ୍ରତିଶତ ମହିଳାଙ୍କୁ ନିଯୁକ୍ତି ମିଳିବ । କୋଲକତାରେ ପୂର୍ବରୁ କର୍ମଚାରୀମାନଙ୍କୁ ୧୮% ଡିଏ ମିଳୁଥିବା ବେଳେ ଏହି ବୃଦ୍ଧି ପରେ ବର୍ତ୍ତମାନ ମୋଟ ଡିଏ ହାର ୩୮ ପ୍ରତିଶତରେ ପହଞ୍ଚିଛି । ଅର୍ଥମନ୍ତ୍ରୀଙ୍କ ଅନୁଯାୟୀ, ଏହି ନୂତନ ନିଷ୍ପତ୍ତି ୧ ଏପ୍ରିଲ ୨୦୨୬ ଠାରୁ ଲାଗୁ ହେବ, ଯାହା ଦ୍ୱାରା ଲକ୍ଷ ଲକ୍ଷ ସରକାରୀ କର୍ମଚାରୀ ଉପକୃତ ହେବେ । ରାଜ୍ୟରେ ବେକାରୀ ସମସ୍ୟାର ସମାଧାନ ପାଇଁ ସରକାର ୧ ଲକ୍ଷ ନୂତନ ସରକାରୀ ଚାକିରି ଯୋଗାଇଦେବାକୁ ଘୋଷଣା କରିଛନ୍ତି । ଏହି ନିଯୁକ୍ତି ପ୍ରକ୍ରିୟାରେ ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦିଆଯାଇ ୩୩% ପଦବୀ ମହିଳାମାନଙ୍କ ପାଇଁ ସଂରକ୍ଷିତ ରଖାଯିବ ବୋଲି ବଜେଟରେ କୁହାଯାଇଛି । ମହିଳାମାନଙ୍କ ଯାତାୟାତକୁ ସହଜ କରିବା ପାଇଁ ସରକାରୀ ବସରେ ମାଗଣା ଯାତ୍ରା ସୁବିଧା ଯୋଗାଇ ଦିଆଯିବ । ରାଜ୍ୟ ପରିବହନ ନିଗମର ବସ୍ କଣ୍ଡକ୍ଟରଙ୍କ ପାରିଶ୍ରମିକ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି । ଏଥିପାଇଁ ୫୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଏହି ସୁବିଧା ଦେବା ପାଇଁ ସରକାର ପିଙ୍କ କାର୍ଡ ଜାରି କରିଛନ୍ତି । ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଏବଂ ଜରୁରୀକାଳୀନ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ଏକ ସମନ୍ୱିତ ହେଲ୍ପଲାଇନ ସେବା 'ଡାଏଲ ୧୧୨' ଆରମ୍ଭ କରାଯିବ। ସାମ୍ବାଦିକଙ୍କ ପାଇଁ ମାସକୁ ୫୦୦୦ ଟଙ୍କା ପେନସନ୍ ଘୋଷଣା କରିଛନ୍ତି । ଏହି ନିଷ୍ପତ୍ତି ଦ୍ୱାରା ଲକ୍ଷ ଲକ୍ଷ କର୍ମଚାରୀ, ପେନସନଭୋଗୀ ଲାଭ ଉଠାଇପାରିବେ ।

## ବ୍ରିଟେନ ରାଜନୀତିରେ ବଡ଼ ହଲଚଲ, ୟୁକେ ପ୍ରଧାନମନ୍ତ୍ରୀ କିର୍ ଷ୍ଟାରମରଙ୍କ ଇସ୍ତଫା

ନୂଆଦିଲ୍ଲୀ : ୟୁକେ ପ୍ରଧାନମନ୍ତ୍ରୀ କିର୍ ଷ୍ଟାରମର ନିଜ ପଦରୁ ଇସ୍ତଫା ଘୋଷଣା କରିଛନ୍ତି । ନୂଆ ପ୍ରଧାନମନ୍ତ୍ରୀ ନାମ ଘୋଷଣା ହେବା ଯାଏଁ କିର୍ ଷ୍ଟାରମର କାର୍ଯ୍ୟନିର୍ବାହୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବେ । ସରକାର ଓ ଦଳର ସ୍ଥିତିକୁ ସୁଧାରିବା ପାଇଁ ଏକ ନୂଆ ନେତୃତ୍ୱକୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ତାଙ୍କ ଉପରେ କ୍ରମାଗତ ଭାବେ ଚାପ ବଢୁଥିଲା, ଯାହା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି । ଜୁଲାଇ ୨୦୨୪ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ କିର୍ ଷ୍ଟାରମର ଲେବର ପାର୍ଟିକୁ ବିପୁଳ ବିଜୟ ଦେଇ ପ୍ରଧାନମନ୍ତ୍ରୀ ହୋଇଥିଲେ । ମାତ୍ର ବିଗତ ଦୁଇ ବର୍ଷ ମଧ୍ୟରେ ତାଙ୍କର ଏବଂ ପାର୍ଟିର ଲୋକପ୍ରିୟତା ହ୍ରାସ ପାଇବାରେ ଲାଗିଛି । ଗତ ୧୦ ବର୍ଷ ଭିତରେ କିର୍ ଷ୍ଟାରମର ୬ଷ୍ଠ ପ୍ରଧାନମନ୍ତ୍ରୀ, ଯିଏ ପଦ ଛାଡୁଛନ୍ତି । ଦେଶର ବିଭିନ୍ନ ସମସ୍ୟାର ସମାଧାନ କରିବାରେ ବିଫଳତା ଏବଂ ଜନତାଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷ ଯୋଗୁଁ ସରକାରଙ୍କ ସ୍ଥିତି ଦୋହଲି ଯାଇଥିଲା । ଶେଷରେ ଏଭଳି ନିଷ୍ପତ୍ତି ନେଇଛନ୍ତି ବ୍ରିଟେନ ପ୍ରଧାନମନ୍ତ୍ରୀ । କିର୍ ଷ୍ଟାରମରଙ୍କ ଏହି ଇସ୍ତଫା ବ୍ରିଟେନ ରାଜନୀତିରେ ଅସ୍ଥିରତାକୁ ସାମ୍ନାକୁ ଆଣିଛି । ଷ୍ଟାରମର କହିଛନ୍ତି, ଏବେ ମୋ ପାର୍ଟି ପ୍ରଶ୍ନ ପଚାରୁଛି, କ'ଣ ମୁଁ ଆଗାମୀ ସାଧାରଣ ନିର୍ବାଚନରେ ପାର୍ଟିର ନେତୃତ୍ୱ କରିବା ପାଇଁ ସଠିକ୍ ବ୍ୟକ୍ତି ? ମୁଁ ଏହି ପ୍ରଶ୍ନକୁ ନେଇ ସଂସଦୀୟ ପାର୍ଟିର ଜବାବ ଶୁଣିଛି ଏବଂ ଏହି ଉତ୍ତରକୁ ସମ୍ମାନର ସହିତ ସ୍ୱୀକାର କରୁଛି ।

## ପାଣି ପାଇଁ ବିଳିବିଳାଉଛି ପାକିସ୍ତାନ, ଭାରତ ବିରୋଧରେ ଯୁଦ୍ଧ କରିବାକୁ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କ ଧମକ

ନୂଆଦିଲ୍ଲୀ : ଦରକାର ହେଲେ ଆମେ ଭାରତ ବିରୋଧରେ ଯୁଦ୍ଧ କରିବୁ, ବିଲାୱାଲଙ୍କ ପରେ ବିଳିବିଳେଇଲେ ଖ୍ୱାଜା। ବିଲାୱାଲ୍ ଭୁଟ୍ଟୋଙ୍କ ପରେ ଏବେ ବିଳେଇଛନ୍ତି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ । ବିଶ୍ୱ ମଞ୍ଚରେ ବେଜିତ୍ ହେଉଛି । ଜାତିସଂଘରେ ଭାରତ ଭର୍ତ୍ସନା କରୁଛି, ତଥାପି ସୁଧୁରୁନି ପାକିସ୍ତାନ । ଚେତିବା ବଦଳରେ ଓଲଟା ଭାରତକୁ ଧମକ ଦେଉଛି। ସିନ୍ଧୁ ଜଳ ଚୁକ୍ତିକୁ ନେଇ ଭାରତ ବିରୋଧରେ ଯୁଦ୍ଧ କରିବେ ବୋଲି ଚେତାବନୀ ଦେଇଛନ୍ତି ଖ୍ୱାଜା ଆସିଫ୍ ।



ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ୧୯୬୦ର ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଛି । ଏହି ପ୍ରସଙ୍ଗରେ ଜାତିସଂଘ ସମେତ ଅନେକ ଅନ୍ତର୍ଜାତୀୟ ମଞ୍ଚରେ ଉଠାଇଛି ପାକିସ୍ତାନ । ସିନ୍ଧୁ ଜଳ ବନ୍ଦ ହେବାରୁ ପ୍ରଥମେ ପାକିସ୍ତାନ ପିପୁଲ୍ସ ପାର୍ଟିର ମୁଖ୍ୟ ବିଲାୱଲ ଭୁଟ୍ଟୋ ଭାରତକୁ ଯୁଦ୍ଧ ଧମକ ଦେଇଥିଲେ। ଏବେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଭାରତକୁ ଯୁଦ୍ଧ ଧମକ ଦେଇଛନ୍ତି । ଖ୍ୱାଜା ଆସିଫଙ୍କ ଏହି ବୟାନ ଏପରି ସମୟରେ ଆସିଛି, ଯେତେବେଳେ ପାକିସ୍ତାନ ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେଉଛି ।

## ଲକ୍ଷ୍ନୌର କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ଘଟଣା ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀଙ୍କ ସହାୟତା ରାଶି ଘୋଷଣା

ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌର ଅଲିଗଞ୍ଜ ଅଞ୍ଚଳରେ ଥିବା ଏକ କୋଚିଂ ସେଣ୍ଟରରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଲୋକ ଏବେ ବି ଭିତରେ ଫସି ରହିଥିବା ଆଶଙ୍କା କରାଯାଉଛି । ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାର ପାଇଁ ୨-୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ପାଇଁ ୫୦-୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଏଥିସହ ସେ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଏହି ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୫-୫ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି ।

ଏହି ଅଗ୍ନିକାଣ୍ଡରେ ଜୀବନ ହରାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ସୁଖମଣି ନାମକ ଜଣେ ମହିଳା ଅଛନ୍ତି, ଯାହାଙ୍କର ଅଫିସ ସେହି ବିଲଡିଂରେ ଥିଲା । ସୂଚନା ଅନୁଯାୟୀ, ଅଫିସର ଗେଟ୍ ବାୟୋମେଟ୍ରିକ (ଥମ୍ବ ଇମ୍ପ୍ରେସନ) ଦ୍ୱାରା ଖୋଲୁଥିଲା, କିନ୍ତୁ ନିଆଁ ଲାଗିବା କାରଣରୁ ଗେଟ୍‌ଟି ସ୍ୱୟଂଚାଳିତ ଭାବେ ଲକ୍ ହୋଇଯାଇଥିଲା, ଯାହା ଫଳରେ ଲୋକମାନେ ଭିତରେ ଫସି ରହିଯାଇଥିଲେ । ସୂତ୍ର ଅନୁସାରେ, ଯେଉଁ ଜମିରେ ଏହି ବିଲଡିଂଟି ନିର୍ମିତ ହୋଇଛି ତାହା ବୀରେନ୍ଦ୍ର ଶୁକ୍ଲାଙ୍କ ନାମରେ ରହିଛି ଏବଂ ବିଲଡିଂର ନକ୍ସା ସୁରେନ୍ଦ୍ର ଶୁକ୍ଲା ଓ ଧୀରେନ୍ଦ୍ର ଶୁକ୍ଲାଙ୍କ ନାମରେ ପାସ୍ ହୋଇଛି। ବୀରେନ୍ଦ୍ର ଶୁକ୍ଲା ରାମେଶ୍ୱରମ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ମାଲିକ ବୋଲି ଜଣାପଡିଛି । ବିଲଡିଂରେ କୌଣସି ଜରୁରୀକାଳୀନ ନିଷ୍କାସନ ଦ୍ୱାର ନଥିବା କାରଣରୁ ଏହି ଦୁର୍ଘଟଣାରେ ୧୫ ଜଣଙ୍କ ଜୀବନ ଯାଇଥିବା ପ୍ରାଥମିକ ସୂଚନାରୁ ଜଣାପଡିଛି ।

## ଲୋକେ ଛୁଟିରେ ଗଲେ ଘର ଜଗିବ ପୋଲିସ୍

ନୂଆଦିଲ୍ଲୀ : ଉତ୍ତର ପ୍ରଦେଶର ଗୋରଖପୁରରେ ବଢୁଥିବା ଚୋରି ସଂଖ୍ୟାକୁ ଦୃଷ୍ଟିରେ ରଖି, ପୋଲିସ ଏକ ନୂତନ ବ୍ୟବସ୍ଥା ଆରମ୍ଭ କରିଛି। ଗତ କିଛି ଦିନ ମଧ୍ୟରେ ଅନେକ ମାମଲା ସାମ୍ନାକୁ ଆସିଛି ଯେଉଁଥିରେ ଚୋରମାନେ ଦୀର୍ଘ ସମୟ ଧରି ଖାଲି ପଡ଼ିଥିବା ଘରକୁ ଟାର୍ଗେଟ କରିଛନ୍ତି । ଏହି ଘଟଣାକୁ ଗମ୍ଭୀରତାର ସହ ନେଇ, ଗୋରଖପୁର ପୋଲିସ ଏବେ ଖାଲି ଘରଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ପୋଲିସର କହିବା ଅନୁଯାୟୀ, ଏହି ପଦ୍ଧତି ଅଞ୍ଚଳରେ ଲୁଟ ପାତକୁ ଯଥେଷ୍ଟ ହ୍ରାସ କରିବ । ନୂତନ ବ୍ୟବସ୍ଥା ଅନୁଯାୟୀ, ଯଦି କୌଣସି ପରିବାର ଛୁଟିଦିନ, ବିବାହ କିମ୍ବା ଅନ୍ୟ କୌଣସି କାରଣରୁ କିଛି ଦିନ ପାଇଁ ଘରୁ ବାହାରକୁ ଯାଉଛନ୍ତି, ତେବେ ସେମାନେ ସେମାନଙ୍କର ସମ୍ପୃକ୍ତ ପୋଲିସ ଷ୍ଟେସନ, କିମ୍ବା ବିଟ୍ କନଷ୍ଟେବଲଙ୍କୁ ସୂଚନା ଦେଇପାରିବେ । ସୂଚନା ପାଇବା ପରେ, ପୋଲିସ ଏପରି ଘରଗୁଡ଼ିକୁ ଏକ ସ୍ୱତନ୍ତ୍ର ୱାଚ୍ ଲିଷ୍ଟରେ ଯୋଡିବ ଏବଂ ପାଟ୍ରୋଲିଂ ସମୟରେ ସେମାନଙ୍କ ଉପରେ ନଜର ରଖିବ। ଏହି ପଦକ୍ଷେପର ଲକ୍ଷ୍ୟ ଚୋରି ରୋକିବା ଏବଂ ବାସିନ୍ଦାଙ୍କୁ ସୁରକ୍ଷା ଭାବନା ପ୍ରଦାନ କରିବା । ପୋଲିସର ସୂଚନା ଅନୁଯାୟୀ, ସାଧାରଣତଃ ଖାଲି ପଡିଥିବା ଘରକୁ ଚୋର ଟାର୍ଗେଟ୍ କରିଥାନ୍ତି । ଦୀର୍ଘ ସମୟ ଧରି ରେକି କରିବା ପରେ ସୁଯୋଗ ଦେଖି ସୁନା, ରୂପା ଗହଣା, ମୂଲ୍ୟବାନ ଜିନିଷ ଉଠାଇ ନେଇଥାନ୍ତି । ବିଗତ କିଛି ଦିନ ମଧ୍ୟରେ ସହରରେ ଘଟିଥିବା ଅନେକ ଚୋରି ଘଟଣାର ଯାଞ୍ଚରୁ ଏହି ପାଟର୍ନ ସାମ୍ନାକୁ ଆସିଛି । ସେହି ସମସ୍ୟାକୁ ଗମ୍ଭୀରତାର ସହ ଗ୍ରହଣ କରାଯାଇ ସମାଧାନ ଲାଗି ଜୁନ୍ ୧୬ରୁ ଏହି ଅଭିନବ ଅଭିଯାନ ଆରମ୍ଭ କରାଯାଇଛି । ଏଥିଲାଗି ପୋଲିସ ଟିମ୍ ସହରର ବିଭିନ୍ନ ଅଞ୍ଚଳରେ ଅଟୋ ଏବଂ ଇ-ରିକ୍ସାରେ ବୁଲି ବୁଲି ଲାଉଡସ୍ପିକର ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛି ।

## ଚିହ୍ନଟ ହୋଇଛି ସୁନାର ବିଶାଳ ଭଣ୍ଡାର ୪ ଜାଗାର ମାଟି ତଳେ ଅଛି ୫୦ ଟନ୍ ସୁନା

ନୂଆଦିଲ୍ଲୀ : ଦେଶ ପାଇଁ ଆସିଛି ଏକ ଖୁସିର ଖବର, ଭାରତ ମାଟିରୁ ମିଳିଛି ବିପୁଳ ପରିମାଣର ସୁନା। ଏବେ ବିଦେଶରୁ ଆଉ କୋଟି କୋଟି ଟଙ୍କାର ସୁନା ଆମଦାନୀ କରିବାକୁ ପଡ଼ିବନି କାରଣ ଭାରତରେ ମିଳିଛି ପ୍ରାୟ ୫୦ ଟନ୍ ସୁନାର ଏକ ବିଶାଳ ଭଣ୍ଡାର। ଆନ୍ଧ୍ରପ୍ରଦେଶର ୪ଟି ସ୍ଥାନରୁ ଏବେ ବାହାରିବ ହଜାର ହଜାର କୋଟି ଟଙ୍କାର ଚମକଦାର ସୁନା। ଆସନ୍ତା କିଛି ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶ ଦେଶର ସବୁଠାରୁ ବଡ଼ ସୁନା ଯୋଗାଣକାରୀ ରାଜ୍ୟ ହେବାକୁ ଯାଉଛି। ହଁ ଦର୍ଶକବନ୍ଧୁ ସାରା ବିଶ୍ୱରେ ସୁନାର ଚାହିଦା ବଢୁଥିବା ବେଳେ ଭାରତୀୟ ଭୂତତ୍ତ୍ୱ ବିଜ୍ଞାନୀଙ୍କୁ ମିଳିଛି ଏହି ବଡ଼ ସଫଳତା। ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ ଜିଲ୍ଲାର 'ଜୋନ୍ନାଗିରି' ଗାଁରେ ଏହି ବିପୁଳ ସୁନା ଭଣ୍ଡାର ଲୁଚି ରହିଛି । ଅଧିକାରୀଙ୍କ ସୂଚନା ଅନୁଯାୟୀ, କେବଳ ଏହି ଗୋଟିଏ ସ୍ଥାନରେ ପ୍ରାୟ ୫୦ ଟନ୍ ସୁନା ରହିଛି ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୭,୫୦୦ କୋଟିରୁ ୯,୦୦୦ କୋଟି ଟଙ୍କା ହେବ। ରାଜ୍ୟ ଖଣି ବିଭାଗର ପ୍ରଧାନ ସଚିବ ମୁକେଶ କୁମାର ମୀନାଙ୍କ କହିବା ଅନୁଯାୟୀ, କେବଳ ଜୋନ୍ନାଗିରି ନୁହେଁ ବରଂ ରାମାଗିରି, ଜବକୁଲା ଏବଂ ଚିଗୁରୁକୁଣ୍ଟା ବିସ୍ନାଟମ ଭଳି ଆଉ ଚାରୋଟି ସ୍ଥାନକୁ ମଧ୍ୟ ସୁନା ଖନନ ପାଇଁ ଚିହ୍ନଟ କରାଯାଇଛି । ଖୁବଶୀଘ୍ର ଏହି ମିନେରାଲ୍-ରିଚ୍ ଅଞ୍ଚଳଗୁଡ଼ିକରେ ସରକାର ଅଧିକ ସର୍ଭେ ଓ ବିକାଶମୂଳକ କାର୍ଯ୍ୟ ଆରମ୍ଭ କରିବେ। ଜୋନ୍ନାଗିରିର ପ୍ରାୟ ୧୫୦୦ ଏକର ଜମି ମଧ୍ୟରୁ ମାତ୍ର ୫୦୦ ଏକରରେ ପ୍ରାଥମିକ ଅନୁସନ୍ଧାନରୁ ୧୩ ଟନ୍ ସୁନା ମିଳିବାର ଆକଳନ କରାଯାଇଥିବା ବେଳେ ବାକି ୧୦୦୦ ଏକର ଜମିରେ ଖନନ ହେଲେ ଏହା ୫୦ ଟନ ଅତିକ୍ରମ କରିବ। ସୁନା ଖନନ ଏକ ଅତ୍ୟନ୍ତ ଜଟିଳ ଏବଂ ବ୍ୟୟବହୁଳ ପ୍ରକ୍ରିୟା। ବର୍ତ୍ତମାନର ଆଧୁନିକ ବେଗରେ ପ୍ରାୟ ଏକ ଟନ୍ କଞ୍ଚାମାଲ ବା ପଥରକୁ ପ୍ରୋସେସିଂ କଲେ ମାତ୍ର ୧ ଗ୍ରାମ ସୁନା ବାହାରିଥାଏ। ତେଣୁ ସରକାର ଟେଣ୍ଡର ମାଧ୍ୟମରେ ଘରୋଇ କମ୍ପାନିଗୁଡ଼ିକୁ ଏହି ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ଚଳିତ ଜୁନ୍ ମାସ ଶେଷ ସୁଦ୍ଧା ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଆନୁଷ୍ଠାନିକ ଭାବେ ଏହି ପ୍ରୋଜେକ୍ଟର ଶୁଭାରମ୍ଭ କରିବେ।

## ଟ୍ରମ୍ପଙ୍କ ଉପରେ ରାଗିଗଲେ ମେଲୋନି : କହିଦେଲେ ଏତେ ବଡ଼ କଥା,ମେଲୋନିଙ୍କୁ 'ପାଗଳ' ବୋଲି କହିଥିଲେ ଟ୍ରମ୍ପ

ବିଶ୍ୱ ରାଜନୀତିର ଜାତକରେ ଯୁଦ୍ଧର ଗ୍ରହ ଶାନ୍ତ ହୋଇନଥିବା ବେଳେ ଏବେ ପୁଣି ଆଉ ଏକ ଶନିଦଶା ପଡ଼ିଲା ପରି ଲାଗୁଛି । ଯାହା ଆମେରିକା ଏବଂ ଇଟାଲୀ ମଧ୍ୟରେ ରାଜନୈତିକ ତିକ୍ତତାକୁ ବଢ଼ାଇ ଦେଇଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୁଇ ବନ୍ଧୁ ଏବେ ମୁହାଁମୁହିଁ ହୋଇଛନ୍ତି । ଆମେ କହୁଛୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ମଧ୍ୟରେ ବାକଯୁଦ୍ଧ ବିଷୟରେ ଯାହା ଏବେ ଚରମ ସୀମାରେ ପହଞ୍ଚିଛି । ଶନିବାର ଟ୍ରମ୍ପ, ମେଲୋନିଙ୍କ ଉପରେ ପାଲଟା ଆକ୍ରମଣ କରି ଏକ ମିଥ୍ୟା କାହାଣୀ ଗଢ଼ିବା ଏବଂ ତାଙ୍କୁ ଭୁଲ୍ ଭାବେ ଚିତ୍ରିତ କରିଥିବା ଅଭିଯୋଗ ଆଣିଛନ୍ତି । ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍'ରେ ଏକ ପୋଷ୍ଟ କରି ଟ୍ରମ୍ପ ଦାବି କରିଛନ୍ତି ଯେ ଫ୍ରାନ୍ସରେ ଆୟୋଜିତ ଏ୭ ସମ୍ମିଳନୀ ଅବସରରେ ମେଲୋନି ତାଙ୍କ ସହ ଏକ ଫଟୋ ଉଠାଇବା ପାଇଁ 'ବାରମ୍ବାର' ଅନୁରୋଧ କରିଥିଲେ । ଟ୍ରମ୍ପ ଆହୁରି ମଧ୍ୟ କହିଛନ୍ତି ଯେ ଇଟାଲୀରେ ମେଲୋନିଙ୍କ କାର୍ଯ୍ୟଦକ୍ଷତା ବହୁତ ଖରାପ ରହିଛି ତେଣୁ ନିଜର ରେଟିଂ ବଢ଼ାଇବା ପାଇଁ ସେ ଏଭଳି ପନ୍ଥା ଆପଣାଉଛନ୍ତି ।



ତାଙ୍କ ଅଭିଯୋଗ ଏତିକିରେ ସରିନାହିଁ; ଟ୍ରମ୍ପ କହିଛନ୍ତି ଯେ ଇରାନକୁ ପରମାଣୁ ଅସ୍ତ୍ର ନିର୍ମାଣରୁ ରୋକିବା ପାଇଁ ଆମେରିକା ଚଳାଇଥିବା ଲଢ଼େଇରେ ଇଟାଲୀ ସହଯୋଗ କରିନାହିଁ । ମେଲୋନି ଆମେରିକା ସେନାକୁ ଇଟାଲୀର ଲ୍ୟାଣ୍ଡିଂ ଷ୍ଟ୍ରିପ୍ସ ବା ରନୱେ ବ୍ୟବହାର କରିବାକୁ ମଧ୍ୟ ଦେଇନାହାନ୍ତି, ଯାହାକି ଲଜିଷ୍ଟିକାଲ୍ ଭାବେ ଏକ ବଡ଼ ସମସ୍ୟା ଥିଲା । ଟ୍ରମ୍ପଙ୍କ ମତରେ, ଆମେରିକା ପ୍ରତିବର୍ଷ ନାଟୋ ସହଯୋଗୀଙ୍କ ସୁରକ୍ଷା ପାଇଁ ଶହ ଶହ ବିଲିୟନ ଡଲାର ଖର୍ଚ୍ଚ କରୁଥିବା ବେଳେ ଇଟାଲୀର ଏଭଳି ଆଭିମୁଖ୍ୟ ଆଦୌ ଗ୍ରହଣୀୟ ନୁହେଁ । ଟ୍ରମ୍ପ କହିଛନ୍ତି ଯେ'ମେଲୋନି ମୋ ସହ ଫଟୋ ଉଠାଇବାକୁ ପାଗଳ ଥିଲେ । ମୁଁ ସାଧାରଣତଃ ଫଟୋ ଉଠାଏ ନାହିଁ କିନ୍ତୁ ମତେ ତାଙ୍କ ପାଇଁ ଦୁଃଖ ଲାଗିଲା ।' ଅନ୍ୟପକ୍ଷରେ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ମଧ୍ୟ ଟ୍ରମ୍ପଙ୍କୁ ମୁହଁଭଙ୍ଗା ଜବାବ ଦେଇଛନ୍ତି । ସେ ଟ୍ରମ୍ପଙ୍କ ଏହି ଦାବିକୁ 'ସମ୍ପୂର୍ଣ୍ଣ ମନଗଢ଼ା କାହାଣୀ' ବୋଲି କହିବା ସହ ଟ୍ରୁଥ୍ ପୋଷ୍ଟର ପାଲଟା ଜବାବ ଇନଷ୍ଟାଗ୍ରାମରେ ଦେଇଛନ୍ତି । ସେ କହିଛନ୍ତି ''ରାଷ୍ଟ୍ରପତି ଟ୍ରମ୍ପ, ଆମେରିକାର ସହଯୋଗୀ ଦେଶ ଉପରେ ଏଭଳି କ୍ରମାଗତ ଏବଂ ଅଯଥା ଆକ୍ରମଣର କୌଣସି ମାନେ ନାହିଁ । ମୋର ଲୋକପ୍ରିୟତା ଆପଣଙ୍କ ବନ୍ଧୁ ହେବା ଉପରେ ନିର୍ଭର କରେନାହିଁ ବରଂ ଇଟାଲୀର ଜାତୀୟ ସ୍ୱାର୍ଥ ରକ୍ଷା କରିବା ମୋର ଦାୟିତ୍ୱ । ଇଟାଲୀ ଏକ ସାର୍ବଭୌମ ରାଷ୍ଟ୍ର ଏବଂ ଏଠାରେ ଥିବା ଆମେରିକୀୟ ମିଲିଟାରୀ ବେସ୍ ଚୁକ୍ତି ଅନୁସାରେ ଚାଲିବ, ଏହାର ଉଲ୍ଲଂଘନ ହୋଇପାରିବ ନାହିଁ ।'

# ପରାଜୟ ପରେ ବଢ଼ିଲା ଟିମ୍ ଇଣ୍ଡିଆ ସମସ୍ୟା

ନୂଆଦିଲ୍ଲୀ,୨୨/୦୬: ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପରେ ବିଜୟରୁ ଅଭିଯାନ ଆରମ୍ଭ କରିଥିଲା ଭାରତ । ଚିର ପ୍ରତିଦ୍ୱନ୍ଦୀ ପାକିସ୍ତାନକୁ ମାତ ଦେବା ପରେ ନେଦରଲ୍ୟାଣ୍ଡସକୁ ହରାଇଥିଲା । ତୃତୀୟ ମ୍ୟାଚରେ ଅସଲ ପରୀକ୍ଷାରେ ବିଫଳ ହୋଇଛି ଟିମ୍ ଇଣ୍ଡିଆ । ଚଳିତ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଭାରତର ବିଜୟଧାରାରେ ବ୍ରେକ୍ ଲଗାଇଛି ଦକ୍ଷିଣ ଆଫ୍ରିକା । ରବିବାର ଅନୁଷ୍ଠିତ ଗ୍ରୁପ୍-୧ର ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୬ ୱିକେଟ୍‌ରେ ବିଜୟ ହାସଲ କରିଛି । ଏହି ବିଜୟ ସହ ଦଳ ପଏଣ୍ଟ ତାଲିକାରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି । ଆସନ୍ତା ୨୫ ତାରିଖରେ ବାଂଲାଦେଶ ବିପକ୍ଷରେ ଖେଳିବ ।



ଦକ୍ଷିଣ ଆଫ୍ରିକା ୩ଟି ମ୍ୟାଚ୍ ଖେଳି ୪ପଏଣ୍ଟ ପାଇଛି । ଭାରତ ସମାନ ସଂଖ୍ୟକ ପଏଣ୍ଟ ପାଇଥିଲେ ହେଁ ଉନ୍ନତ ନେଟ୍ ରନରେଟ୍‌ରେ ଦ୍ୱିତୀୟ ସ୍ଥାନରେ ରହିଛି । ଟସ୍ ଜିତି ଭାରତ ବ୍ୟାଟିଂ କରି ୭ ୱିକେଟ୍ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସ୍ମୃତି ମନ୍ଧନା ୧୭, ଶେଫାଳି ବର୍ମା ୩୧ (୪ଚୌକା, ୧ଛକା), ଯଷ୍ଟିକା ଭାଟିଆ ୧୫, ଜେମିମା ରୋଡ୍ରିଗ୍ସ ୧୨, ଅଧିନାୟିକା ହର୍ମନପ୍ରୀତ କୌର ୨୪, ଦୀପ୍ତି ଶର୍ମା ୨୯, ରିଚା ଘୋଷ ୧୫ରନ୍ କରିଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ମାରିଜନେ କାପ୍ ଓ ସବନିମ୍ ଇସମାଇଲ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ୧୫୯ରନ୍ ବିଜୟ ଲକ୍ଷ୍ୟର ପିଛା କରି ଦକ୍ଷିଣ ଆଫ୍ରିକା ୪ଟି ବଲ୍ ବାକି ଥାଇ ୪ ୱିକେଟ୍ ବିନିମୟରେ ବିଜୟ ହାସଲ କରିଥିଲା । ଅଧିନାୟିକା ଲୌରା ଉଲଭାର୍ଟ ୨୦, ତଜମିନ୍ ବ୍ରିଟ୍ସ ୪୦, କାପ୍ ୪୫ବଲ୍‌ରେ ଅପରାଜିତ ୮୧ (୭ଚୌକା, ୪ଛକା) ରନ୍ କରିଥିଲେ । ଭାରତ ପକ୍ଷରୁ ଶ୍ରୀ ଚରଣୀ ୩ଟି ୱିକେଟ୍ ନେଇଥିଲେ ।

ହରମନପ୍ରୀତଙ୍କ କୀର୍ତ୍ତିମାନ- ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ଭାରତୀୟ ଅଧିନାୟିକା ହରମନ୍‌ପ୍ରୀତ କୌର ଏକ ରେକର୍ଡ ନିଜ ନାମରେ ଲେଖାଇଥିଲେ । ସେ ପ୍ରଥମ ଖେଳାଳି ଭାବେ ୨୦୦ ଟି-ଟ୍ୱେଣ୍ଟି ମ୍ୟାଚ୍ ପୂରଣ କରିଥିଲେ । ମ୍ୟାଚ୍ ପୂର୍ବରୁ ବିସିସିଆଇ ପକ୍ଷରୁ ତାଙ୍କୁ ସ୍ୱତନ୍ତ୍ର ଜର୍ସି ଓ କ୍ୟାପ୍ ପ୍ରଦାନ କରାଯାଇଥିଲା ।

# ରାଜସ୍ଥାନ ରୟାଲ୍ସ ଯିବେ ପାଣ୍ଡ୍ୟା

ନୂଆଦିଲ୍ଲୀ,୨୨।୬: ଆଇପିଏଲରେ ପୁଣି ଦୁର୍ବଳ ପ୍ରଦର୍ଶନ ପରେ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସରୁ ଅଲଗା ହେବାର ସମ୍ଭାବନା ସୃଷ୍ଟି ହୋଇଛି । ହାର୍ଦ୍ଦିକଙ୍କୁ ମୁମ୍ବାଇ ୨୦୨୪ରେ ଗୁଜରାଟ ଟାଇଟନ୍ସରୁ ଟ୍ରେଡ ଡିଲ ବଳରେ ଆଣିଥିଲା । ଏହାପରେ ସେ ଦଳର କମାଣ ସମ୍ଭାଳି ଥିଲେ । କିନ୍ତୁ ଏବେ ଆଉ ମୁମ୍ବାଇ ସହ ରହିବାକୁ ଚାହୁଁ ନାହାନ୍ତି । ଡ୍ରେସିଂ ରୁମ ବିବାଦ ଯୋଗୁ ହାର୍ଦ୍ଦିକ ଓ ମୁମ୍ବାଇ ଅଲଗା ଅଲଗା ହେବାକୁ ଯାଉନ୍ତି ।





ରିପୋର୍ଟ ଅନୁସାରେ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୋଟିଏ ଟ୍ରେଡ ଡିଲ ବଳରେ ନେବାକୁ ରାଜସ୍ଥାନ ରୟାଲ୍ସ ଆଗ୍ରହ ଦେଖାଇଛି । ମୁମ୍ବାଇ ମଧ୍ୟ ହାର୍ଦ୍ଦିକଙ୍କୁ ଛାଡିବାକୁ ପ୍ରସ୍ତୁତ ରହିଛି । କିନ୍ତୁ ତାଙ୍କ ବଦଳରେ ରାଜସ୍ଥାନର ଜଣେ ବିସ୍ଫୋରକ ବ୍ୟାଟରଙ୍କୁ ଆଣିବାକୁ ଚାହୁଁଛନ୍ତି ଦଳ । ରାଜସ୍ଥାନ ରୟାଲ୍ସ ଯଶସ୍ୱୀ ଜୈସୱାଲଙ୍କୁ ଦେଲେ ମୁମ୍ବାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦେବ ବୋଲି ସର୍ତ୍ତ ରଖିଛି । ଦୁଇ ଫ୍ରାଞ୍ଚାଇଜ ଏ ସମ୍ପର୍କରେ ଆଲୋଚନା ପ୍ରାୟ ଶେଷ କରିଛନ୍ତି । ଖୁବଶୀଘ୍ର ଏପରି ଅଦଳବଦଳ ଉପରେ ମୋହର ବାଜିମାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି ।

ଜୈସୱାଲ ମଧ୍ୟ ଗୋଟିଏରୁ ଦୁଇ ବର୍ଷ ହେଲା ବେଶ ଚର୍ଚ୍ଚାରେ ରହିଛନ୍ତି । ସଞ୍ଜୁ ସାମସନ ରାଜସ୍ଥାନରୁ ଚାଲି ଯିବା ପରେ ଜୈସୱାଲ ରାଜସ୍ଥାନ ଟିମରେ ବଡ ସୁରଷ୍ଟାର ହେବାକୁ ବାଟ ଫିଟିଥିଲା । ସେ ଅଧିନାୟକ ଦୌଡରେ ବି ରହିଥିଲେ । କିନ୍ତୁ ଟିମ ମ୍ୟାନେଜମେଣ୍ଟ ରିୟାନ ପରାଗଙ୍କୁ କ୍ୟାପ୍ଟେନ କରିଛନ୍ତି । ଏହାକୁ ନେଇ ଜୈସୱାଲ ସାମନ୍ୟ ମନ ଉଣା କରିଥିବା କୁହାଯାଉଛି ।

ଏହାବାଦ ରାଜସ୍ଥାନବ ବ୍ୟାଟିଂ ୟୁନିଟକୁ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଆସିବା ପରେ ଜୈସୱାଲଙ୍କ ଗୁରୁତ୍ୱ ମଧ୍ୟ କମି ଯାଇଛି । ସେ ବର୍ତ୍ତମାନ ରାଜସ୍ଥାନ ଟିମର ସବୁଠାରୁ ଚର୍ଚ୍ଚିତ ଚେହେରା ବନି ଯାଇଛନ୍ତି । ତେଣୁ ଏସବୁ ସମସ୍ୟାକୁ ମୁକୁଳିବା ପାଇଁ ଜୈସୱାଲ ଫ୍ରାଞ୍ଚାଇଜ ଛାଡିବା ଶ୍ରେୟସ୍କର ବୋଲି ବିଚାର କରୁଛନ୍ତି ।

ଜୈସୱାଲ ମୁମ୍ବାଇ ପାଇଁ ରଣଜୀ ଟ୍ରଫି ମଧ୍ୟ ଖେଳୁଛନ୍ତି । ତେଣୁ ମୁମ୍ବାଇ ତାଙ୍କ ପାଇଁ ସବୁଠାରୁ ଭଲ ସ୍ଥାନ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଛି । ହାର୍ଦ୍ଦିକଙ୍କ ବ୍ୟକ୍ତିଗତ ଟିମ ଟ୍ରେଡ ଡିଲ ପାଇଁ ରାଜସ୍ଥାନ ରୟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ସହ କଥାବାର୍ତ୍ତା ଜାରି ରଖିଛି । ମୁମ୍ବାଇ ଇଣ୍ଡିଆନ୍ସ ପାଣ୍ଡ୍ୟାଙ୍କ ବଦଳରେ ଜୈସୱାଲଙ୍କ ଛଡା ଆଉ କାହାକୁ ନେବା ମୁଡରେ ନଥିବା ସ୍ପଷ୍ଟ କରିଛି ।

ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସର ସୂର୍ଯ୍ୟ କୁମାର ଯାଦବ ମଧ୍ୟ ଗୋଟିଏ ନୂଆ ଟିମ ସନ୍ଧାନରେ ରହିଛନ୍ତି । ସେ ୨୦୨୭ ପୂର୍ବରୁ ନୂଆ ଦଳରେ ଯୋଗ ଦେଇ ପାରନ୍ତି । ଦଳର ସବୁଠାରୁ ବଡ ସୁପରଷ୍ଟାର ରୋହିତ ଶର୍ମା ନିଜ କ୍ୟାରିୟରର ଶେଷ ପାହାଚରେ ପହଞ୍ଚି ଯାଇଛନ୍ତି । ପାଣ୍ଡ୍ୟା ଓ ସୂର୍ଯ୍ୟ କୁମାର ମଧ୍ୟ ଅନ୍ୟତ୍ର ଯିବାର ଅଛି । ଏଥିପାଇଁ ମୁମ୍ବାଇ ଇଣ୍ଡିଆନ୍ସ ପରବର୍ତ୍ତୀ ପିଢ଼ିର ଖେଳାଳିଙ୍କୁ ନେଇ ନିଜ ଫ୍ରାଞ୍ଚାଇଜ ତିଆରି କରିବାକୁ ଚାହୁଁଛି । ଜୈସୱାଲ ଏହି ଯୋଜନାରେ ଫିଟ ହେଉଥିବା ମଧ୍ୟ ଦଳ ଆଶା କରିଛି ।

# ବିଶ୍ୱକପ୍ ପଦାର୍ପଣର ୯୨ ବର୍ଷ ପରେ ଇଜିପ୍ଟର ପ୍ରଥମ ବିଜୟ




ୱାଂଶିଟନ,,୨୨।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ ଐତିହାସିକ ସଫଳତା ହାସଲ କରିଛି ଇଜିପ୍ଟ । ୧୯୩୪ରେ ଫିଫାବିଶ୍ୱକପ୍ ପଦାର୍ପଣ କରିଥିବା ଏହି ଆଫ୍ରିକୀୟ ଆରବ ଦେଶ ଦୀର୍ଘ ୯୨ ବର୍ଷ ପରେ ପ୍ରଥମ ଥର ପାଇଁ ଗୋଟିଏ ମ୍ୟାଚ୍‌ରେ ବିଜୟ ହାସଲ କରିଛି । ସୋମବାର ସକାଳେ ଖେଳାଯାଇଥିବା ଗ୍ରୁପ‘ଜି’ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୧-୩ରେ ପରାସ୍ତ କରିଛି ଏହି ଦଳ । ମ୍ୟାଚ୍ ଆରମ୍ଭରୁ ୧୫ତମ ମିନିଟ୍‌ରେ ଫିନ୍ ସର୍‌ମାନ୍ ପ୍ରଥମ ଗୋଲ୍ ଦେଇ ନ୍ୟୁଜିଲାଣ୍ଡକୁ ଅଗ୍ରଣୀ କରିଥିଲେ । ତେବେ ୨୦ତମ ମିନିଟ୍‌ରେ ନ୍ୟୁଜିଲାଣ୍ଡର ଭାରତୀୟ ବଂଶୋଦ୍ଭବ ଖେଳାଳି ସରପ୍ରିତ୍ ସିଂଙ୍କୁ ହଳଦିଆ କାର୍ଡ ଦେଖାଇଥିଲେ ରେଫରି । ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ଏହି ସ୍ଥିତି ବଜାୟ ରଖିବାରେ ସଫଳ ହୋଇଥିଲା ନ୍ୟୁଜିଲାଣ୍ଡ । କିନ୍ତୁ ଦ୍ୱିତୀୟାର୍ଦ୍ଧରେ ସ୍ଥିତି ବଦଳିଯାଇଥିଲା । ଇଜିପ୍ଟର ଆକ୍ରାମକ ଖେଳ ଆଗରେ ନ୍ୟୁଜିଲାଣ୍ଡ ନିଷ୍ପ୍ରଭ ହୋଇଯାଇଥିଲା । ୫୮ତମ ମିନିଟ୍‌ରେ ମୁସ୍ତାଫା ଜିକୋ ଇଜିପ୍ଟ ପକ୍ଷରୁ ପ୍ରଥମ ଗୋଲ୍ ଦେଇ ସ୍ଥିତିକୁ ବରାବର କରିଥିଲେ । ଏହାର ଠିକ୍ ୯ ମିନିଟ୍ ପରେ ଅର୍ଥାତ୍ ୬୭ତମ ମିନିଟ୍‌ରେ ଇଜିପ୍ଟର କିମ୍ବଦନ୍ତି ଖେଳାଳି ମହମ୍ମଦ ସାଲେ ଆଉ ଏକ ଗୋଲ୍ ଦେଇ ଇଜିପ୍ଟକୁ ୨-୧ରେ ଅଗ୍ରଣୀ କରିଥିଲେ । ୮୨ତମ ମିନିଟ୍‌ରେ ଇଜିପ୍ଟର ବିଜୟ ସୁନିଶ୍ଚିତ ହୋଇଯାଇଥିଲା, ଯେତେବେଳେ ବଦଳ ଖେଳାଳିଭାବେ ଆସିଥିବା ଟ୍ରେଜେଗୁଏଟ୍ ଅଧିନାୟକ ସାଲେଙ୍କ ଏକ ନିଖୁଣ କର୍ଣ୍ଣରକୁ ଚମତ୍କାର ଢଙ୍ଗରେ ହେଡ୍ କରି ଗୋଲ୍‌ରେ ପରିଣତ କରିଦେଇଥିଲେ । ପରବର୍ତ୍ତୀ ସମୟରେ ଗୋଲ୍ କରିବାକୁ ନ୍ୟୁଜିଲାଣ୍ଡ ପକ୍ଷରୁ ପ୍ରବଳ ଉଦ୍ୟମ କରାଯାଇଥିଲେ ବି ସଫଳତା ମିଳିନଥିଲା । ଅତିରିକ୍ତ ସମୟରେ ନ୍ୟୁଜିଲାଣ୍ଡ ପକ୍ଷରୁ ମାର୍କ ଷ୍ଟାମେନିକ୍ ଓ ଟେଲର୍ ବିଣ୍ଡନ୍ ଗୋଲ୍ କରିବାକୁ ଉଦ୍ୟମ କରିଥିଲେ ବି ଇଜିପ୍ଟର ଗୋଲକିପର୍ ମୁସ୍ତାଫା ସୌବିର ତାହାକୁ ବିଫଳ କରିଦେଇଥିଲେ । ଏହି ବିଜୟ ସହ ଇଜିପ୍ଟ ଗୋଟିଏ ବିଜୟ, ଗୋଟିଏ ଡ୍ର ସହିତ ଗ୍ରୁପ‘ଜି’ର ଶୀର୍ଷରେ ପହଞ୍ଚିଛି ଓ ନକ୍‌ଆଉଟ୍ ଖେଳିବା ସମ୍ଭାବନା ବୃଦ୍ଧି କରିଛି ।

# ଉରୁଗୁଏକୁ ଅଟକାଇଲା କେବ୍ ଭର୍ଡେ

ମାୟାମି,,୨୨।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ ନିଜର ଐତିହାସିକ ପ୍ରଦର୍ଶନ ଜାରି ରଖିଛି କେବ୍ ଭର୍ଡେ । ମାୟାମି ଷ୍ଟାଡିୟମରେ ସୋମବାର ଭୋର୍ ସମୟରେ ଖେଳାଯାଇଥିବା ଗ୍ରୁପ‘ଏଚ୍’ ମ୍ୟାଚ୍‌ରେ ଉରୁଗୁଏ ସହ ମ୍ୟାଚ୍ ଡ୍ର ରଖିବାରେ ସଫଳ ହୋଇଛି ଏହି ଆଫ୍ରିକୀୟ ଦେଶ । ତେବେ ଏହି ଦଳ ଦ୍ୱାରା କରାଯାଇଥିବା ଏକ ଗୋଲ୍ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି । ଚର୍ଚ୍ଚିତ ଗୋଲ୍‌ଟି ମ୍ୟାଚ୍‌ର ୨୧ତମ ମିନିଟ୍‌ରେ କେବ୍ ଭର୍ଡେ ପକ୍ଷରୁ କେଭିନ୍ ପିନା ଦେଇଥିଲେ । ଏକ ‘ଫ୍ରି କିକ୍’କୁ ଗୋଲ୍‌ରେ ପରିଣତ କରି ସେ ବିପକ୍ଷ ଉରୁଗୁଏକୁ ସ୍ତବ୍ଧ କରିଦେଇଥିଲେ । ୧୯୬୬ ପରେ ଫିଫା ବିଶ୍ୱକପ୍‌ରେ ଫ୍ରି କିକ୍‌କୁ ଗୋଲ୍‌ରେ ପରିବର୍ତ୍ତନ କରିବାର ଏକ ପ୍ରଥମ ଘଟଣା । ଆଉ ଏକ କାରଣରୁ ପିନାଙ୍କ ଗୋଲ୍‌କୁ ଐତିହାସିକ ବୋଲି କୁହାଯାଉଛି, ତାହା ହେଉଛି ବିଶ୍ୱକପ୍ ଇତିହାସରେ କେବ୍ ଭର୍ଡେର ଏହା ପ୍ରଥମ ଗୋଲ୍ । ୨୧ ତମ ମିନିଟ୍‌ରେ କେବ୍ ଭର୍ଡେ ଏହି ଗୋଲ୍ ଦେଇ ୧-୦ରେ ଆଗୁଆ ହୋଇଯାଇଥିଲେ ବି ମଧ୍ୟାନ୍ତରର ଠିକ୍ ପୂର୍ବରୁ ଉରୁଗୁଏ ପକ୍ଷରୁ ମାକ୍ସି ଆରାଉଜୋ ଏକ ଗୋଲ୍ ଦେଇ ସ୍ଥିତି ବରାବର କରିଥିଲେ । ଆହତ ସମୟରେ ଅଗଷ୍ଟିନ କାନୋବିଓ ଆଉ ଏକ ଗୋଲ୍ ଦେଇ ଉରୁଗୁଏକୁ ୨-୧ରେ ଆଗୁଆ କରିଦେଇଥିଲେ । କିନ୍ତୁ ଉରୁଗୁଏ ଆଗରେ ହାର୍ ମାନିବାକୁ ପ୍ରସ୍ତୁତ ନଥିଲା କେବ୍ ଭର୍ଡେ । ୫୮ତମ ମିନିଟ୍‌ରେ ଗ୍ୟାରି ରୋଡ୍ରିଗ୍ସଙ୍କ ସ୍ଥାନରେ ପଡ଼ିଆକୁ ଆସିଥିବା ହେଲିଓ ଭାରେଲା ମାତ୍ର ତିନି ମିନିଟ୍ ପରେ ଅର୍ଥାତ୍ ୬୧ତମ ମିନିଟ୍‌ରେ ଏକ ଗୋଲ୍ କରି ସ୍ଥିତିକୁ ପୁଣି ବରାବର କରିଦେଇଥିଲେ । ଶେଷ ପର୍ଯ୍ୟନ୍ତ ଦୁଇ ଦଳ ପକ୍ଷରୁ ଘନ ଘନ ଆକ୍ରମଣ କରାଯାଇଥିଲେ ବି ଆଉ ଗୋଲ୍ ହୋଇନଥିଲା । ଦୁଇଟି ଡ୍ର ସହ ୨ ପଏଣ୍ଟ ପାଇବା ପରେ କେବ୍ ଭର୍ଡେର ନକ୍‌ଆଉଟ୍ ଖେଳିବା ସମ୍ଭାବନା ବୃଦ୍ଧି ପାଇଛି ।



## ମା ଓଭରହାର ପାଇଁ ୧୨ ଡବ୍ଲ୍ୟୁଟିସି ପଏଣ୍ଟ ହରାଇଲା ଇଂଲଣ୍ଡ

ଲଣ୍ଡନ,,୨୨।୬(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଧିମା ଓଭରହାର ପାଇଁ ଦଣ୍ଡିତ ହୋଇଛି ଇଂଲଣ୍ଡ । ଦଳର ଖେଳାଳିଙ୍କ ୫୦ ପ୍ରତିଶତ ମ୍ୟାଚ୍ ପାଉଣା କଟାଯାଇଛି । ଏହା ସହିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ରୁ ୧୨ ପଏଣ୍ଟ ହରାଇଛି ଇଂଲଣ୍ଡ । ଏ ନେଇ ଆଇସିସି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ଇଂଲଣ୍ଡର ବୋଲିଂ ହାର ଧିମା ରହିଥିଲା ଓ ଧାର୍ଯ୍ୟ ସମୟ ସୁଦ୍ଧା



୧୨ ଓଭର ପଛୁଆ ରହିଥିଲା । ଏଣୁ ଆଇସିସି ଆଚରଣବିଧିର ଧାରା ୨.୨୨ ଅନୁଯାୟୀ ଖେଳାଳିମାନଙ୍କ ୫୦ ପ୍ରତିଶତ ମ୍ୟାଚ୍‌ପାଉଣା ଏବଂ ଦଳର ୧୨ ଡବ୍ଲ୍ୟୁଟିସି ପଏଣ୍ଟ କଟାଯାଇଛି । ଏହି ହ୍ରାସ ପରେ ଇଂଲଣ୍ଡର ଡବ୍ଲ୍ୟୁଟିସି ପଏଣ୍ଟ ୩୮କୁ ହ୍ରାସ ପାଇଛି ଓ ଏହାର ପଏଣ୍ଟ ପ୍ରତିଶତ ୩୪.୭୨ରୁ ୨୬.୩୮କୁ କମିଆସିଛି । ଏହା ଫଳରେ ଦଳର ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍ ରାସ୍ତା କଷ୍ଟକର ହୋଇଯାଇଛି । ଦ୍ୱିତୀୟ ଟେଷ୍ଟରେ ନ୍ୟୁଜିଲାଣ୍ଡ ୨୫୩ ରନ୍‌ରେ ଇଂଲଣ୍ଡକୁ ପରାସ୍ତକରିଥିଲା ।

# ଅଧିନାୟକ ପଦ ଫେରିପାଇଲେ ଷ୍ଟୋକ୍ସ



ଲଣ୍ଡନ,୨୨।୬(ଏଜେନସି): ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପରାଜୟ ପରେ ଇଂଲଣ୍ଡ ଦଳରେ କେତେକ ପରିବର୍ତ୍ତନ କରାଯାଇଛି । ଅଧିନାୟକ ପଦକୁ ପୁଣି ଫେରିଛନ୍ତି ବେନ୍ ଷ୍ଟୋକ୍ସ । ଏହା ସହିତ ଦ୍ରୁତ ବୋଲର୍ ଗସ୍ ଅଟକିନ୍‌ସନ ବି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ନାଇଟ୍ କ୍ଲବ୍ ବିବାଦ ପରେ ଉଭୟଙ୍କୁ କିଛିଦିନ ଲାଗି ଦଳରୁ ଦୂରେଇ ରଖାଯାଇଥିଲା । ଦଳରୁ ସାମୟିକ ସମୟ ପାଇଁ ବାଦ୍ ପଡ଼ିବା ପରେ ଷ୍ଟୋକ୍ସ ଡରହାମ୍ ପକ୍ଷରୁ କାଉଣ୍ଟି କ୍ରିକେଟ୍ ଖେଳୁଥିଲେ ।

ଏହି ପ୍ରତିଯୋଗିତାରେ ନର୍ଥହାମ୍ପଟନସାୟାର ବିପକ୍ଷ ମ୍ୟାଚ୍‌ରେ ସେ ୧୧୮ ବଲ୍‌ରୁ ୯୫ ରନ୍ କରି ଇସିବିର ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ଇସିବିର ଅନୁରୋଧକ୍ରମେ ସେ ଅଧାରୁ କାଉଣ୍ଟି କ୍ରିକେଟ୍‌ରୁ ଓହରି ପୁଣି ଜାତୀୟ ଦଳର ନେତୃତ୍ୱ ନେବାକୁ ଫେରିଛନ୍ତି । ନାଇଟ୍ କ୍ଲବ ବିବାଦକୁ ନେଇ ଜୁନ ୮ରେ ଇସିବିର ଶୃଙ୍ଖଳା କମିଟି ଶୁଣାଣି କରିଥିଲେ । ସେଥିରେ ଉଭୟଙ୍କୁ ଦୋଷମୁକ୍ତ କରାଯାଇଥିଲା । ଏ ସଂପର୍କିତ ତଦନ୍ତ ପରେ ଇସିବି ପକ୍ଷରୁ କୁହାଯାଇଛି ଯେ ନାଇଟ୍ କ୍ଲବରେ ଗଣ୍ଡଗୋଳ ସମୟରେ ଷ୍ଟୋକ୍ସ ଉପସ୍ଥିତ ନଥିଲେ ।

ସେହିପରି ଅଟକିନ୍‌ସନଙ୍କ ଉପରେ ଆକ୍ରମଣ ହୋଇଥିଲେ ବି ସେ ତାହାର ଜବାବ ଦେଇନଥିଲେ । ଏଣୁ ହିଂସା ପାଇଁ ଉଭୟଙ୍କୁ ଦାୟୀ କରାଯାଇପାରିବ ନାହିଁ । ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ଆସନ୍ତା ୨୫ ତାରିଖରୁ ନଟିଂହାମ୍‌ର ଟେଣ୍ଟବ୍ରିଜ୍‌ଠାରେ ଖେଳାଯିବ । ଷ୍ଟୋକ୍ସ ଓ ଅଟକିନ୍‌ସନ ଫେରିବା ପରେ ଇଂଲଣ୍ଡ ଦଳ ଅଧିକ ସନ୍ତୁଳିତ ହେବା ସହ ଏହାର ଶକ୍ତି ବୃଦ୍ଧି ପାଇବା ଆଶା କରାଯାଉଛି ।

## ପ୍ରିତମ୍‌ଙ୍କୁ ସ୍ୱର୍ଣ୍ଣ, ୧୧ରେ ପହଞ୍ଚିଲା ଭାରତର ପଦକ ସଂଖ୍ୟା

ସୁଲ୍ (ଜର୍ମାନୀ),୨୨।୬(ଏଜେନ୍ସି): ଏଠାରେ ଚାଲିଥିବା ବିଶ୍ୱ କନିଷ୍ଠ ବନ୍ଧୁକଚାଳନା ଚାମ୍ପିଅନସିପ୍‌ରେ ଭାରତର ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରହିଛି । ବାଳକ ୧୦ ମିଟର ଏୟାର ରାଇଫଲ୍ ବର୍ଗରେ ପ୍ରିତମ କେନ୍ଦ୍ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଫାଇନାଲ୍‌ରେ ପୁଣେର ଏହି ୧୬ ବର୍ଷୀୟ କିଶୋର ୨୫୧.୩ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନରେ ରହିଥିଲେ । ରୁଷର ତିମୋଫେଇ ଆଲେନକୋଭ୍ ରୌପ୍ୟ ଓ ନରୱେର ଜେନ୍ସ ଓଏଷ୍ଟଲି କାଂସ୍ୟ ପଦକ ଜିତିଛନ୍ତି । ସେହିପରି ବାଳିକା ଦଳଗତ ୨୫ ମିଟର ଇଭେଣ୍ଟରେ ଭାରତ କାଂସ୍ୟ ପଦକ ଜିତିଛି । ଏହା ସହିତ ଭାରତର ପଦକ ସଂଖ୍ୟା ୫ ସ୍ୱର୍ଣ୍ଣ ସହ ମୋଟ ୧୧ରେ ପହଞ୍ଚିଛି । ଏହି ପ୍ରତିଯୋଗିତାରେ ସାରା ବିଶ୍ୱରୁ ୮୦୦ରୁ ଅଧିକ ସୁଟର୍ ଯୋଗ ଦେଇଛନ୍ତି । ସେଠାକୁ ଭାରତ ଏକ ୮୪ ଜଣିଆ ଦଳ ପଠାଇଛି ।

# ଇଂଲଣ୍ଡଠୁ ପ୍ରତିଶୋଧ ନେଲା ନ୍ୟୁଜିଲାଣ୍ଡ

ଲଣ୍ଡନ୍,୨୨।୬(ଏଜେନ୍ସି): ଲର୍ଡସ ଟେଷ୍ଟ ପରାଜୟର ପ୍ରତିଶୋଧକୁ ଦ ଓଭାଲରେ ନେଇଯାଇଛି ନ୍ୟୁଜିଲାଣ୍ଡ । ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ରବିବାର ୨୫୩ ରନ୍‌ର ବୃହତ ବ୍ୟବଧାନରେ ଜିତିଯାଇଛି । ଏଥି ସହିତ ୩ ମ୍ୟାଚ୍ ଶୃଙ୍ଖଳା ବି ୧-୧ ସ୍ତରକୁ ଚାଲିଆସିଛି । ଉଭୟ ପାଳିରୁ ୧୧ ୱିକେଟ୍ ନେଇ ଦ୍ରୁତ ବୋଲର ମ୍ୟାଟ୍ ହେନରି (୫/୮୦ ଓ ୬/୨୯) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ସମ୍ମାନ ପାଇଛନ୍ତି । ଶୃଙ୍ଖଳା ନିର୍ଣ୍ଣାୟକ ତୃତୀୟ ତଥା ଶେଷ ଟେଷ୍ଟ୍ ଜୁନ୍ ୨୫ ତାରିଖ ଗୁରୁବାରଠାରୁ ନଟିଂହାମ୍‌ରେ ଆରମ୍ଭ ହେବ । ବ୍ୟାଟ୍ ଓ ବଲ୍‌ରେ ସନ୍ତୁଳନ ରକ୍ଷା କରିବାରେ ସକ୍ଷମ ହୋଇଥିବା ଏହି ଟେଷ୍ଟରେ ଇଂଲଣ୍ଡ ସମ୍ମୁଖରେ ୪୬୩ ରନ୍ ଲକ୍ଷ୍ୟ ରହିଥିଲା । ଚତୁର୍ଥ ଦିନ ଖେଳ ସୁଦ୍ଧା ଘରୋଇ ଦଳ ୫ ୱିକେଟ୍‌ରେ ୧୮୨ ରନ୍ କରିଥିଲା । ରବିବାର ପଞ୍ଚମ ଦିନ ପ୍ରଥମ ଅଧିବେଶନରେ ହିଁ ଅବଶିଷ୍ଟ ୫ ୱିକେଟ୍‌କୁ ମ୍ୟାଟ୍ ହେନରି ଦଖଲ କରି ନିଜ ଟେଷ୍ଟ କ୍ୟାରିୟରରେ ପ୍ରଥମ ଥର ୧୦ ୱିକେଟ୍ ସଫଳତା ବି ଅର୍ଜନ କରିଥିଲେ । ରବିବାର ନିଜ ଦ୍ୱିତୀୟ ଓ ତୃତୀୟ ଓଭରରେ ୨ଟି ଲେଖାଏଁ ୱିକେଟ୍ ବାହାର କରି ସେ ମ୍ୟାଚ୍‌କୁ ୧୦.୧ ଓଭର ଭିତରେ ଶେଷ କରି ଦେଇଥିଲେ । ସକାଳେ ତାଙ୍କ ପ୍ରଥମ ଶିକାର ହୋଇଥିଲେ କାମଚଳା ଅଧିନାୟକ ଜୋ ରୁଟ୍ (୭୭) । ପୂର୍ବସଂଧ୍ୟାରେ ଜାମିସନ୍ ୩ ୱିକେଟ୍ ନେଇଥିବାବେଳେ ହେନରି ଅବଶିଷ୍ଟ କାମକୁ



ରବିବାର ସକାଳେ ସୁଚାରୁରୂପେ ତୁଲାଇନେଇଥିଲେ । ପୂର୍ବରୁ ନ୍ୟୁଜିଲାଣ୍ଡର ୩୯୧ ରନ୍ ଜବାବରେ ଇଂଲଣ୍ଡ ୨୯୧ ରନ୍ କରିଥିଲା । ନ୍ୟୁଜିଲାଣ୍ଡ ଦ୍ୱିତୀୟ ପାଳିରେ ୩୬୨ କରିଥିଲା ।

# ବିଶ୍ୱକପ ଭିତରେ ଶାନ୍ତି ସନ୍ଦେଶ ଦେଲା ଇରାନ୍

ନୂଆଦିଲ୍ଲୀ,୨୨।୬(ଏଜେନ୍ସି): ଫିଫା ବିଶ୍ୱକପ ୨୦୨୬ ଜାରି ରହିଛି । ବିଶ୍ୱକପ ଭିତରେ ଇରାନ ଟିମ୍ ମୈଦାନ ବାହାରେ ଏମିତି ଏକ ପଦକ୍ଷେପ ନେଇଛି, ଯାହାକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି । ଗତକାଲି ବେଲଜିୟମ ବିପକ୍ଷରେ ୦-୦ ଗୋଲରେ ମ୍ୟାଚ୍ ଡ୍ର କରିଥିଲା ଇରାନ ଟିମ୍ । ଏହାପରେ ଇରାନୀ ପ୍ଲେୟାର ଲସ୍ ଏଞ୍ଜେଲସରେ ସୋଫି ଷ୍ଟାଡିୟମର ଡ୍ରେସିଂ ରୁମରେ ଏକ ଇମୋସନାଲ ନୋଟ୍ ସେୟାର କରିଛନ୍ତି । ଯାହା ଦୁନିଆର ଫୁଟବଲ ପ୍ଲେୟାରଙ୍କୁ ଏବଂ ଫ୍ୟାନ୍ସଙ୍କୁ ଭାବୁକ କରିଛି ।



ଶାନ୍ତି ବାର୍ତ୍ତାରେ ଇରାନ ଟିମ୍ କେବଳ ଆୟୋଜକ ଟିମକୁ ଧନ୍ୟବାଦ ଦେଇନାହିଁ । ସନ୍ଦେଶରେ ତାର ଦେଶ, ସମର୍ଥକ ଏବଂ ବିଶ୍ୱ ଶାନ୍ତି ପାଇଁ ଭାବନା ଜାରି କରିଛି । ଇରାନ ଫୁଟବଲ ମହାସଂଘ ପରବର୍ତ୍ତୀ ସମୟରେ ଏହି ନୋଟକୁ ସାର୍ବଜନିନ କରିଛି । ଏହାପରେ ଇମୋସନାଲ ମେସେଜ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ନୋଟରେ ଲେଖାଯାଇଛି କି, ହଜାର ବର୍ଷ ପୁରୁଣା ପାରସରୁ ନେଇ ଆଜି ସଭ୍ୟ ଇରାନ ଯାଏ, ଇରାନର ଭାବନା ଆଜି ଜୀବିତ । ଲସ୍ ଏଞ୍ଜେଲେସ୍ ଆୟୋଜନ ପାଇଁ ଧନ୍ୟବାଦ । ଆମେ ଗର୍ବିତ କି ଏଠାକୁ ଆସିଛୁ । ସମ୍ମାନର ସହିତ ଖେଳିଲୁ । ସମ୍ମାନର ସହ ବିଦାୟ ନେଇଛୁ । ଇରାନ ଟିମ୍ ତାର ପ୍ରଶଂସକଙ୍କ ପ୍ରତି କୃତଜ୍ଞତା ଜଣାଇଛି, ଯେଉଁମାନେ ଉଭୟ ମ୍ୟାଚ୍ ସମୟରେ ଷ୍ଟାଡିୟମକୁ ଘର ଭଳି ଅନୁଭବ କରାଇଥିଲେ । ଲସ୍ ଆଞ୍ଜେଲସ୍ ବିଶ୍ୱର ସବୁଠାରୁ ବଡ଼ ଇରାନୀ ସମ୍ପ୍ରଦାୟ ମଧ୍ୟରୁ ଗୋଟିଏର ଘର, ଏବଂ ଷ୍ଟାଣ୍ଡରେ ଏହାର ଉପସ୍ଥିତି ସ୍ପଷ୍ଟ ବାରି ହୋଇପଡୁଥିଲା । ଏହି ୧୮୦ ମିନିଟ୍ ମଧ୍ୟରେ ଆମକୁ ହୃଦୟ, ସ୍ୱର ଏବଂ ଆତ୍ମା ସହିତ ସମର୍ଥନ କରିଥିବା ପ୍ରତ୍ୟେକ ଇରାନୀଙ୍କୁ ଧନ୍ୟବାଦ । ବିଶ୍ୱ ଦେଖିଲା ଇରାନ୍ ଯନ୍ତ୍ରଣା- ନୋଟରେ ବିଶ୍ୱ ପାଇଁ ଏକ ବିଶେଷ ବାର୍ତ୍ତା ମଧ୍ୟ ଥିଲା । ଏଥିରେ ଲେଖାଥିଲା, ‘ଆମେ କାମନା କରୁଛୁ ଯେ, ସମସ୍ତ ରାଷ୍ଟ୍ର ମଧ୍ୟରେ ଶାନ୍ତି, ସମ୍ମାନ ଏବଂ ବନ୍ଧୁତା ବଜାୟ ରହୁ ।’ ଏହି ଭାବପ୍ରବଣ ବାର୍ତ୍ତାରେ ୪୧୬୮ ଏବଂ ୪ମିନାବ ହ୍ୟାସ୍ ଟ୍ୟାଗ୍ ଲେଖିଛି । ଏଗୁଡ଼ିକ ଇରାନର ମିନାବ ସହରରେ ଏକ ସ୍କୁଲ ଉପରେ ହୋଇଥିବା ଆକ୍ରମଣକୁ ବୁଝାଏ, ଯାହା ସମଗ୍ର ଦେଶକୁ ଥରାଇ ଦେଇଥିଲା ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _
Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ